



# ୨୦ ବର୍ଷ ଧରି କେନ୍ଦ୍ର ସରକାରଙ୍କ ନାଲିଫିତା ତଳେ ନଦୀ ସଂସ୍କାର ଯୋଜନା

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଜାତୀୟ ଜଳପଥ ଯୋଜନାରେ ବ୍ରାହ୍ମଣୀ ମହାନଦୀ, ମନ୍ତେଇ ଓ ଖରସୁଆଁ ଭଳି ନଦୀର ସଂସ୍କାର ପ୍ରକଳ୍ପ ଆଜିକୁ ଦୀର୍ଘ ୨୦ ବର୍ଷ ହେବ କେନ୍ଦ୍ର ସରକାରଙ୍କ ନାଲିଫିତା ତଳେ ପଡ଼ିରହିଛି। ଭାରତୀୟ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣ ସଂସ୍ଥା ପକ୍ଷରୁ ପ୍ରସ୍ତୁତ ନଦୀ ସଂସ୍କାର ପ୍ରକଳ୍ପର ବିକାଶ ନିମନ୍ତେ ୫ ହଜାର କୋଟି ଟଙ୍କାର ଏକ ଯୋଜନା ଆରମ୍ଭ ହୋଇଥିଲା। ଯାହାଫଳରେ ପୋତିହୋଇ ପଡ଼ିଥିବା ଇଷ୍ଟକୋଷ୍ଟ କେନାଲ ତା'ର ପୂର୍ବଭାଗ୍ୟ ପୁଣି ଥରେ ଫେରି ପାଇବାର ଆଶା ଉଜ୍ଜୀବିତ ହୋଇଥିଲା। ଏହି ଯୋଜନାରେ ଉପରୋକ୍ତ ୪ଟି ନଦୀର ସଂସ୍କାର ମଧ୍ୟ ସାମିଲ ହୋଇଥିଲା। ଏପରିକି ଭଦ୍ରକ ଜିଲ୍ଲାର ତିହିଡି ଓ ବାସୁଦେବପୁର ବ୍ଲକ୍‌ବାସୀଙ୍କର ଆଶା ଏହି ଯୋଜନାରେ ସଫଳ ହେବ ବୋଲି ଆଶା ରହିଥିଲା। ମାତ୍ର ଦୀର୍ଘ ୨୦ ବର୍ଷ ହେବ ସମସ୍ତ ଆଶା ଓ ଭରସା ନିରାଶାରେ ପରିଣତ ହୋଇଛି। କାହିଁକିନା କେନ୍ଦ୍ର ସରକାରଙ୍କ ଏହି ଯୋଜନା ଏବେ ଦୁଇ ଦଶନ୍ଧି ଧରି ଶୀତଳ ଭଣ୍ଡାରରେ ପଡ଼ିରହି କାର୍ଯ୍ୟକାରୀ ହେବାର କୌଣସି ସୂଚନା ନାହିଁ। ଯାହା ଜଣାଯାଏ ପ୍ରସ୍ତାବିତ ଜାତୀୟ ଜଳପଥ ରାସ୍ତା-୫ ଯୋଜନାରେ ୫୮୮ କି.ମି ବିକାଶ ହେବାର ଯୋଜନା ରହିଥିଲା। ପ୍ରଥମ ପର୍ଯ୍ୟାୟରେ ୩୨୩ କିମି କାର୍ଯ୍ୟକାରୀ ହେବାର ଯୋଜନା ପ୍ରସ୍ତୁତ ହୋଇଥିଲା। ଏହି ଜଳପଥ ଯୋଜନାରେ ବ୍ରାହ୍ମଣୀ ନଦୀରେ ତାଳଚେରରୁ ଜୋକଡିଆଁ ଯାଏ ଖୋଳାହେବାର ସ୍ଥିର ହୋଇଥିବାବେଳେ ଖରସୁଆଁ ନଦୀରେ ଜୋକଡିଆଁରୁ ମଙ୍ଗଳାଗଡ଼ି ପର୍ଯ୍ୟନ୍ତ ସେହିଭଳି ମହାନଦୀରେ ମଙ୍ଗଳାଗଡି ଠାରୁ ଧାମରା ମୁହାଁଣ, ମନ୍ତେଇ ନଦୀର ଚାରିବାଟିଆ ଠାରୁ ଧାମରା ମୁହାଣ ପର୍ଯ୍ୟନ୍ତ ଉପରୋକ୍ତ ନଦୀପଥ ସଂସ୍କାର ହେବ ବୋଲି ନିର୍ଦ୍ଧାରିତ ହୋଇଥିଲା। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୫ ହଜାର କୋଟି ଟଙ୍କାରୁ ଏହି ୪ଟି ନଦୀର ଜଳପଥ ପାଇଁ ୨୭ ଶହ କୋଟି ଟଙ୍କାର ଆବଶ୍ୟକ ଥିଲା। ଏଥିପାଇଁ ରାଜ୍ୟ ସରକାର ବେସରକାରୀ ଅର୍ଥଲଗାଣକାରୀ ସଂସ୍ଥା ଖୋଜୁଥିଲେ। ଏହି ଜଳପଥ ପ୍ରସ୍ତୁତ ହେଲେ ଏଥିରେ ଜାହାଜ ଚଳାଚଳ ପାଇଁ ୨୫୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଯାହାଦ୍ୱାରା ୨୪ ଶହରୁ ୩ ହଜାର ଟନ୍ କ୍ଷମତା ବିଶିଷ୍ଟ ଛୋଟ ଛୋଟ ଜାହାଜ ଏହି ନଦୀପଥରେ ଚଳାଚଳ କରିପାରି ଥାଆନ୍ତା। ଯାହା ଜଣାଯାଏ ଉନ୍ନବିଂଶ ଶତାବ୍ଦୀର ୬୨୩ କିମି ବ୍ୟାପୀ ସୁଦୀର୍ଘ ଇଷ୍ଟକୋଷ୍ଟ କେନାଲରେ ଫାରସୀମାନେ ଜଳପଥରେ ଆସି ବାଣିଜ୍ୟ କାରବାର ପାଇଁ ୧୮୧୮ ମସିହାରେ ବୈତରଣୀରୁ ଗଙ୍ଗା ନଦୀ ପର୍ଯ୍ୟନ୍ତ ଖନନ କରାଇଥିଲେ। ଏହି ବୃହତ୍ କେନାଲକୁ ନ' ଅଙ୍କ ଦୁର୍ଭିକ୍ଷ ବେଳେ ଖାଦ୍ୟଶସ୍ୟ ପରିବହନ ନିମନ୍ତେ ଇଂରେଜମାନେ ପୁନର୍ବାର ଖନନ କରିଥିଲେ। ସେମାନେ ଏହାର ନାମ ଓଡ଼ିଶା କୋଷ୍ଟ କେନାଲ ରଖିଥିଲେ। ଯାହା ରକ୍ଷଣାବେକ୍ଷଣ ଓ ପୁନରୁଦ୍ଧାର ଅଭାବରୁ ଏବେ ପୋତି ହୋଇଗଲାଣି। ଦିନ ଥିଲା ୩୦ ମିଟର ଓସାରର ଏହି କେନାଲରେ ବୋଟ୍, ଡଙ୍ଗା ଓ ଲଞ୍ଚ୍ ଯାତାୟାତ କରୁଥିଲା। ଯାହା ଏବେ ପୋତିହୋଇ ମାତ୍ର ୫ ମିଟର ଓସାରକୁ ଆସିଗଲାଣି। ଏନଡିଏ ସରକାରଙ୍କ ସମୟରେ ୧୦ମ ପଞ୍ଚବାର୍ଷିକ ଯୋଜନାରେ ଜାତୀୟ ଅର୍ନ୍ତଦେଶୀୟ ଜଳପଥ ପରିଷଦ ଦ୍ୱାରା ନୂତନ କେନାଲ ବ୍ୟବସ୍ଥାର ପୁନରୁଦ୍ଧାର ଯୋଜନା କାର୍ଯ୍ୟକାରୀ ହେବାର ନିଷ୍ପତ୍ତି ହୋଇଥିଲା। ସେଥିମଧ୍ୟରେ ଇଷ୍ଟକୋଷ୍ଟ କେନାଲ ସ୍ଥାନ ପାଇବା ନେଇ ସମସ୍ତଙ୍କ ମନରେ ନୂତନ ଆଶା ଉଜ୍ଜୀବିତ ହୋଇଥିଲା। ସେହି ସମୟରେ ଏହାର ପୁନରୁଦ୍ଧାର ପାଇଁ ୧୯ ଶହ କୋଟି ଟଙ୍କାର ଏକ ପ୍ରକଳ୍ପ ପ୍ରସ୍ତୁତ କରାଯାଇଥିଲା। ସେଥିରୁ କେନାଲ ଖନନ ପାଇଁ ୬ ଶହ କୋଟିର ବ୍ୟୟ ଅଟକଳ କରା ଯାଇଥିବାବେଳେ ୬ ଗୋଟି ନିୟନ୍ତ୍ରଣ କେନ୍ଦ୍ରର ବିକାଶ ଓ ଆନୁସଙ୍ଗିକ ବ୍ୟୟ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୧୩୧୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ଆକଳନ କରାଯାଇଥିଲା। ଏପରିକି ଖନନ ସମୟରେ କେନାଲକୁ ୩୨ ମିଟର ଚଉଡ଼ା ଓ ୨ ମିଟର ଗଭୀର କରିବା ସହିତ ବିଭିନ୍ନ ସ୍ଥାନରେ ସେତୁ ନିର୍ମାଣର ଯୋଜନା ପ୍ରସ୍ତୁତ ହୋଇଥିଲା। କିନ୍ତୁ ଏହା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମୟରୁ ପ୍ରସ୍ତୁତ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଦୀର୍ଘ ୨୦ ବର୍ଷ ହେବ କାର୍ଯ୍ୟକାରୀ ହୋଇପାରିନାହିଁ। ଏହି ଯୋଜନା ଅନ୍ତର୍ଭୁକ୍ତ ଇଷ୍ଟକୋଷ୍ଟ କେନାଲ ସହିତ ମନ୍ତେଇ ନଦୀର ଅବବାହିକା ଅଞ୍ଚଳ ସୁନାବ୍ୟା ହୋଇପାରିବ ବୋଲି ସାଧାରଣରେ ବେଶ୍ ଆନନ୍ଦ ପ୍ରକାଶ ପାଇଥିଲା। କିନ୍ତୁ ଅର୍ନ୍ତଦେଶୀୟ ଜଳପଥର ଏହି ଯୋଜନା ଏବେ ଦିବାସ୍ୱପ୍ନରେ ପରିଣତ ହୋଇଯାଇଛି। ଚଳିତ ନିର୍ବାଚନରେ ବହୁମତ ନେଇ କେନ୍ଦ୍ରରେ ଏନ୍‌ଡିଏ ସରକାର ତୃତୀୟଥର ପାଇଁ ପଦଭାର ସମ୍ଭାଳି ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଭାବେ ଆଜି ଶପଥ ନେଇଛନ୍ତି। ତେଣୁ ଏହି ସରକାରରେ ଓଡ଼ିଶାରୁ ବିଜୟୀ ହୋଇଥିବା ସାଂସଦମାନେ ଏହି ବୃହତ୍ ପ୍ରକଳ୍ପର କାର୍ଯ୍ୟକାରିତା ନେଇ କିଭଳି ଦାବି ଉପସ୍ଥାପନା କରିବେ, ତାହା ଦେଖିବାକୁ ବାକି ରହିଲା।

# ଜାରକା-ବ୍ରହ୍ମବରଦା ମୁଖ୍ୟ ରାସ୍ତା ପାଲଟିଛି ପାର୍କିଂ ଜୋନ୍

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଜନସାଧାରଣଙ୍କ ସୁବିଧା ନିମନ୍ତେ ସରକାର ଗ୍ରାମାଞ୍ଚଳର ମୁଖ୍ୟ ରାସ୍ତା ନୂତନ ରାସ୍ତାର ସମ୍ପ୍ରସାରଣ ଓ ମରାମତି କାର୍ଯ୍ୟ କରୁଛନ୍ତି। କାର୍ଯ୍ୟ ଶେଷ ହେବା ପରେ କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ଦ୍ୱାରା ଜବର ଦଖଲ କରାଯାଉଛି। ମୁଖ୍ୟ ରାସ୍ତାମାନଙ୍କରେ ଅନେକ ବ୍ୟକ୍ତି ବ୍ୟବସାୟ ପ୍ରତିଷ୍ଠାନକୁ ବୃଦ୍ଧି କରିବା ସହ ଅନେକ ବ୍ୟକ୍ତି ମୁଖ୍ୟ ରାସ୍ତା ଉପରେ ବେଆଇନଭାବେ ଗାଡ଼ି ପାର୍କିଂ କରୁଥିବା ଦେଖିବାକୁ ମିଳୁଛି। ଫଳରେ ଜନସାଧରଣ ଯାତାୟାତ ନିମନ୍ତେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେବା ସହିତ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଓ ରସୁଲପୁର ବ୍ଲକକୁ ସଂଯୋଗ କରୁଥିବା ଜାରକା-ବ୍ରହ୍ମବରଦା ମୁଖ୍ୟ ରାସ୍ତା କ୍ଷେତ୍ରରେ। ଧର୍ମଶାଳା ବ୍ଲକ ମଙ୍ଗଳପୁର ପଞ୍ଚାୟତ ନୂଆକୂଳଠାରୁ ବ୍ରହ୍ମବରଦା ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲୁ ରହିଛି। ଫଳରେ ଯାତାୟାତ ନିମନ୍ତେ କିଛି ମାତ୍ରାରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ମଦିନାବାଗ ନିକଟରେ ମୁଖ୍ୟ ରାସ୍ତା ଉପରେ କିଛି ବ୍ୟକ୍ତି ଏଠାରେ ବଡ ବଡ ଟ୍ରକ୍ ରାସ୍ତା ଉପରେ ଦୀର୍ଘ ଦିନ ଧରି ପାର୍କିଂ କରୁଛନ୍ତି। ଫଳରେ ଯାତାୟାତ ସମୟରେ ଲୋକେ ବହୁ ସମୟ ଅପେକ୍ଷା କରିବା ସହିତ ବିପରିତ ଦିଗରୁ ଆସୁଥିବା ଗାଡ଼ି ଗୁଡ଼ିକୁ ନ ଦେଖି ପାରିବାରୁ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ବ୍ରହ୍ମବରଦା ପୋଲିସ ତୁରନ୍ତ ଏହି ଅଞ୍ଚଳ ପ୍ରତି ଦୃଷ୍ଟି ଦେଇ ଗାଡ଼ିମାଲିକଙ୍କ ବିରୋଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବୃନ୍ଦାବନ କଳାକେନ୍ଦ୍ରର ଛାତ୍ରଛାତ୍ରୀ ପଦ୍ମଶ୍ରୀ ତିଳକ ଗୀତାଇ ସାଂସ୍କୃତିକ କେନ୍ଦ୍ର ଦ୍ୱାରା ପୁରସ୍କୃତ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ସହରର ବୃନ୍ଦାବନ କଳାକେନ୍ଦ୍ରର ଛାତ୍ରଛାତ୍ରୀମାନେ ରାଜସ୍ଥାନ ଜୟପୁରର ପଦ୍ମଶ୍ରୀ ତିଳକ ଗୀତାଇ ଆର୍ଟ ଗ୍ୟାଲେରୀ ଏବଂ ସାଂସ୍କୃତିକ କେନ୍ଦ୍ର ଦ୍ୱାରା ଆୟୋଜିତ ଜାତୀୟ ସ୍ତରର କଳା ପ୍ରତିଯୋଗିତାରେ ନିଜର ଉତ୍କର୍ସ ଚିତ୍ରକଳା ଯୋଗୁଁ ପୁରସ୍କୃତ ହୋଇ କଳାକେନ୍ଦ୍ର ତଥା ଭଦ୍ରକ ର ଗୌରବ ବୃଦ୍ଧି କରିଛନ୍ତି। ଜାତୀୟ ସ୍ତରରେ ଆୟୋଜିତ ଏହି ଅନ୍‌ଲାଇନ୍ ଚିତ୍ରକଳା ପ୍ରତିଯୋଗିତାରେ ଶିଶୁ ଚିତ୍ରଶିଳ୍ପୀମାନେ ନିଜ ଚିତ୍ରକଳା ଦେଇ ଅଂଶ ଗ୍ରହଣ କରିଥିଲେ। ତିଳକ ଗୀତାଇ ଅନୁଷ୍ଠାନ ର ବିଚାର ଅନୁଯାୟୀ କଳାକେନ୍ଦ୍ରର ଶିଶୁ କଳାକାର ମାନଙ୍କର ଚିତ୍ରକଳା ପୁରସ୍କାର ଯୋଗ୍ୟ ଭାବେ ବିବେଚିତ ହୋଇଥିଲା। କଳାକେନ୍ଦ୍ରର ଛାତ୍ର ସତ୍ୟପ୍ରିୟ ମହାଳିକ ସ୍ୱର୍ଣ୍ଣ ପୁରସ୍କାର ପାଇଥିବା ବେଳେ ଅନ୍ୟତମ ଛାତ୍ର ସୌରଭ ମାଝୀ କାଂସ୍ୟ ପୁରସ୍କାର ପାଇ କଳାକେନ୍ଦ୍ରର ସମ୍ମାନ ବୃଦ୍ଧି କରିଛନ୍ତି। ଜୟପୁର ରୁ ଆସିଥିବା କୃତିତ୍ୱ ପ୍ରମାଣ ପତ୍ର ଆଜି କଳାକେନ୍ଦ୍ର ପରିସରରେ ଆୟୋଜିତ ଏକ ନିରଡ଼ମ୍ବର ଉତ୍ସବରେ କୃତି ଛାତ୍ରମାନଙ୍କୁ ବଣ୍ଟନ କରାଯାଇଥିଲା। ଛାତ୍ରୀ ରଶ୍ମିତା ପାଣି ମଧ୍ୟ ଉକ୍ତ ଅନୁଷ୍ଠାନ ତରଫରୁ ଅଂଶ ଗ୍ରହଣ ପ୍ରମାଣ ପତ୍ର ପାଇଛନ୍ତି। ଉକ୍ତ ଉତ୍ସବରେ କଳାକେନ୍ଦ୍ର ଛାତ୍ରଛାତ୍ରୀ ମାନଙ୍କ ସହ ବରିଷ୍ଠ ଅଧିବକ୍ତା ସହିଲ୍ ଅହମ୍ମଦ, ଡାକ୍ତର ଅକ୍ଷୟ ଦାସ, ଯୁବ ଚିତ୍ରଶିଳ୍ପୀ ଅଜିଜୁର ରହେମାନ, କଳାକେନ୍ଦ୍ରର ନିର୍ଦ୍ଦେଶକ ସୌରେଶ ଚନ୍ଦ୍ର ମହାନ୍ତି, କଳା ପ୍ରଶିକ୍ଷକ ବରିଷ୍ଠ ଚିତ୍ରଶିଳ୍ପୀ ବିଭୂତି ସାହୁ, ସଙ୍ଗୀତ ଗୁରୁ ସୁରେନ୍ଦ୍ର ଗାହାଣ ଓ ସନ୍ତୋଷ ବେହେରା ପ୍ରମୁଖ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଦରମା ନ ମିଳିବାରୁ ପୌରପରିଷଦରେ ଧାରଣା

**ବ୍ରଜରାଜନଗର, ନ୍ୟୁଜ୍‌ବ୍ୟୁରୋ**

ବ୍ରଜରାଜନଗର ପୌରପରିଷଦ ଠାରେ ସୋମବାର ଠିକା ସଫେଇ କର୍ମଚାରୀମାନେ ଦରମା ନପାଇ ଧାରଣା ଦେଇଥିଲେ। ସୂଚନା ଅନୁଯାୟୀ ବ୍ରଜରାଜନଗର ପୌରପରିଷଦ ପକ୍ଷରୁ ସଫେଇ ଠିକା ନେଇଥିବା ଠିକାଦାର ସଫେଇ କର୍ମଚାରୀମାନଙ୍କୁ ଦୁଇ ମାସର ଦରମା ଦେଇ ନଥିବାରୁ ସମସ୍ତ ସଫେଇ କର୍ମଚାରୀମାନେ ପୌରପରିଷଦ ପରିସରରେ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପୌରପରିଷଦ ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ଠିକା ସଂସ୍ଥାକୁ ଡାକି ତାହାର ସମାଧାନ କରିବା ପାଇଁ କହିଥିଲେ। ଠିକା ସଂସ୍ଥା ପକ୍ଷରୁ ବିକ୍ରମ ସ୍ୱାଇଁ ଆସି ସଫେଇ କର୍ମଚାରୀମାନଙ୍କୁ ବୁଝାଇ ଚାରି ଦିନ ମଧ୍ୟରେ ଦରମା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତିଶ୍ରୁତି ପାଇବା ପରେ ସଫେଇ କର୍ମଚାରୀମାନେ ଧାରଣାରୁ ଓହରିଥିଲେ।



# ଜନମତକୁ ସମ୍ମାନ ଓ ସ୍ୱୀକାର କଲେ ସମରେନ୍ଦ୍ର : ସଂକଳ୍ପ ପତ୍ରର ପ୍ରତିଶ୍ରୁତି ପାଳନ କରନ୍ତୁ ନୂଆ ବିଧାୟକ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ଏ ବର୍ଷ ଏକ ଲମ୍ବା ସମୟ ଧରି ଆମେ ନିର୍ବାଚନ ଲଢିଥିଲୁ। ନିର୍ବାଚନରେ ଆସିଥିବା ଜନମତକୁ ଆମେ ସମ୍ମାନର ସହ ସ୍ୱୀକାର କରୁଛୁଁ। ତା ସହ ନିର୍ବାଚନ ମଣ୍ଡଳୀର ସମସ୍ତ ଭୋଟର, ଗୁରୁଜନ, ଭାଇ ଭଉଣୀ ମାନଙ୍କୁ ନିର୍ବାଚନରେ ଦେଇଥିବା ଆକୁଣ୍ଠ ସହଯୋଗ ସମର୍ଥନ ପାଇଁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଉଛୁଁ। ନିର୍ବାଚନରେ ସକ୍ରିୟ ଭାଗ ନେଇଥିବା କଂଗ୍ରେସ ନେତା, କର୍ମୀ ଓ ଶୁଭେଚ୍ଛୁ ମାନଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇବା ସହ ପୂର୍ବ ବର୍ଷମାନଙ୍କ ଭଳି ଆଗାମୀ ଦିନରେ କଂଗ୍ରେସ ଦଳ ବଲାଙ୍ଗୀରର ବିକାଶ ଦିଗରେ ନିଶ୍ଚିତ ଭାବରେ ସକରାତ୍ମକ ଚିନ୍ତାଧାରା ରଖିବ ବୋଲି ସ୍ଥାନୀୟ ଜିଲ୍ଲା ସାମ୍ବାଦିକ ଭବନ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବଲାଙ୍ଗୀର ବିଧାନସଭା ପାଇଁ ବିଧାୟକ ପ୍ରାର୍ଥୀ ଥିବା ତଥା ଅଖିଳ ଭାରତୀୟ କଂଗ୍ରେସ କମିଟିର ସଦସ୍ୟ ସମରେନ୍ଦ୍ର ମିଶ୍ର ଉପସ୍ଥିତ ବୈଦୁତିକ ଓ ଛାପା ଗଣମାଧ୍ୟମର ପ୍ରତିନିଧିମାନଙ୍କୁ କହିଛନ୍ତି। ଏହି ମର୍ମରେ ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ଦୀର୍ଘ ଦିନର ନିର୍ବାଚନ ପ୍ରକ୍ରିୟାରେ ଆମେ ଆମ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହ ଦୃଢ ଭାବରେ ଲଢେଇ କରିଥିଲୁ। ଯେହେତୁ ଏହା ଏକ ଲମ୍ବା ସମୟ ନିର୍ବାଚନ ଲଢେଇ ଥିଲା ତେଣୁ କେତେବେଳେ କେଉଁ ପ୍ରାର୍ଥୀର ବିଜୟ ସମ୍ଭାବନା ବଢୁଥିଲା ତ କାହାର କମିଯାଉଥିଲା। ସେ ଯାହାବି ହେଉ ଜନମତ ଆମ ପ୍ରତିଦ୍ୱନ୍ଦ୍ୱୀଙ୍କ ସପକ୍ଷରେ ଯାଇଥିଲା ତେଣୁ ନିଶ୍ଚିତ ଭାବରେ ନୂତନ ବିଧାୟକଙ୍କୁ ଆମେ



ଆପଣମାନଙ୍କ ମାଧ୍ୟମରେ ଅଭିନନ୍ଦନ ଜଣାଇବୁ। ତା ସହ ଏହା ମଧ୍ୟ ନିଶ୍ଚିତ ଭାବରେ ଆଶା କରୁବୁ ଯେ ବଲାଙ୍ଗୀର ରେ ଚାଲିଥିବା ବିକାଶ ପ୍ରକଳ୍ପ ଯାହାକି ପୂର୍ବତନ ବିଧାୟକ ଆରମ୍ଭ କରିଥିଲେ ଏବଂ ଏହା ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ନାହିଁ ଯଥା ଭିମ ଡୁଙ୍ଗୁରିର ସୌନ୍ଦର୍ଯ୍ୟ ଓ ଜଳାଶୟ କାମ, ଛତାମଖନା ବ୍ୟାରେଜ, ଟ୍ରକ ଟର୍ମିନାଲ, ଗନ୍ଧରେଳ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ, ଅଡିଟରିୟମ ଏ ସବୁ କାମକୁ ସେ ସକରାତ୍ମକ ଭାବରେ ସେ ଶିଘ୍ର ସମ୍ପୂର୍ଣ୍ଣ କରିବେ ତା ସହ ଆମେ ଏହା ମଧ୍ୟ ଆଶା କରିବୁ ଯେ ନିର୍ବାଚନ ଲଢେଇ ସମୟରେ ବର୍ତ୍ତମାନର ବିଧାୟକ ବଲାଙ୍ଗୀରର ବିକାଶ ପାଇଁ ଦେଇଥିବା ସଂକଳ୍ପ ପତ୍ରର ପ୍ରତିଶୃତି ଗୋଟି ଗୋଟି କରି ପୂରଣ କରନ୍ତୁ। ବିଶେଷ କରି ସରକାରୀ ଜମିରେ ବସବାସ କରୁଥିବା ଭୂମିହୀନ, ଗରିବ ଓ ଜବରଦଖଲ କରି ରହୁଥିବା ଶ୍ରମିକ ଶ୍ରେଣୀ ଲୋକଙ୍କମାନଙ୍କ ପାଇଁ ମଧ୍ୟ ସେମାନେ ରହୁଥିବା ଜାଗାରେ ପଟ୍ଟା ପ୍ରଦାନ କରିବା ପଦକ୍ଷେପ ଶିଘ୍ର ନିଅନ୍ତୁ। ଯେହେତୁ ପୌର ନିର୍ବାଚନ ପୂର୍ବରୁ ବର୍ତ୍ତମାନର ବିଧାୟକ ଲୋକଙ୍କ ଜମିପଟ୍ଟା ପ୍ରଦାନର ନିର୍ଭର ପ୍ରତିଶୃତି ଦେଉଛନ୍ତି ଆମେ ଆଶା କରିବା ଆମ ଲୋକଙ୍କ ପାଇଁ ସେ ନିଶ୍ଚିତ ଭାବରେ ଜମି ପଟ୍ଟା ପ୍ରଦାନର ବ୍ୟବସ୍ଥା କରିବେ ଏବଂ ବେକାର ଯୁବକମାନଙ୍କ ପାଇଁ ଯେତେ ସମ୍ଭବ ଏଠାରେ ଶିକ୍ଷାନୁଷ୍ଠାନ ଗଢିବା ପାଇଁ ପଦକ୍ଷେପ ନେବେ। ସାମ୍ବାଦିକ ସମ୍ମିଳନୀରେ ସମରେନ୍ଦ୍ର ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଅଭିନନ୍ଦନ ଜଣାଇବା ସହ ବଲାଙ୍ଗୀରର ବିକାଶ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ଉପ-ସଭାପତି ସନ୍ତକ ବହିଦାର, ମୁଖପାତ୍ର ଅଜୟ ବାଲି, ନଗର କଂଗ୍ରେସ ସଭାପତି ବୁଲୁ ଦାନି, ଜିଲ୍ଲା ଯୁବ କଂଗ୍ରେସ ଉପସଭାପତି ତଥା ଜାତୀୟ ଯୁବ କଂଗ୍ରେସ ମୁଖପାତ୍ର ଅଙ୍କିତ ସାହୁ, ବିଧାନସଭା ଯୁବ କଂଗ୍ରେସ ସଭାପତି ନାସୀର ଖାନ ପ୍ରମୁଖ ମଞ୍ଚାସୀନ ଥିଲେ।

# ପ୍ରଶାସନିକ ଅଧିକାରୀଙ୍କ ଅନୁରୋଧ କ୍ରମେ ସେବା କାଗଜ କଳ ଅବସରପ୍ରାପ୍ତ ଶ୍ରମିକଙ୍କ ଧାରଣା ସାମୟିକ ସ୍ଥଗିତ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ସେବା କାଗଜ କଳ ଅବସରପ୍ରାପ୍ତ ଶ୍ରମିକମାନଙ୍କ ଏକ ଏକ ଜରୁରୀ ବୈଠକ ସ୍ଥାନୀୟ ଯାଦବ ଭବନ ଠାରେ ଭି. ରବି କୁମାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଗତ ୮ ତାରିଖ ଦିନ ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ପ୍ରତିନିଧିମାନେ ଏକ ବୈଠକର ଯୋଗ ଦେବା ପାଇଁ ନିର୍ଦ୍ଦେଶ ଆସିଥିଲା। ଜୟପୁର ଉପଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜଏଣ୍ଟ ଲେବର କମିଶନର, ଏସ୍‌ଡିପିଓ, ଆଇ.ଆଇ.ସି. ସଦର, ଡିଏଲଓ, ମ୍ୟାନେଜମେଣ୍ଟ ପକ୍ଷରୁ ୟୁନିଟ୍ ହେଡ୍ ଏସ୍.ଏସ୍. ପାଲ୍, ଏଚ୍.ଆର୍. ହେଡ୍ ରମେଶ ଯାଦବ ଏବଂ ଅବସରପ୍ରାପ୍ତ ଶ୍ରମିକମାନଙ୍କ ପକ୍ଷରୁ ସର୍ବଶ୍ରୀ ଭି. ରବି କୁମାର, ସୁଦର୍ଶନ ବିଷୋୟୀ, ନାରାୟଣ ଦାଶ, ବସନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକ ଆବାହକ ପ୍ରମୋଦ କୁମାର ମହାନ୍ତି ୦୩.୦୬.୨୦୨୪ରେ ଏକ ଚିଠି ଦେଇ ୧୦ ତାରିଖରୁ ପିଏଫ୍, ପେନସନ, ଗ୍ରାଚ୍ୟୁଇଟି ବକେୟା ପାଉଣା ଦାବି କରି କାରଖାନା ମୁଖ୍ୟ ଫାଟକ ପାର୍ଶ୍ୱରେ ଧାରଣା ଆରମ୍ଭ କରିବାକୁ ଦେଇଥିବା ଚିଠି ଉପରେ ଆଲୋଚନା ପାଇଁ ଡକାଯାଇଥିଲା। ପ୍ରଶାସନିକ ଅଧିକାରୀମାନେ ମ୍ୟାନେଜମେଣ୍ଟକୁ ନିର୍ଦ୍ଦେଶ ଦେଇଥିଲେ ଯେ, ତୁରନ୍ତ ଶ୍ରମିକମାନଙ୍କ ସମସ୍ୟା ସମାଧାନ କର ଏବଂ ଶ୍ରମିକ ପ୍ରତିନିଧି ମାନଙ୍କୁ ଅନୁରୋଧ କରିଥିଲେ ଯେ, ଯେହେତୁ ନୂଆ ସରକାର ଶପଥ ଗ୍ରହଣ କରିବ ଏଣୁ ଧାରଣା ସ୍ଥଗିତ ରଖନ୍ତୁ, ସମସ୍ୟା ସମାଧାନ ନହେଲେ ପ୍ରଶାସନ ପଦକ୍ଷେପ ନେବ। ଏ ସମସ୍ତ ବିଷୟ ବିଶଦ ଆଲୋଚନା ପରେ ସ୍ଥିର କରାଗଲା ଯେ, ପ୍ରଶାସନର ଅନୁରୋଧ ରକ୍ଷାକରି ଧାରଣା ସାମୟିକ ସ୍ଥଗିତ ରଖିଥିବ ଏବଂ ଜିଲ୍ଲାପାଳଙ୍କୁ ଉପ ଜିଲ୍ଲାପାଳଙ୍କ ଜରିଆରେ ଏକ ପତ୍ର ଦିଆଯିବ। ଯଦି ତୁରନ୍ତ ସମସ୍ୟାର ସମାଧାନ ନହୁଏ ତେବେ ସପ୍ତାହ ପରେ ପୁଣି ଆନ୍ଦୋଳନ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ବୈଠକରେ ନିଷ୍ପତ୍ତି ନିଆଗଲା। ଏହି ବୈଠକରେ ସର୍ବଶ୍ରୀ ପ୍ରମୋଦ କୁମାର ମହାନ୍ତି, ନାରାୟଣ ଦାଶ, ସୁଦର୍ଶନ ବିଷୋୟୀ, ବସନ୍ତ ବେହେରା, ଦୁର୍ଯୋଧନ ପଲେଇ, ପ୍ରହଲ୍ଲାଦ ମଲ୍ଲିକ, ପି. ପ୍ରଭାକର ରାଓ, ରବିନ୍ଦ୍ର କୁମାର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।

# ବନବାସୀ କଲ୍ୟାଣ ଆଶ୍ରମର ଜିଲ୍ଲା ସ୍ତରୀୟ ବୈଠକ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ପଞ୍ଚବଟୀ କଲ୍ୟାଣ ମଣ୍ଡପସ୍ଥିତ ବିଭାଗ କାର୍ଯ୍ୟାଳୟ ଠାରେ ବନବାସୀ କଲ୍ୟାଣ ଆଶ୍ରମ ତରଫରୁ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ନଗର ସଭାପତି ଶଶୀଭୂଷଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମ୍ଭାଗ ସଙ୍ଗଠନ ମନ୍ତ୍ରୀ ରତିକାନ୍ତ ସାହୁ ଆଗାମୀ ଜୁଲାଇ ୧ ରୁ ୪ ତାରିଖ ପର୍ଯ୍ୟନ୍ତ ଜୟପୁରଠାରେ ଅନୁଷ୍ଠିତ ହେବାକୁ ଥିବା ପ୍ରାନ୍ତ ସ୍ତରୀୟ ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ସମ୍ମିଳନୀ ସମ୍ବନ୍ଧରେ ଏବଂ ଏଥିରେ କେନ୍ଦ୍ରୀୟ ଅଧିକାରୀମାନେ ଯୋଗଦେବା ସମ୍ବନ୍ଧରେ ସୂଚିତ କରାଇଥିଲେ। ନଗର ସମ୍ପାଦକ ଲକ୍ଷ୍ମୀକାନ୍ତ ମିଶ୍ର ସମ୍ମିଳନୀର ସଫଳତା ପାଇଁ ବିସ୍ତୃତ ଯୋଜନା ପ୍ରସ୍ତୁତ କରିବା ସହ ଦାୟିତ୍ୱ ବଣ୍ଟନ କରିଥିଲେ। ଜୟପୁର କାର୍ଯ୍ୟକର୍ତ୍ତାଙ୍କ ପାଇଁ ପ୍ରଦତ୍ତ ଯେକୌଣସି ସମ୍ମିଳନୀକୁ ସଫଳ କରିବା ନିମନ୍ତେ ଆମ କାର୍ଯ୍ୟକର୍ତ୍ତା ଶତତ ଚେଷ୍ଟିତ ଏବଂ ଆମେ 'ଅତିଥି ଦେବୋ ଭଃ' ନୀତିରେ ନିଶ୍ଚିତ ସଫଳ କରିବୁ ବୋଲି ସମ୍ପାଦକ ଲକ୍ଷ୍ମୀକାନ୍ତ ମିଶ୍ର ପ୍ରକାଶ କରିଥିଲେ। ଉପ ସଭାପତି ପ୍ରତାପ ପଟ୍ଟନାୟକ ପରିଚୟ ପ୍ରଦାନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ଭିକେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସମ୍ପାଦକ ପ୍ରଭୁଦାନ ପରଜା ଓ ଜିଲ୍ଲା ଉପସଭାପତି ବାଲାଜୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମୃତ ଡ୍ରାଇଭରଙ୍କ ପରିବାରକୁ ଆର୍ଥିକ ସାହାଯ୍ୟର ହାତ ବଢ଼ାଇଲେ ଓଡ଼ିଶା ଡ୍ରାଇଭର ମହାସଂଘ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

କୋରାପୁଟ ସଦର ମହକୁମା ଏ ମାଲକାନଗିରିର ଷ୍ଟିଫେନ ପାଣିଗ୍ରାହୀ ଅନେକ ବର୍ଷ ଧରି ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ଗତ କିଛି ଦିନ ତଳେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିଲ। ମୃତ୍ୟୁ ଖବର ପାଇବା ପରେ ପରିବାର ବର୍ଗଙ୍କ ସମେତ ଓଡ଼ିଶା ଡ୍ରାଇଭର ମହାସଂଘ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ଆଜି ତାଙ୍କର ଏକାଦଶ ଥିବାରୁ ଓଡ଼ିଶା ଡ୍ରାଇଭର ମହାସଂଘ ତରଫରୁ ଡ୍ରାଇଭର ଭାଇମାନେ ଏକତ୍ରିତ ହୋଇ ଷ୍ଟିଫେନ ପାଣିଗ୍ରାହୀଙ୍କ ବାସ ଭବନକୁ ପହଞ୍ଚି ସମବେଦନା ଜଣାଇଛନ୍ତି। ଷ୍ଟିଫେନଙ୍କ ଅକାଳ ବିୟୋଗରେ ଦୁଃଖ ପ୍ରକାଶ କରିବା ସହିତ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ। ଆଗକୁ ବଢିବା ପାଇଁ ପରିବାର ବର୍ଗଙ୍କୁ ଶାନ୍ତନା ଦେଇଥିଲେ। ଷ୍ଟିଫେନ ପାଣିଗ୍ରାହୀ ଜଣେ ମେଳାପୀ ପର ଉପକାରୀ ମଣିଷଟିଏ ଥିଲେ। ଦୁଃଖ ଓ ସୁଖରେ ସମସ୍ତଙ୍କ ସହିତ ଭାଗିଦାରୀ ହେଉଥିଲେ। ରାତି ହେଉକି ଦିନ ଯେତେବେଳେ ଡାକିଲେ ସଙ୍ଗେ ସଙ୍ଗେ ଦୌଡ଼ି ଆସି ସହଯୋଗର ହାତ ବଢ଼ାଉଥିଲେ। ଏହି ଭଳି ଏକ ପର ଉପକାରୀ ମଣିଷକୁ ହରାଇ ଡ୍ରାଇଭର ସଙ୍ଘ ଆଜି ଦୁଃଖ ପ୍ରକାଶ କରୁଛି ବୋଲି ସଙ୍ଘ ପକ୍ଷରୁ କୁହାଯାଇଛି। ଡ୍ରାଇଭର ମହାସଂଘ ତରଫରୁ ମୃତ ଷ୍ଟିଫେନ ପାଣିଗ୍ରାହୀଙ୍କ ପରିବାରଙ୍କୁ ୪୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସରକାରଙ୍କ ଯୋଜନା ଅନୁସାରେ ସମସ୍ତ ସାହାଯ୍ୟ ଓ ସହଯୋଗ ଯୋଗାଇ ଦିଆଯିବ ବୋଲି ସଂଘ କହିଛି।

# ଡିମଳା ଜଙ୍ଗଲରେ ଅବକାରୀ ଚଢ଼ଉ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଦେଶୀ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଡିମଳା ଜଙ୍ଗଲରେ ଅବକାରି ଚଢ଼ଉ ହୋଇଛି। ଜୟପୁର ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ ପକ୍ଷରୁ ଚଢ଼ଉ କରାଯାଇଛି। ଚଢ଼ଉ ସୂଚନା ପାଇ ମଦ ମାଫିଆମାନେ ଚମ୍ପଟ ମାରିଥିବା ବେଳେ ଅବକାରୀ ବିଭାଗ ୪ଟି ମଦ ଭାଟି ଭାଙ୍ଗିବା ସହ ୪ ହଜାର ଲିଟର ପୋଚ ଓ ୨ ଶହ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି ମଦ ରନ୍ଧା ସରଞ୍ଜାମ ଡ୍ରମ୍ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରୀ ନିରୀକ୍ଷକ ଶଶିକାନ୍ତ ଦତ୍ତ ସୂଚନା ଦେଇଛନ୍ତି।

# ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ: ପ୍ରଶାସନର ନଜର ପଡ଼ିବ କେବେ ?

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ସରକାର ଯୋଜନା ଉପରେ ଯୋଜନା କରି ଚାଲିଛନ୍ତି। ସଫଳ ରୂପାୟନ ନିମନ୍ତେ ପ୍ରସାର ପ୍ରଚାର ଜୋର କରୁଛନ୍ତି। କିନ୍ତୁ ବାସ୍ତବରେ ତାହା ନିରୀହ ଜନସାଧାରଣଙ୍କ ନିକଟରେ ପହଞ୍ଚି ପାରୁନାହିଁ। ସ୍ଥାନୀୟ ଲୋକ-ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକ ଅଭାବରୁ ସରକାରୀ ଯୋଜନା ବହୁ ଜନ ସାଧାରଣ ଭଙ୍ଗା କୁଡ଼ିଆରେ ଜୀବନ ବିତାଉଛନ୍ତି, ଯାହାକି ସେମାନଙ୍କ ପାଇଁ ସରକାରୀ ଯୋଜନା ସାତ ସପନ ପାଲଟିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ରାଇଛନ୍ଦା ପଞ୍ଚାୟତସ୍ଥ ବାରକଣା ଗ୍ରାମର ବିଧବା ମହିଳା ବାସନ୍ତୀ ରାଉତଙ୍କ କ୍ଷେତ୍ରରେ। ବାସନ୍ତୀ ତାଙ୍କ ପୁଅଙ୍କ ସହ ଏକ ଭଙ୍ଗା ଛପର ଘରେ ଦିନ କାଟୁଛନ୍ତି। ମୁଣ୍ଡ ଗୁଞ୍ଜିବା ପାଇଁ ଭଲ ଘରଟିଏ ନାହିଁ। ଘର ଖଣ୍ଡେ ପାଇବା ପାଇଁ ସେ ସ୍ଥାନୀୟ ଲୋକ-ପ୍ରତିନିଧିଙ୍କ ନିକଟରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ତାଙ୍କ କଥାକୁ କେହି ଗୁରୁତ୍ୱ ଦେଉନାହାନ୍ତି। ବାସନ୍ତୀ ଦୟନୀୟ ଅବସ୍ଥାରେ ପରିବାର ଚଳାଉଥିବା ବେଳେ କେବଳ ସରକାରୀ ସହାୟତା ଭାବେ ଭତ୍ତା ଟଙ୍କା ଓ ଗଣ୍ଡେ ଚାଉଳ ପାଉଛନ୍ତି। ଘର ଖଣ୍ଡେ ପାଇଁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନାହିଁ। ଏହି ବାସନ୍ତୀ ପରିବାରକୁ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଧାମନଗର ବିଧାନସଭା ଆସନ : ଭୁଲ୍ ହୋଇଗଲା ବିଜେଡି ଆକଳନ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

୨୦୨୨ ଉପନିର୍ବାଚନରେ ଧାମନଗର ବିଧାନସଭା କ୍ଷେତ୍ର ବେଶ୍ ଚର୍ଚ୍ଚିତ ଥିଲା। ବିଜେଡିର ବିଦ୍ରୋହୀ ପ୍ରାର୍ଥୀଙ୍କ ଆବିର୍ଭାବ ସେତେବେଳେ ଚର୍ଚ୍ଚାର ପ୍ରମୁଖ କାରଣ ଥିଲା। ଏଥର ଧାମନଗର ନିର୍ବାଚନ ବି ଅନୁରୂପ ଚର୍ଚ୍ଚାକୁ ଆସିଥିଲା। ଉପନିର୍ବାଚନରେ ବିଦ୍ରୋହୀ ସାଜିଥିବା ରାଜେନ୍ଦ୍ର ଦାସ (ରାଜୁ) ଏଥରକ ନିର୍ବାଚନ ପୂର୍ବରୁ ବିଜେପିରେ ସାମିଲ ହୋଇଥିଲେ। ବିଜେପି ତାଙ୍କୁ ସୋର ବିଧାନସଭା ଆସନର ପ୍ରାର୍ଥୀ ଘୋଷଣା କରିବା ପରେ ବି ଶେଷ ମୁହୂର୍ତ୍ତରେ ଟିକଟ ଦେଇ ନ ଥିଲା। ବିଜେପି ଉପରେ ଅସନ୍ତୁଷ୍ଟ ରାଜେନ୍ଦ୍ର ପୁଣି ବିଜେଡିକୁ ଫେରିଥିଲେ। ରାଜେନ୍ଦ୍ରଙ୍କ ଘର ବାହୁଡ଼ା ଧାମନଗର ଆସନର ଫଳକୁ ଓଲଟାଇ ଦେଇପାରେ ବୋଲି ବିଜେଡି ଶିବିର ଆକଳନ କରୁଥିଲେ ବି ତାହା ଭୁଲ୍ ପ୍ରମାଣିତ ହୋଇଛି। ରାଜୁଙ୍କ ଘରବାହୁଡ଼ା ପରେ ବିଜେଡିର ୨.୭୬ ପ୍ରତିଶତ ଭୋଟ୍ ବଢିଥିଲେ ବି ତାହା ବିଜେଡିକୁ ବିଜୟୀ କରିବାରେ ସଫଳ ହୋଇନାହିଁ। ୨୦୨୨ ମସିହା ଶେଷାର୍ଦ୍ଧରେ ଅନୁଷ୍ଠିତ ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୁରଜ ୮୦ ହଜାର ୩୫୧ ଖଣ୍ଡ ଭୋଟ୍ (୪୯.୦୯ ପ୍ରତିଶତ) ପାଇ ବିଜୟୀ ହୋଇଥିଲେ। ବିଜେଡିର ଅବନ୍ତୀ ଦାସ ୭୦ ହଜାର ୪୭୦ ଖଣ୍ଡ ଭୋଟ (୪୩ ପ୍ରତିଶତ) ପାଇଥିଲେ। କଂଗ୍ରେସର ବାବା ହରେକୃଷ୍ଣ ସେଠୀ ୩ ହଜାର ୫୬୧ ଖଣ୍ଡ ଭୋଟ୍ (୨.୧୮ ପ୍ରତିଶତ) ପାଇଥିବାବେଳେ ବିଜେଡି ବିଦ୍ରୋହୀ ରାଜେନ୍ଦ୍ର ଦାସଙ୍କୁ ମିଳିଥିଲା ୮ ହଜାର ୧୫୩ ଖଣ୍ଡ (୫ ପ୍ରତିଶତ)। ତେବେ ଏଥରକ ନିର୍ବାଚନରେ ବିଜେପି ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ୯୦ ହଜାର ୫୫୫ ଖଣ୍ଡ ଭୋଟ୍ (୫୦.୨୬) ପ୍ରତିଶତ ଭୋଟ୍ ମିଳିଥିବା ବେଳେ ବିଜେଡି ପ୍ରାର୍ଥୀ ସଂଜୟ ଦାସଙ୍କୁ ୮୨ ହଜାର ୪୬୦ ଖଣ୍ଡ ଭୋଟ୍ (୪୫.୭୬ ପ୍ରତିଶତ) ମିଳିଛି। କଂଗ୍ରେସ ପ୍ରାର୍ଥୀ ରଞ୍ଜନ ବେହେରାଙ୍କୁ ମିଳିଛି ୫ ହଜାର ୭୩୨ ଖଣ୍ଡ (୩.୧୬ ପ୍ରତିଶତ) ଭୋଟ୍। ତେବେ ପର୍ଯ୍ୟବେକ୍ଷକ ମହଲର ମତ ଅନୁଯାୟୀ ଉପ ନିର୍ବାଚନ ତୁଳନାରେ ବିଜେଡି ଚଳିତ ନିର୍ବାଚନରେ ଗଣତି ଅନୁଯାୟୀ ଭୋଟ୍ ପ୍ରତିଶତ ବୃଦ୍ଧି କରିଥିଲେ ବି ଅସଲରେ ବିଜେଡିର ଭୋଟ୍ ହାର କମିଛି। ସେମାନଙ୍କ ମତରେ ଉପ ନିର୍ବାଚନରେ ବିଜେଡି ୪୩ ପ୍ରତିଶତ ଭୋଟ୍ ପାଇଥିବାବେଳେ ବିଜେଡିର ବିଦ୍ରୋହୀ ରାଜେନ୍ଦ୍ର ଦାସ ୫ ପତିଶତ ଭୋଟ୍ ପାଇଥିଲେ। ଏମିତି ଦେଖିଲେ ବିଜେଡିକୁ ୪୮ ପ୍ରତିଶତ ଭୋଟ୍ ମିଳିବା କଥା। ମାତ୍ର ବିଜେଡି ଭୋଟ୍ ହାର ଏଥରକ ୪୫ ପ୍ରତିଶତରେ ସୀମିତ ରହିଛି। ଅର୍ଥାତ୍ ରାଜେନ୍ଦ୍ର ବିଜେଡିକୁ ଫେରିଥିଲେ ବି ତାଙ୍କର ସବୁ ସମର୍ଥକ ଫେରିନଥିବା ବୁଝାପଡୁଛି। ଅପରପକ୍ଷେ ବିଜେପି ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୁରଜ ଉପ ନିର୍ବାଚନରେ ହାସଲ କରିଥିବା ଭୋଟକୁ ସାଇତିବା ସହ ବିଜେଡିର ଆହୁରି ଅଧିକ କ୍ଷତି କରିଥିବା ସ୍ପଷ୍ଟ ହୋଇଛି। ସେପଟେ କଂଗ୍ରେସର ଭୋଟ୍ ହାର ଉପନିର୍ବାଚନ ତୁଳନାରେ ମାତ୍ର ୧ ପ୍ରତିଶ୍ରତ ବୃଦ୍ଧି ଘଟିଛି।

# ଡ୍ରେନ୍ ସଫେଇ ପାଇଁ ଦାବି

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଶେରଗଡ଼ ବ୍ଲକ୍‌ର ପିତଳ ପଞ୍ଚାୟତ ଡେଙ୍ଗୁ, ମାଲେରିଆ, ଝାଡ଼ାବାନ୍ତି ଭଳି ସଂକ୍ରମଣ ପ୍ରବଣ ଅଞ୍ଚଳ। ଦୀର୍ଘ ଏକ ବର୍ଷ ହେଲା ପିତଳ ଅଞ୍ଚଳର ବଜାରରେ ଡ୍ରେନ ଗୁଡିକୁ ପଞ୍ଚାୟତ ପକ୍ଷରୁ ସଫା କରାଯାଇ ନ ଥିବାରୁ ଏହି ଅଞ୍ଚଳରେ ମଶାମାଛିଙ୍କ ଉତ୍ପାତ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଲୋକେ ରାତିରେ ଭଲରେ ଶୋଇ ପାରୁନାହାନ୍ତି କି ଦିନରେ ଖାଇପାରୁ ନାହାନ୍ତି। ବଜାରରେ ଜଣେ ବ୍ୟକ୍ତି ସର୍ବ-ସାଧାରଣ ଡ୍ରେନ୍‌ରେ ମାଟି, ମଇଳା ଗଦେଇ ରଖିବା ଫଳରେ ଡ୍ରେନର ପଚା ମଇଳା ପାଣି ନିଷ୍କାସିତ ନହୋଇ ଏହି ଅଞ୍ଚଳ ଦୁର୍ଗନ୍ଧମୟ ହୋଇପଡୁଛି। ପିତଳ ପଞ୍ଚାୟତ କର୍ତ୍ତୃପକ୍ଷ ସଂପୃକ୍ତ ଅବରୋଧକାରୀ ବ୍ୟକ୍ତିଙ୍କୁ ଡ୍ରେନ ସଫା ରଖିବାକୁ ତାଗିଦ୍ କରିବା ସହ ବର୍ଷାଋତୁ ଆସିବା ପୂର୍ବରୁ ପିତଳର ସମସ୍ତ ଡ୍ରେନ ଲଟାବୁଦା ଗଳିକନ୍ଦିର ଅଳିଆଆବର୍ଜନା ସଫା କରିବାକୁ ସାଧାରଣରେ ଦାବି ହେଉଛି।

# କୋରାପୁଟ ପୌର ପରିଷଦ ଡମ୍ପିଙ୍ଗୟାର୍ଡ଼କୁ ନେଇ ତାତିଲେ ଗ୍ରାମବାସୀ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

କୋରାପୁଟ ପୌର ପରିଷଦ ଅନ୍ତର୍ଗତ ସାନ ଚିନ୍ଦ୍ରି ଗ୍ରାମବାସୀ ପୌର ପରିଷଦର ଅଳିଆ ଆବର୍ଜନା ପୂର୍ଣ୍ଣ ଦୁଇଟି ଗାଡ଼ିକୁ ଅଟକ ରଖିଛନ୍ତି। ପୂର୍ବରୁ ଗ୍ରାମବାସୀ ମାନେ ପୌର ପରିଷଦ ପକ୍ଷରୁ ଆକାଶଗୁଡା ଡ଼ମ୍ପିଙ୍ଗ ୟାର୍ଡ଼ରେ ଅଳିଆ ନପକେଇବାକୁ ବାରମ୍ବାର ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ପୌର ପରିଷଦ ନିକଟରେ ଦାବି କରି ନିରାଶ ହେବା ପରେ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ନ୍ୟାୟାଳୟ ପକ୍ଷରୁ ଉକ୍ତ ଡପିଙ୍ଗ ୟାର୍ଡରେ ଓଳିଆ ନ ପକେଇବାକୁ କହି ଗ୍ରାମବାସୀଙ୍କ ସପକ୍ଷରେ ରାୟ ପ୍ରଦାନ କରିଥିବା ଗ୍ରାମବାସୀ ଜଣାଇଛନ୍ତି। କିନ୍ତୁ ନ୍ୟାୟାଳୟର ରାୟକୁ ଖାତିର ନକରି କୋରାପୁଟ ପୌର ପରିଷଦର ଦୁଇଟି ଅଳିଆ ଗାଡି ଆଜି ସକାଳୁ ପୁନର୍ବାର ଉକ୍ତ ଡପିଙ୍ଗ ୟାର୍ଡକୁ ଅଳିଆ ନେଇ ଯାଉଥିବା ବେଳେ ଏହାକୁ ବିରୋଧ କରି ସାନ ଚିନ୍ଦ୍ରି ଗ୍ରାମର ଗ୍ରାମବାସୀମାନେ ଦୁଇଟି ଗାଡିକୁ ସେଠାରେ ଅଟକ ରଖିଥିବା ଦେଖା ଯାଇଛି। ଗ୍ରାମବାସୀଙ୍କ କହିବା ହେଲା ଉକ୍ତ ଡପିଙ୍ଗ ୟାର୍ଡରେ ଅଳିଆ ପକେଇବା ଦ୍ୱାରା ସେମାନଙ୍କ ଚାଷବାସ ପ୍ରଭାବିତ ହେଉଛି। ଗ୍ରାମ ନିକଟରେ ଏହି ଡପିଙ୍ଗ ୟାର୍ଡଟି ରହିଥିବାରୁ ଏହାର



ଦୁର୍ଗନ୍ଧରେ ଘରେ ରହିବା ବହୁତ ଅସୁବିଧା ହେଉଛି। ଏଥିପାଇଁ ପୋକଜୋକ, ମଶା ମାଛିଙ୍କ ସଂଖ୍ୟା ବଢିଛି ଓ ଲୋକେ ଅଧିକ ମାତ୍ରାରେ ରୋଗ ଗ୍ରସ୍ତ ହେଉଛନ୍ତି। ଏହାକୁ ନେଇ ଗ୍ରାମବାସୀ ଜିଲ୍ଲା ତଥା ପୌର ପ୍ରଶାସନଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ବାଧ୍ୟ ହୋଇ ସେମାନେ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ନ୍ୟାୟାଳୟ ଗ୍ରାମବାସୀଙ୍କ ସପକ୍ଷରେ ରାୟ ପ୍ରଦାନ କରି ସେଠାରେ ଅଳିଆ ନପକେଇବାକୁ ପୌର ପ୍ରସାସନଙ୍କୁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ପୌର ପ୍ରଶାସନ ଏହାକୁ ଖାତିର କରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସାନ ଚିନ୍ଦ୍ରି ଗ୍ରାମବାସୀ ପୌର ପରିଷଦର ଏଭଳି ଏକଚାଟିଆ କାର୍ଯ୍ୟକୁ ବିରୋଧ କରି ଓଳିଆ ଗାଡ଼ିକୁ ଅଟକ ରଖିଥିବା କହିଛନ୍ତି। ଆଗାମୀ ଦିନରେ ପୁନର୍ବାର ଏଭଳି ହେଲେ ଲୋକେ ରାଜରାସ୍ତାକୁ ଆସି ଅଳିଆ ଗାଡିକୁ ଜାଳିଦେବୁ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ପୌର ପରିଷଦ ତରଫରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

30 YEARS
ସମ୍ବାଦ କଳିକା

## ସମ୍ପାଦକୀୟ

# ପିଆଜ ଦାମରେ ନିଆଁ

ଗତ କିଛି ଦିନ ଭିତରେ ସାରା ଦେଶରେ ପିଆଜ ମହଙ୍ଗା ହେବାରେ ଲାଗିଛି। ଇଦ୍-ଉଲ୍-ଆଧା ପାଇଁ ପିଆଜ ଚାହିଦା ବଢ଼ିଥିବା କୁହାଯାଉଥିବା ବେଳେ ବ୍ୟବସାୟୀମାନଙ୍କ ମତରେ ନୂଆ ଫସଲ ଆସିବା ବିଳମ୍ବ ହୋଇଥିବାରୁ ଦାମ୍ ବଢୁଛି। ପିଆଜ ଉପରେ କେନ୍ଦ୍ର ସରକାର ଜାରି କରିଥିବା କଟକଣା କୋହଳ ହେବା ଆଶାରେ କିଛି ବ୍ୟବସାୟୀ ପିଆଜକୁ ମହଜୁଦ ରଖି କୃତ୍ରିମ ଅଭାବ ସୃଷ୍ଟି କରିବାକୁ ପ୍ରୟାସ କରୁଥିବା ମଧ୍ୟ ଅଭିଯୋଗ ରହିଛି। ଭାରତର ସବୁଠୁ ବଡ଼ ପିଆଜ ପାଇକାରୀ ବଜାର ମହାରାଷ୍ଟ୍ରର ଲାସାଲଗାଓଁ ମଣ୍ଡିରେ ପିଆଜର ପାଇକାରୀ ଦାମ୍ କେଜି ପିଛା ୨୬ ଟଙ୍କାକୁ ବୃଦ୍ଧି ପାଇଛି। ମେ' ୨୫ରେ ଏହି ଦାମ୍ ୧୭ ଟଙ୍କା ଥିଲା। ଗତ ୧୪ ଦିନ ଭିତରେ ପିଆଜ ଦାମ୍ରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ଘଟିଛି। ଉନ୍ନତ ମାନର ପିଆଜ କେଜି ଦାମ୍ କେଜି ପିଛା ୩୦ ଟଙ୍କା ରହିଛି।

ଚାହିଦା ପୂରଣ କରିବା ଲାଗି ପିଆଜ ଯୋଗାଇ ହେଉନଥିବାରୁ ତାହାର ଦାମ୍ ବଢୁଛି। ଜୁନ୍ ମାସ ପରଠାରୁ ଚାଷୀ ଓ ବ୍ୟବସାୟୀମାନଙ୍କ ପାଖରେ ଥିବା ପିଆଜ ବଜାରକୁ ଆସିଯିବା କଥା। ରବି ଋତୁରେ ଉତ୍ପାଦନ କମ୍ ହୋଇଥିବାରୁ ପିଆଜ ଦାମ୍ ବଢ଼ିବ ବୋଲି ଭାବି ଚାଷୀମାନେ ତାହା ବଜାରକୁ ଛାଡୁନାହାନ୍ତି। ଅଳ୍ପ ଦାମରେ ପିଆଜ ବିକିବାକୁ ସେମାନେ କୁଣ୍ଠା ପ୍ରକାଶ କରୁଛନ୍ତି। ନିଜ ଉତ୍ପାଦିତ ସାମଗ୍ରୀ ଲାଗି ସେମାନେ ଅଧିକ ଦାମ୍ ଆଶା କରୁଛନ୍ତି। ଅନ୍ୟପକ୍ଷରେ ପିଆଜ ରପ୍ତାନି ଉପରେ ଲଗାଯାଇଥିବା କଟକଣା କୋହଳ କରାଯିବା ପରେ ଶ୍ରୀଲଙ୍କା, ବାଂଲାଦେଶ, ମାଲେସିଆ ଓ ଅନ୍ୟାନ୍ୟ ଦେଶକୁ ପିଆଜ ରପ୍ତାନି ବୃଦ୍ଧି ପାଇଛି। ଏହାର ପ୍ରଭାବରେ ଦେଶ ଭିତରେ ପିଆଜ ଅଭାବ ଦେଖାଦେଇଛି। ଜଣେ ବ୍ୟବସାୟୀଙ୍କ ସୂଚନା ଅନୁସାରେ ମହାରାଷ୍ଟ୍ରର ନାସିକରୁ ପ୍ରତିଦିନ ୩୦ ଟନ୍ ଲେଖାଏଁ ପିଆଜ ଭର୍ତ୍ତି ହୋଇଥିବା ୧୦୦ କଣ୍ଟେନର ରପ୍ତାନି ହେଉଛି। ଗତମାସରୁ କଟକଣା କୋହଳ ହେବା ପରେ ଅଧିକ ପରିମାଣର ପିଆଜ ଦେଶ ବାହାରକୁ ଯାଉଛି।

ଦେଶ ଭିତରେ ପିଆଜ ଅଭାବ ଦେଖାଦେବା ପରେ କେନ୍ଦ୍ର ସରକାର ତାହାର ରପ୍ତାନି ଉପରେ ୪୦ ପ୍ରତିଶତ ଟିକସ ଲଗାଇଥିଲେ। ସେଥିପାଇଁ ପିଆଜ ରପ୍ତାନି କମ୍ ରହିଛି। ଅନ୍ୟପକ୍ଷରେ ନିକଟରେ ସାରା ଦେଶରେ ପିଆଜର ଚାହିଦା ବଢ଼ିଛି। ବିଶେଷ କରି ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ମହାରାଷ୍ଟ୍ର ପିଆଜକୁ ନେଇ ଚାହିଦା ବୃଦ୍ଧି ପାଇଛି। ଉଦ୍ୟାନ କୃଷି ଉତ୍ପାଦ ରପ୍ତାନି ସଂଘର ସଭାପତି ଅଜିତ ଶାହ କହିଛନ୍ତି ଯେ ପିଆଜ ଦର ବଢ଼ିବାର ଏକ ପ୍ରମୁଖ କାରଣ ହେଉଛି ଚାଷୀ ଓ ବ୍ୟବସାୟୀମାନେ ଷ୍ଟକ୍ ମହଜୁଦ ରଖିଛନ୍ତି। କେନ୍ଦ୍ର ସରକାର ରପ୍ତାନି କଟକଣା କୋହଳ କରିବେ ବୋଲି ସେମାନେ ଆଶା କରୁଛନ୍ତି। ପ୍ରବଳ ଗରମ, ଅଦିନିଆ ବର୍ଷା ଯୋଗୁ ଯୋଗାଣ ପ୍ରଭାବିତ ହୋଇଥିବାରୁ ଗତ ସପ୍ତାହରେ ଟମାଟୋ, ପିଆଜ ଓ ଆଳୁ ଦାମରେ ବୃଦ୍ଧି ଘଟିଥିବା ଜଣାପଡ଼ିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

**'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁଗସ୍ଥା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମ୍ଭୁତେ ।'**



ଶ୍ରୀ ଅଭିରାମ ସରସ୍ୱତୀ

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ୱ ବ୍ୟ୍ୱ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡ୍ରମାସୀ (୧୫)

ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗସ୍ଥା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡ଼ି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

ଲକ୍ଷ୍ୟ ମୋର ପାଉ ନାହିଁ

(କ୍ରମଶଃ)

# ବନସ୍ତେ ଡାକିଲା ଗଜ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ମୌସୁମୀ ରାଜାଙ୍କ ଧରାବତରଣ। ମେଘଘୋଡ଼ିଆ ଆକାଶ। ଆସିଛି ଛପଳଛନ୍ଦା ବରଷାରାଣୀ, ମୁଣ୍ଡରେ ଟାଣି କଳା ଓଢ଼ଣୀ। ପାଦରେ ପାଉଁଜି, ନାଚୁଛି ବେସୁରା ଛନ୍ଦରେ, ପାହାଡ଼ ଚୂଡ଼ାରେ, ନଇ ସେପାରି ଗାଁରେ, ନୂଆଣିଆ ଚାଳ ମଥାନ ଉପରେ, ଅଗନା ଅଗନି ବନସ୍ତରେ, ପାହାଡ଼ି ଝରଣା ବୁକୁରେ, ସାଗର ବେଳାଭୂମିରେ। ସିକ୍ତା ବସୁମାତା, ହୋଇଛନ୍ତି ରଜସ୍ୱଳା। ଭିଜାମାଟିର ମହକ, ଘାସର ସବୁଜ ଗାଲିଚା, ଚାଲିଛନ୍ତି ଲାଲ ଟୁକୁଟୁକୁ ସାଧବବୋହୂ। ସାରୁବୁଦା ମୂଳେ ବେଙ୍ଗ ବେଙ୍ଗୁଲୀଙ୍କର ରସ-କେଳି-ବିଳାସ। ବାଉଁଶ ବଣରେ ଡାହୁକର ତୁହାକୁ ତୁହା ଡାକ। ମାର୍ଜାର ରବ- ସର୍ବତ୍ର କାମୋଦ୍ଦୀପକ ପରିବେଶ। ଭରାନଇ। ଭାରାମନ ନେଇ ଫେରୁଛି ଦୂର ବିଦେଶୀ। ବାଟ ଚାହିଁ ବସିଛି ପ୍ରଣୟିନୀ। ଚାଲିଛି ରଜ-ସଜ-ବାଜ। ମନ ଉଚ୍ଚାଟ। ରଜବତୀ ମା' ଧରିତ୍ରୀଙ୍କ ପାଇଁ ତିନିଦିନ ବିଶ୍ରାମ। ଚାଷବାସ, ବେଉଷଣ ସବୁ ବନ୍ଦ। ଚଷାପୁଅର ବି ତିନିଦିନ କାମଧନ୍ଦା ବନ୍ଦ। ଆବାଳ ବୃଦ୍ଧ ବନିତା; ସମସ୍ତେ ରଜ ମଉଜ ପାଇଁ ପ୍ରସ୍ତୁତ। ଝରା ବରଷା। ଗହନ ବନରୁ ଶୁଭୁଛି ଗଜରାଜଙ୍କ ଡାକ। ଏଣେ ପଲ୍ଲୀ ଲଳନାଟି ଗାଉଛି – "ବନସ୍ତେ ଡାକିଲା ଗଜ, ବନସ୍ତେ ଡାକିଲା ଗଜ / ବରଷକେ ଥରେ ଆସିଛି ରଜ, ଆସିଛି ରଜ / ବଉଳଲୋ! ଘେନି ନୂଆ ସଜବାଜ।" ଆଉ କବି ବିଭୋର ହୋଇ ଗାଇଛନ୍ତି – "ମେଘ ବରଷିଲା ଟୁପୁର ଟୁପୁର କେସୂର ମାଇଲା ଗଜା / କେଉଁ ରାଇଜରେ ରହିଲେ ମୋ ରାଜା / ତେଲିଙ୍ଗି ବାଇଦ ବଜା।" ଗୀତ ସହ ତାଳ ଦଉଛି ମେଘ ଡମ୍ବରୁର ଡିକିଡିକି ନାଦ, ନାଚୁଛି ବିଜୁଳି, ଆନନ୍ଦ ଉଲ୍ଲାସରେ ହଜିମଜି ଯାଇଛି ଜନଜୀବନ। ବରଷକେ ଥରେ ପରା ଆସିଛି ରଜ! କୃଷି ଭିତ୍ତିକ ରଜପର୍ବ, ଏଥିରେ କୌଣସି ଦେବାଦେବୀଙ୍କ ଉପାସନା – ପରମ୍ପରା ନାହିଁ। ତଥାପି ଏଇଟି ଗଣପର୍ବ। ଏହାର ଅବଧି ମୋଟାମୋଟି ପାଞ୍ଚ□ଦିନ। ରଜ ପୂର୍ବ ଦିନ ସଜବାଜ। ମସଲାବଟା କଟା, ଦାନ୍ତକାଠି ସଂଗ୍ରହ ସବୁ ତିନିଦିନ ପାଇଁ। ବିଶେଷ ଧ୍ୟାନ ପୋଡ଼ପିଠାରେ। ଜ୍ୟେଷ୍ଠ ଶେଷ ଦିନ ପହିଲି ରଜ। ଆଦ୍ୟ ଆଷାଢ଼ (ମିଥୁନ ପ୍ରଥମ ଦିନ) ରଜ ସଂକ୍ରାନ୍ତି। ଏହିଦିନ ଧରଣୀମାତା ରଜସ୍ୱଳା ହୁଅନ୍ତି। ମିଥୁନ ଦୁଇଦିନ ଭୂମିଦହନ / ଭିନଅଣ। ତା' ପରଦିନ ବସୁମତୀ ସ୍ନାନ। ରଜ ତିନିଦିନକୁ କୁମାରୀମାନେ ନିଷ୍ଠାର ସହ ପାଳନ କରନ୍ତି। ସେମାନଙ୍କୁ ଖାଲିପାଦରେ ଚାଲିବା ମନା। କାହା ପାଦରେ ଗୁଆ ଖୋଳପା ତ କାହା ପାଦରେ କଦଳୀ ବାସୁଙ୍ଗା। ଥିରିଥିରି ଚାଲି। ରଜଦୋଳି ଗୀତରେ ଏକଥାଟି ପ୍ରତିଫଳିତ – "ଭୂମି ହେଲା ରଜବତୀ / ମାଟିକି ହାଣିଲେ ଫାଟେ ତା' ଛାତି / ବଉଳ ଲୋ ସେ ତ ମା' ବସୁମତୀ। ମାନିଥିବୁ ରଜବିଧି, ମାନିଥିବୁ ରଜବିଧି / ଚାଲିବୁ କଦଳୀ ବାହୁଙ୍ଗା ବାନ୍ଧି / ବାହୁଙ୍ଗା ବାନ୍ଧି ବଉଳଲୋ! ଗୁଆ ଖୋଳପାକୁ ପିନ୍ଧି!" ନଦୀରେ କୁମାରୀମାନଙ୍କ ସ୍ନାନ, ତା' ପର ଦି' ଦିନ ଗାଧୁଆ ସେମାନଙ୍କୁ ବାରଣ। ଝିଅ ବୋହୂଙ୍କ ରଜ ତିନିଦିନ ନବବସ୍ତ୍ର ପରିଧାନ। ଗହଣା ଗଣ୍ଠିରେ ସଜେଇ ହୁଅନ୍ତି। ହସ ଖୁସିରେ ମଜି ହଜିଯାଆନ୍ତି। ଏ କଥାଟି ଉଣା ଅଧିକେ ଲୋକ ଗୀତରେ ସ୍ଥାନିତ – "ଗାଧେଇ ଅଇଲି, ଗାଧେଇ ଅଇଲି / ଛଡ଼ାଇ ଅଇଲିମଳି / ନାକଫୁଲ ଗୁଣା ହଜାଇ ଆଇଲି / ପିନ୍ଧିଲି ଗଜରା ମାଳି, ବଉଳଲୋ! ପିନ୍ଧିଲି ଗଜରା ମାଳି।" ପାଚିଲା ଭଇଁଚ କୋଳି, ବେକରେ ନାଇଚୁ ଗଜରାମାଳୀ, ଗଜରାମାଳୀ ଲୋ / ଝୁଲାଇ ରଜର ଦୋଳି / ସଜନୀ ଲୋ ଝୁଲାଇ ରଜର ଦୋଳି।"- ଇତ୍ୟାଦି। ରଜ ପର୍ବ ବହୁତ ପ୍ରାଚୀନ। ଏହା ପଛରେ ଐତିହାସିକ କାରଣଟେ ନିହିତ। ନନ୍ଦ ରାଜବଂଶ ଶାସନ କାଳରେ ରଜର ଆଧୁନିକ ସ୍ୱରୂପ ପ୍ରକାଶିତ ହେଲା। ରାଜା ମହାପଦ୍ମନନ୍ଦ କୃଷିଭିତ୍ତିକ ଅର୍ଥନୀତି ଉପରେ ଗୁରୁତ୍ୱ ଦେଲେ। ପୋଡୁଚାଷକୁ ଆଧୁନିକ କରଣ କରାଗଲା। କୃଷି ଉପଯୋଗୀ ଭୂମି ପ୍ରସ୍ତୁତ ହେଲା। ଖାଲି ସମୟରେ ରଜପର୍ବ ପାଳିତ ହେଲା। ଝିଅବୋହୂମାନେ ପୂର୍ଣ୍ଣ ବିଶ୍ରାମ ନେଲେ। ଓଡ଼ିଶାର ବଣ୍ଡା, ଧରୁଆ, ସଅରମାନଙ୍କ ପୋଡୁଚାଷ ସହିତ ରଜପର୍ବ ସମ୍ବନ୍ଧିତ। ଏଇ ଜନଜାତିମାନେ ଜଙ୍ଗଲ ପୋଡ଼ନ୍ତି, ପାଉଁଶକୁ ଜମିରେ ବିଛାନ୍ତି। ଆସେ ପହିଲି ଆଷାଢ଼। ଅଙ୍କୁରୋଦ୍‌ଗମ ଘଟେ। ଧରିତ୍ରୀକୁ ବିଶ୍ରାମ ଦିଆଯାଏ। ଫୁଲ, ଫଳ ଛିଣ୍ଡେଇବା ନିଷିଦ୍ଧ, ଉଭୟ ନାରୀ ପୁରୁଷ ନୃତ୍ୟଗୀତରେ ବିଭୋର ହୁଅନ୍ତି। ସମୟ କ୍ରମେ ଏ ଚଳଣି ସମାଜ ମଧ୍ୟକୁ ପ୍ରବେଶ କରିଥିଲା। ସାରା ଓଡ଼ିଶାରେ ଏହି ପର୍ବ ବିଖ୍ୟାତ। ମାତ୍ର କଟକ, ପୁରୀ, ବାଲେଶ୍ୱର; ଏଇ ତିନିଟି ଉପକୂଳ ଜିଲ୍ଲା ରଜ ମହୋତ୍ସବ ପାଇଁ ପ୍ରସିଦ୍ଧ। ଆଉ ଏକ ପୌରାଣିକ ଉପାଖ୍ୟାନ। ମହାପ୍ରତାପୀ, ସୌମ୍ୟଦର୍ଶନ, ତ୍ରିକାଳଦର୍ଶୀ ଲଙ୍କେଶ୍ୱର। ତାଙ୍କର ମୟ ଦାନବ କନ୍ୟା ମନ୍ଦୋଦରୀଙ୍କ ମଧ୍ୟରେ ପ୍ରେମ, ବିବାହ ପୂର୍ବରୁ ଉଭୟଙ୍କର ମିଳନରେ ଶିଶୁକନ୍ୟାଟିଏ ଜନ୍ମ ନିଏ। ମୟ ଲୋକାଚାର ଭୟରେ ଏହି କନ୍ୟାକୁ ମିଥିଳା ରାଜା ଜନକଙ୍କ ରାଜ୍ୟରେ ପୋତି ଦିଅନ୍ତି। ତାହା ସାରା ମିଥିଳା ପାଇଁ ଦୁର୍ଭାଗ୍ୟ ଆଣେ। ଅନାବୃଷ୍ଟି ଜନିତ ମଡ଼କରେ ପ୍ରଜାକୁଳଙ୍କର ତ୍ରାହି ତ୍ରାହି ଚିତ୍କାର, ବଡ଼ ବିକଳ,କରୁଣ। ଋଷିସ୍ମୃତି ଜନକ ଜ୍ୟୋତିର୍ବିଦଙ୍କ ପରାମର୍ଶକ୍ରମେ ଭୂମି କର୍ଷଣ କରନ୍ତି ଏବଂ ଉଦ୍ଧାର କରନ୍ତି ଶିଶୁକନ୍ୟାଟିକୁ। ସେହି ହିଁ ସତୀ, ସାଧ୍ୱୀ ଜାନକୀ, ମୈଥିଳୀ। ତା' ପରେ ମିଥିଳାରେ ହସ ଖୁସିର ମାହୋଲ, ଆନନ୍ଦ, ମଉଛବ, ପିଠାପଣା, ଖିଆପିଆ। ଇନ୍ଦ୍ରଦେବଙ୍କ କୃପା, ଆକାଶରୁ ଅପ୍ରତ୍ୟାଶିତ ଭାବେ ଝରିଲା ବର୍ଷା ବିନ୍ଦୁ, ସଞ୍ଚରିଗଲା ଆନନ୍ଦ ଲହରୀ, ମା' ବସୁଧା ରଜସ୍ୱଳା ହେଲେ। ପୁନଶ୍ଚ ଏକ ଚିରହରିତ୍ ସବୁଜ ସସାଗରା ଧରଣୀର ଆଶା ସମୁଜ୍ଜ୍ୱଳ ହେଲା। ମିଥିଳାବାସୀ ମହାଆନନ୍ଦରେ ବିଭିନ୍ନ ସ୍ଥାନରେ ଦୋଳିରେ ଝୁଲିଲେ। 'ରଜଦୋଳି' ଯାହାକି ଏହି ପର୍ବର ଅନ୍ୟତମ ମୁଖ୍ୟ ଆକର୍ଷଣ। ଉକ୍ତ ପ୍ରସଙ୍ଗରୁ ଦୋଳି ଚିନ୍ତାଧାରାଟି ସ୍ପଷ୍ଟ। ପହିଲି ରଜ, ଜାଙ୍ଗୁଲ, ଜାଙ୍ଗୁଲ ରାତି ପାହିଆସେ। ଦୂର ଆମ୍ବତୋଟା ଗହଳରୁ କୁମ୍ଭାଟୁଆ ଡାକେ, ଡାମରା କା' କା' ରେ ନିଦଭାଙ୍ଗେ। ମଲ୍ଲୀ, ଚମ୍ପା, ବଉଳ, କୁନ୍ଦ – ସ୍ନାନରୁ ଫେରନ୍ତି। ସଜବାଜ ସରେ। ପାଦରେ ହେଙ୍ଗୁ ଅଳତା, ମୁଣ୍ଡରେ ଚନ୍ଦନ ଟିପା, ରଙ୍ଗବେରଙ୍ଗର ପୋଷାକ; ଗାଁ ବୁଲିଯାଆନ୍ତି ଝିଅବୋହୂ। କିଏ ପରସି ଦିଏ ନବାତ, ଛେନା, ଗୁଡ଼, ନଡ଼ିଆ, ଛେନା, କର୍ପୂର, ମରିଚ ଦିଆ ପୋଡ଼ପିଠା, କିଏ ଭାଙ୍ଗି ବଢ଼େଇ ଦିଏ ରଜ ପାନ ଖିଲେ। ମହମହ ମହକ, କିଆ କେତକୀ ଖଇର, ଲବଙ୍ଗ ଗୁଜୁରାତି ଦିଆ ବିଡ଼ିଆ ପାନ। ପୋଡ଼ପିଠା, ମିଠାପାନ – ଏ ଦୁଇଟି ରଜର ଅନନ୍ୟ ଆକର୍ଷଣ। ରଜରେ ବିବାହିତାଙ୍କ ଝିଅଘରୁ ଆସେ ରଜଭାର। ଏଇଟି ଏକ ସ୍ୱତନ୍ତ୍ର ପରମ୍ପରା। ଆମ୍ବ, ପଣସ, କଦଳୀ, ନଡ଼ିଆ ଭାର; ଗୁଡ଼ିଆ ଗୁଡ଼ିଆ ନାଲି ଉଖୁଡ଼ା, ତା' ସହିତ କରଞ୍ଜି, ନିମିକି, ଲବଙ୍ଗୀ। ଗୃହକର୍ତ୍ତା ସାଇପଡ଼ିଶା, ବନ୍ଧୁବାନ୍ଧବ ଘରକୁ କିଛିକିଛି ପଠାଏ, ଦିଆ ନିଆ, ଭାବଲାଭ, ସଂପ୍ରୀତି, ସଦ୍‌ଭାବନା ବଢ଼େ, ଆତ୍ମୀୟତା ସୁଦୃଢ଼ ହୁଏ। ପାଚିଲା ଆମ୍ବ, ପଣସ, କଦଳୀ, ସପୁରୀ ରଜର ଆଉ ଏକ ଆକର୍ଷଣ। ଏ କଥାଟି ଲୋକଗୀତରେ ସ୍ଥାନିତ – "ପଣସ ପାଚିଲା ବନେ, ପଣସ ପାଚିଲା ବନେ / ବନ ପୋଡ଼ିଗଲେ ଦୁନିଆ ଜାଣେ / ଦୁନିଆ ଜାଣେଲୋ / ମନ କଥା କିଏ ଜାଣେ, ବଉଳ ଲୋ! ମନ କଥା କିଏ ଜାଣେ।" ପାଚିଲା ପଣସ ଆମ୍ବ, ପାଚିଲା ପଣସ ଆମ୍ବ ପରଖି ନକରି ଯାହାଠି ଭାବ, ଯାହାଠି ଭାବ / ସେ ତ ଦିନେ ଦଗା ଦବ ବଉଳଲୋ! ସେ ତ ଦିନେ ଦଗା ଦେବ।" କୁମାରୀ ମାନଙ୍କର 'ରଜଦୋଳି' ମୁଖ୍ୟ ଆକର୍ଷଣ। ଗାଁ ମୁଣ୍ଡ ଆମ୍ବତୋଟା ଅବା ଝଙ୍କା ବରଗଛ, 'ରଜଦୋଳି' ଝୁଲେ। ଏ ଦୋଳି ପୁଣି ଜାତି ଜାତିର; ରାମଦୋଳି, ଚକ୍ରୀଦୋଳି, ପଟା ଦୋଳି, ଦାଣ୍ଡି ଦୋଳି। ରଜ ତିନିଦିନ ଝିଅବୋହୂ ଦୋଳି ଖେଳନ୍ତି; ସାଙ୍ଗରେ ଥାଆନ୍ତି ଭେଣ୍ଡିଆ ଯୁବା, ସାନ ସାନ ପିଲେ। ଦୋଳିରେ ଝୁଲୁଝୁଲୁ ଦୋଳିଗୀତ ଗାଆନ୍ତି। ଚାଲେ ଚଢ଼ା ଉତ୍ତାର, ଭାରି ରସରସିଆ ମଧୁରିଆ ସେ ରଜଦୋଳି ଗୀତ। ଏଥିରେ ଭରପୁର ରଜ-ପ୍ରଥା-ପରମ୍ପରା କଥା, ସାମାଜିକତା, ନାରୀ ମନସ୍ତତ୍ତ୍ୱ, ଆଉ ଶୃଙ୍ଗାରିକତା। କେଉଁ କୁଆଁରୀଟି ଗାଏ, "ରଜଦୋଳି ଲାଗିଲାଣି ଖେଳିବାକୁ ଯିବା ସାଙ୍ଗ ଭଉଣୀ / ବଉଳଲୋ!/ ଏଣେ ବେଳ ଉଛୁର ହେଲାଣି, ବଉଳ ଲୋ! ଚାଲେ ଦୋଳି ଖେଳ, ଝୁଲୁଝୁଲୁ କିଏ ଗାଇଯାଏ – "ଦୋଳି ଛୁଇଁ ଯାଏ ଡାଳ, ଦୋଳି ଛୁଇଁ ଯାଏ ଡାଳ / ପରଦେଶୀ ପ୍ରେମ ସାଜଇ କାଳ, ବଉଳଲୋ! / କାନ୍ଦିକାନ୍ଦି ଯାଏ ବେଳ।" ରଜ ଦୋଳି କଟମଟ / ମୋ ଭାଇ ମୁଣ୍ଡେ ସୁନା ମୁକୁଟ ବଉଳଲୋ! / କରୁଥାଏ ଝଟଝଟ।" ଦୋଳି ଗୀତରେ ନଣନ୍ଦ ଭାଉଜଙ୍କ ହାସ ପରିହାସ- "ପିତା ଶାଗ ବୁଦି ବୁଦି, ପିତାଶାଗ ବୁଦିବୁଦି / ଭାଇ କାହାସାଙ୍ଗେ କଳା ପୀରତି / କଳା ପୀରତି / ହାତୁ ଦେଇ ସୁନାମୁଦି।" ଆଉ କେଉଁ ଗୀତରେ ଥାଏ ନାରୀ ମନ ଗହନର ଗୋପନ କଥା, ପ୍ରେମପ୍ରୀତିର ସ୍ୱର୍ଗୀୟ ଅନୁଭବ। ତା' ସହ ଦଗାଦିଆ ପ୍ରେମିକ ପ୍ରସଙ୍ଗ – ନଈକି ମାଇଲି ଗିଲ, ନଈକି ମାଇଲି ଗିଲ / ସଙ୍ଗାତୁଣୀ ନଈକି ମାଇଲି ଗିଲ / କେତେ ରଙ୍ଗ ଦେଖାଉ ଦିଅର ଟୋକାରେ, ଦିଅର ଟୋକାରେ / ଭାଙ୍ଗି ନାହିଁ ଦୁଧୁ ଗାଲ / ଶଙ୍ଖ ମଲମଲ ଗିନା, ଶଙ୍ଖ ମଲମଲ ଗିନା / ଦରଦ ବୁଝେ ଦରଦୀ ସିନା / ଦରଦୀ ସିନା ଲୋ / ବଣିଆ ଚିହ୍ନେଟି ସୁନା। ଗୋଲାପ ଗଛର କଣ୍ଟା, ଗୋଲାପ ଗଛର କଣ୍ଟା / ଭାରି ଭଲ ଲାଗେ ଭିଣୋଇ ଥଟ୍ଟାଲୋ, ଭିଣୋଇ ଥଟ୍ଟା, କରୁ ପଛେ ହଟହଟା, ବଉଳ ଲୋ / କରୁ ପଛେ ହଟହଟା।" ଆଉ କିଏ ଗାଏ ବିରହିଣୀର ମନ କଥା- "ଖଟ ତଳେ ଗଲା ବିଛା, ଖଟ ତଳେ ଗଲା ବିଛା / କାନ୍ତ ଯାଇଛନ୍ତି ବିଦେଶ କରି, ବଉଳଲୋ !/ ପଲଙ୍କ ପଡ଼ିଛି ତୁଚ୍ଛା। ମଦରଙ୍ଗା ଶାଗ ରାଇତା, ମଦରଙ୍ଗା ଶାଗ ରାଇତା / ମୋର କଳା ମଟମଟ ଘଇତା / ଏଗୋଡ଼ ଖସିଲା, ସେ ଗୋଡ଼ ଖସିଲା ବଉଳଲୋ / ଟୋକା ଦିଅର ମୋ ଗମ୍ଭିରୀ ଘରେ ମୁରୁମୁରୁ କରି ହସିଲା। ଦୋଳି ଗୀତରେ ଭରପୂର ଗ୍ରାମ୍ୟ କିଶୋରୀର ଉଚ୍ଛୁଳା ପ୍ରେମ କାହାଣୀ, କୁଳ ବଧୁଙ୍କର ସୁଖ, ଦୁଃଖ, ବ୍ୟଥା ବେଦନାର କଥାଗାଥା। ଏଥିରେ ନାହିଁ ବୌଦ୍ଧିକତା, ହେଲେ ଶ୍ରୋତାପ୍ରାଣକୁ ଚହଲେଇ ଦିଏ, ଭେଦି ଯାଏ ମର୍ମସ୍ଥଳକୁ।

ଗାଁ ମୁଣ୍ଡ ଦଣ୍ଡା, ନଈପଠାରେ ଚାଲେ କବାଡ଼ି ଖେଳ, ଗାଁ ଭେଣ୍ଡିଆଏ ଏକଜୁଟ୍। ବାଜେ ବାଗୁଡ଼ିବାଜା, ବାଜିଥାଏ ଖାସି ଅବା କଦଳୀ କାନ୍ଧୀ। ଆଉ କିଏ ଚଉପାଢ଼ିରେ ବସି ଖେଳନ୍ତି ପଶା, ଲୁଡୁ, ତାସ, ଆଉ ଭୁଆସୁଣୀମାନେ ଲୁଚ୍ଚ କଉଡ଼ି। ଏ ଖେଳ ଚାଲେ ଡେର୍ ଡେରିଯାଏ। ସମବୟସ୍କମାନେ ମଜି ରହନ୍ତି। ରାତି ଘନେଇଆସେ କେଉଁଠି ଗୋଟିପୁଅ ନାଚ, ବାଦୀପାଲା, ଦାସକାଠିଆ, ଅବା ଦଣ୍ଡନାଚ। ସରସିଯାଏ ରଜ ତିନିଦିନ। ସରି ସରି ଆସେ ରଜ ମଉଜ, ରାତି ପାହିଆସେ। ଆରମ୍ଭ ହୁଏ ବାସୁମତୀ ସ୍ନାନ, ଗାଁ ଠାକୁରାଣୀ ମାର୍ଜନା। ସଦ୍ୟ ସ୍ନାନ ସାରି କୁଳବଧୂ ମା' ବସୁଧାଙ୍କୁ ପୂଜାର୍ଚ୍ଚନା କରନ୍ତି। ପିଢ଼ା ଉପରେ କଜଳପାତି, ହଳଦୀ, କପା, ଗୁଆ, ଶିଳପୁଆ ଥାପି ଦିଅନ୍ତି। ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରନ୍ତି। ଗ୍ରାମଦେବତୀଙ୍କୁ ମାଜଣା କରାଯାଏ। ମା'ଙ୍କୁ ଚୁଆ, ଚନ୍ଦନରେ ସ୍ନାନ କରାନ୍ତି ପୂଜାରୀ, ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ପିଠାପଣା ନୈବେଦ୍ୟ ହୁଏ। ମା'ଙ୍କ ପାଦୁକା ଗ୍ରାମବାସୀ ପାଆନ୍ତି, କୃଷି ଉପକରଣରେ ସିଞ୍ଚନ କରନ୍ତି। ବରଷକର ଶୁଭ ମନାସନ୍ତି ମା'ଙ୍କ ନିକଟରେ। ସରିଯାଏ ରଜ ଅବଧି। ଏଣିକି ଘରମୁହାଁ ରଜ, ପୁନଶ୍ଚ ଅପେକ୍ଷା ଆରସନକୁ।

ସମୟର ଚକ। ଘୂରୁଛି, କେତେକେତେ ପରିବର୍ତ୍ତନ, ଶିକ୍ଷା, ସଂସ୍କାର, ସଂସ୍କୃତି ପ୍ରତିଟିରେ ନୂତନତାର ସ୍ପର୍ଶ। ଏଇଟି ସ୍ୱାଗତଯୋଗ୍ୟ; ମାତ୍ର ସାଂସ୍କୃତିକ ଅବକ୍ଷୟ ଗୋଟେ ଜାତିର ବିଲକ୍ଷଣ। ଏ ପରିପ୍ରେକ୍ଷୀରେ ରଜ-ସଜବାଜ-ମଉଜ କଥା ବିଚାର୍ଯ୍ୟ। ଦିନେ ରଜ ଥିଲା ବହୁ ପ୍ରତିକ୍ଷିତ; ଏବେ ସତେ ଯେମିତି ଅଖୋଜା, ଅଲୋଡ଼ା। ମୁଖ୍ୟତଃ କୁମାରୀମାନଙ୍କର ଏ ପର୍ବ। ହେଲେ ସେମାନଙ୍କର ମନ ଏଥିରେ ଆଉ ନାହିଁ, କେବଳ ନବବସ୍ତ୍ର ପରିଧାନରେ ଏହା ସୀମିତ। ରଜଦୋଳି ଗୀତ ଏବେ ସପନର ସପନ, କାଁ ଭାଁ କାନରେ ପଡ଼େ। ଦଣ୍ଡା, ଗୋହିରୀ, ଗୋଚର ଆଉ ବାଡ଼ି ଗୁବେ ନାହିଁ, ରଜ ବାଗୁଡ଼ି କାହୁଁ ଆସିବ? ଦଣ୍ଡା ବରଗଛ, ଗହଳିଆ ଆମ୍ବତୋଟା, ଏବେ ଆଖିରେ ପଡ଼େନା, ରଜଦୋଳି ବା କେମିତି ଲାଗିବ? ରସରସିଆ ମନ ମୋହକିଆ ରଜଗୀତ; ଆମ କୁମାରୀମାନେ ଗାଆନ୍ତିନି, ଏଇଟା କୁଆଡ଼େ ପୁରୁଣାକାଳିଆ ରୁଚି। ଆଧୁନିକାଙ୍କର ନାପସନ୍ଦ। ତାସ, ଲୁଡୁ, ପଶା ଖେଳ ଯାହା; ସେଥିରେ ପୁଣି ଟଙ୍କା ବାଜି ଲଗାଲଗି, କଳି ତକରାଳ। ଖେଳୁଆଡ଼ ମନୋଭାବ ଘରେ ଶୂନ। ରଜ ତିନିଦିନ ଯାକ ଖାସୀ, କୁକୁଡ଼ା ବଧ, ରକ୍ତର ସୁଅ ରାସ୍ତାକଡ଼ରେ, ଗାଁରେ ଗାଁରେ, ଆମିଷ ଖିଆ – ଏଇଟି ଏବେ ରଜର ସାରମର୍ମ। ଆଉ ଗଜଙ୍କ ଡାକ, ଏତ ଲଙ୍କାରେ ହରିଶବ୍ଦ, ନିତି ଗଜରାଜଙ୍କ ନିଧନ। ଚଇତି ଘୋଡ଼ା, ଗୋଟିପୁଅ ନାଚ, ଆଉ ଆଉ ଲୋକନୃତ୍ୟଗୀତ ନାହିଁ, ତା' ଜାଗାରେ ରେକର୍ଡ଼ ଡ୍ୟାନ୍ସ, ଯୁବକ ଯୁବତୀ ନାଚନ୍ତି କେତେ ଛଇ ଛଟକରେ। ଏବେ 'ରଜ' ଠା ନେଲାଣି 'ରଜୋ'। ଏମିତି ବିକୃତ ଲିଖନ – କାହା ଦିହ ଅବା ସହିବ ଭଲା! ଓଡ଼ିଆଏ ବସି ଭାବନ୍ତୁ, ରକ୍ଷା କରନ୍ତୁ ଆପଣାର ମାନସମ୍ମାନ, ଭାଷାର ଟେକ ବଜାୟ ରହୁ। ସବୁ ପ୍ରତିକୂଳ ସ୍ଥିତି ସତ୍ତ୍ୱେ ଆସେ ରଜ। ଏସନ, ଆସିଛି। ହଜି ଥାଉ ପଛେ ତା'ର ମହକ ଟିକକ। ରଜ ହିଁ ରଜ – "ବାଉଁଶ ମାଇଲା ଗଜା, ବାଉଁଶ ମାଇଲା ମଜା / ପରବ ଭିତରେ ରଜ ତ ରାଜା ଲୋ/ ଆସ ମନେଇବା ମଜା / ବଉଳଲୋ! ଆସ ମନେଇବା ମଜା।" ସମୟ ସୁଅରେ ଭାସି ଯାଉଛି ରଜ ପରମ୍ପରା। କବିଟି ଦୁଃଖରେ ଗାଇଛନ୍ତି – "ଆଜି କଥା ପୁଣି ନାହିଁ ତ କାଲିକି / ଘଡ଼ିକି ଘଡ଼ିଏ ହେଉଛି ଆନ / ଜଗତ ବେଭାର ବୁଝିବା କଠିନ / ସବୁ ଯିବ ଚାଲି ଜାଣି ନ ଜାଣ।" ତଥାପି "ଯାଆରେ ମନଦୋଳି ଉଡ଼ିଯା, ଯା'ରେ ମନ ଦୋଳି ଉଡ଼ିଯା, ବସୁମତୀ ମା' ଶରଧା କଥା ମେଘଦେଶେ କହି ଆ' / ଯା'ରେ ମନ ଦୋଳି ଉଡ଼ିଯା।" ଆସନ୍ତୁ ନା' ମିଳିମିଶି ରଜ ମୁହଁରେ ମାଖି ଦେବା ମଲ୍ଲୀ ମହକ, ଗଭାରେ ପିନ୍ଧେଇ ଦବା ବଉଳ ଫୁଲର ଗଜରା, ରେଡ଼ିଓ ଟିଭି ନୁହେଁ, ଆମେ କୁମାରୀମାନେ ଶୁଣାଇବେ ରଜଦୋଳୀ ଗୀତ – ବନସ୍ତେ ଡାକଇ ଗଜ...

# ରଜ ପୋଡ଼ପିଠା



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର,
ମୋ-୮୮୯୫୧୯୦୪୭୫

ରଜ ଓଡ଼ିଶାର ଏକାନ୍ତ ନିଜସ୍ୱ ପର୍ବ। ଓଡ଼ିଶାର ଜାତୀୟ ପର୍ବ ଭାବରେ ରଜକୁ ସ୍ୱତନ୍ତ୍ର ମାନ୍ୟତା ମିଳିଛି। ଓଡ଼ିଶାର ଭିନ୍ନ ଭିନ୍ନ ଅଞ୍ଚଳରେ ଏହାର ପାଳନ ବିଧିରେ ଭିନ୍ନତା ଦେଖାଯାଉଥିଲେ ମଧ୍ୟ ଏହାର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଅଟେ ଏକ। କୃଷି ଭିତ୍ତିକ ରଜ ମହୋତ୍ସବ ଏକ ସମନ୍ୱୟ ଓ ସମୁଜ୍ଜ୍ୱଳ ସାଂସ୍କୃତିକ ବିଭବର ପରିପ୍ରକାଶ। ସଂସ୍କୃତିର ବିଭିନ୍ନ ଅଙ୍ଗକୁ ସମୃଦ୍ଧ କରିବା ଦିଗରେ ରଜ ମହୋତ୍ସବର ରହିଛି ଅମୂଲ୍ୟ ଅବଦାନ। ବର୍ଷାର ଶୁଭ ଆଗମନ ଓ କୃଷି କାର୍ଯ୍ୟର ଆଦ୍ୟ ପ୍ରସ୍ତୁତ ପରିପ୍ରେକ୍ଷୀରେ ଓଡ଼ିଶା ପାଳନ କରେ ରଜ ପର୍ବ। କୃଷି କର୍ମର ବର୍ଷ ଆରମ୍ଭ ହୁଏ ରଜ ପର୍ବରୁ। ବର୍ଷର ଆରମ୍ଭ ଓ ବର୍ଷାର ଆରମ୍ଭକୁ ନେଇ ସମ୍ଭବତ ଓଡ଼ିଆ ରଜ ଉତ୍ସବ। ସାମାଜିକ ଓ ସଂସ୍କୃତିକ ଜୀବନର ସୁନ୍ଦର ପରିଭାଷା ରଜ ଅଟେ। ରଜ ସାମ୍ୟ, ମୈତ୍ରୀ, ପ୍ରୀତି, ଏକତା, ସଂହତି, ପ୍ରେମ, ପ୍ରଣୟ ଓ ଭାବର ଏକ ପ୍ରବାହମାନ ଧାରା। ରଜ ଚାରି ଦିନ ଧରି ଆୟୋଜିତ ହୁଏ। ପ୍ରଥମ ଦିନ ପହିଲି ରଜ, ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି, ତୃତୀୟଦିନ ଭୂଇଁ ଦହନ ଓ ଚତୁର୍ଥ ଦିନ ବସୁମତୀ ସ୍ନାନ। ରଜ ମହୋତ୍ସବର ମୁଖ୍ୟ ଆକର୍ଷଣ ସାଜ-ସଜା, ଦୋଳିଖେଳ, ରଜ ଦୋଳିଗୀତ, ରଜପାନ, ସାହିବୁଲା ଓ ପୋଡପିଠା ଖିଆ। ରଜ ଅବସରରେ ପ୍ରତ୍ୟେକଘରେ ପୋଡ଼ପିଠା ପ୍ରସ୍ତୁତ କରାଯାଏ। ରଜରେ ପୋଡ଼ପିଠାର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି। ଓଡ଼ିଆ ଖାଦ୍ୟ ସାମଗ୍ରୀରେ ପିଠାର ଯଥେଷ୍ଟ ଆଦର ରହିଛି। ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ପିଠା ପ୍ରସ୍ତୁତରେ ଓଡ଼ିଆ ମାନଙ୍କର ସୁନାମ ଅନନ୍ୟ ଓ ଅସାଧାରଣ। କେବଳ ଭାରତ ବର୍ଷ ନୁହେଁ ସମଗ୍ର ବିଶ୍ୱରେ ଓଡ଼ିଆ ମାନଙ୍କ ଦ୍ୱାରା ପ୍ରସ୍ତୁତ ପିଠାର ରହିଛି ଯଥେଷ୍ଟ ଆଦର। ଓଡ଼ିଶାରେ ପାଳିତ ହେଉଥିବା ପ୍ରତ୍ୟେକ ଯାନି, ଯାତ୍ରା, ଓଷା, ବ୍ରତ, ଉପାସନା ଓ ଉତ୍ସବ ମାନଙ୍କ ପାଇଁ ସ୍ୱତନ୍ତ୍ର ପିଠା ପ୍ରସ୍ତୁତ କରାଯାଏ। ଆରିସା, କାକରା, ମଣ୍ଡା, ଏଣ୍ଡୁରୀ, ଗଇଁଠା, ଚକୁଳି, ଚିତଉ ପିଠା ପ୍ରଭୃତି ଭିନ୍ନ ଭିନ୍ନ ପର୍ବ-ପର୍ବାଣୀ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥାଏ। ଅନୁରୂପ ଭାବରେ ପୋଡ଼ପିଠା ରଜ ମହୋତ୍ସବର ଅନୁପମ ବୈଶିଷ୍ଟ୍ୟ ଅଟେ। ଅରୁଆ ଚାଉଳ, ଅଟା, ରାଶି, ନଡିଆ, କୋରା, ଗୁଡ, ଦହି, ଘିଅ, ଛେନା, ଅଦା, ଜୁଆଣୀ, ପାନମଧୁରୀ, ଲବଙ୍ଗ, ଅଳେଇଚ, ଗୁଜୁରାତି, କାଜୁ, ପେସ୍ତା ବାଦାମ ପ୍ରଭୃତି ସାମଗ୍ରୀର ମିଶ୍ରଣରେ ସୁମିଷ୍ଟ ଓ ସ୍ୱାଦିଷ୍ଟ ପୋଡ଼ପିଠା ରଜ ଉତ୍ସବ ଅବସରରେ ପ୍ରସ୍ତୁତ କରାଯାଏ। ବିଭିନ୍ନ ସାମଗ୍ରୀର ଆବଶ୍ୟକତା ଥିବାରୁ ପୋଡ଼ପିଠା ପ୍ରସ୍ତୁତରେ ଟିକେ ଅଧିକ ଖର୍ଚ୍ଚ କରିବାକୁ ପଡେ। ଓଡ଼ିଶାର ଲୋକ ନୃତ୍ୟ ଘୋଡା ନାଚ' ଗୀତରେ ରଜ ପୋଡ ପିଠାର କଥା ଅତି ମାର୍ମିକ ଭାବେ ବର୍ଣ୍ଣିତ ଅଛି। ଘୋଡା ନାଚକୁ ଅଧିକ ଜନପ୍ରିୟ କରିବା ଓ ଏଥିପ୍ରତି ସଂପୂର୍ଣ୍ଣ ସମର୍ପିତ ଥିବା ଶ୍ରୀ ଉଛବ ଚରଣ ଦାସ ଚୌଦୁଆର ନିବାସୀଙ୍କୁ ଭାରତ ସରକାର ୨୦୨୦ ମସିହାରେ ପଦ୍ମଶ୍ରୀ ଉପାଧିରେ ଗୌରବାନ୍ୱିତ କରିଛନ୍ତି। ପୋଡ ପିଠାକୁ ନେଇ ତାଙ୍କ କଣ୍ଠରେ ଏକ ସୁନ୍ଦର ଗୀତ ହେଲା :-

**'ଗାଇ ରଜ ଦୋଳି ଗୀତ
ପୋଡ ପିଠା ଖଣ୍ଡେ ଖାଆନ୍ତି ମିତ
ପ୍ରାଣ ସହିଲୋ
ଖରଚ ହେବ ବହୁତ ''**

ପ୍ରାୟ ପ୍ରତ୍ୟେକ ଘରେ ପୋଡ଼ପିଠା ପ୍ରସ୍ତୁତ ହୋଇଥାଏ ସାହି-ପଡିଶାରେ ପୋଡ଼ପିଠାର ଆଦାନ ପ୍ରଦାନ ଓଡ଼ିଆ ଘରର ଏକ ପରମ୍ପରା ରହିଆସିଛି। ଏହାର ପ୍ରସ୍ତୁତ ଶୈଳି ଉପରେ ଓଡ଼ିଆରେ ଏକ ସୁନ୍ଦର ଟିପଣୀ ଅଛି। ତାହା ହେଲା-'' ଉପରେ ନିଆଁ, ତଳେ ନିଆଁ, ମଝିରେ ବସିଛି ବୁଢ଼ା ମିଆଁ''। ଶ୍ରୀ ଜଗନ୍ନାଥ ସଂସ୍କୃତି ସହିତ ପୋଡ଼ ପିଠାର ସଂପୃକ୍ତି ରହିଛି।

ଶ୍ରୀଜଗନ୍ନାଥ ମନ୍ଦିରର ରାଜଭୋଗ ପରମ୍ପରା ପ୍ରସଙ୍ଗରେ ''ଛପନ ଭୋଗ '' ଏକ ଲୋକ ପ୍ରିୟ ନାମ। ଶ୍ରୀ ମନ୍ଦିରର ସ୍ୱତ୍ତ୍ୱ ଲିପିରେ ଏହାର ଉଲ୍ଲେଖ ନଥିଲେ ମଧ୍ୟ ମାଦଳା ପାଞ୍ଜିରେ 'ଉପନ ଭୋଗ' କୁ ଛପନ ଭୋଗ କୁହାଯାଏ। ଏହା କେତେକ ଭୋଗର ସମାହାର। ସୁନାମ ଧନ୍ୟ ଐତିହାସିକ ଚକ୍ରଧର ମହାପାତ୍ର ସ୍ୱରଚିତ 'ଉତ୍କଳ ଇତିହାସର ଅଜ୍ଞାତ ଅଧ୍ୟାୟ'ରେ ଛପନ ଭୋଗ ସଂପର୍କରେ ଏକ ବିବରଣୀ ପ୍ରଦାନ କରିଛନ୍ତି। 'ପୁରୀ ବୋଲି'ର ଲେଖକ ଓ ଗବେଷକ ଡକ୍ଟର ସିଦ୍ଧେଶ୍ୱର ମହାପାତ୍ର କହିଛନ୍ତି ଅନ୍ନ ବ୍ୟଞ୍ଜନାଦି, ପୁଷ୍ପକାଦି ବହୁବିଧ ନୈବେଦ୍ୟକୁ ଛପନ ଭୋଗ କୁହାଯାଏ। ଚକ୍ରଧର ମହାପାତ୍ରଙ୍କ ବିବରଣୀରେ ଅଛି ୧୨୦ରୁ ଊର୍ଦ୍ଧ୍ୱ ଭୋଗ। ତାହାର କ୍ରମ ୩୮ରେ ଅଛି 'ପିଠା। ଏହି ପୀଠା ମଧ୍ୟରେ ଅଛି ବଡ ପିଠା, କାନ୍ତି ପିଠା, ସାତପୁରୀ ପିଠା ଏବଂ ଏହା ସହିତ ପୋଡ ପିଠା। ଏବେ ଶ୍ରୀ ମନ୍ଦିରରେ ଶ୍ରୀଜୀଉମାନଙ୍କ ନିକଟରେ ଯେଉଁ ସବୁ ଭୋଗ ଲାଗି କରାଯାଇଛି ସେଥିରେ ପୋଡ ପିଠା ନାହିଁ। ପଞ୍ଚଦଶ-ଷୋଡ଼ଶ ଶତାବ୍ଦୀର ଯୋଗଜନ୍ମା ସିଦ୍ଧ ସାଧକ ଭକ୍ତ କବି ବଳରାମ ଦାସଙ୍କ ଅତି ପରିଚିତ ଓ ଜନମାନସରେ ବହୁ ଆଦୃତ ଶିକ୍ଷଣୀୟ କୃତି 'ଲକ୍ଷ୍ମୀ ପୁରାଣ'। ଏଥିରେ ବର୍ଣ୍ଣିତ ଅଛି ଶ୍ରୀ ଜଗନ୍ନାଥଙ୍କର ପ୍ରିୟ ଭୋଗ ପୋଡ଼ପିଠା। ତେଣୁ ଲକ୍ଷ୍ମୀପୁରାଣରୁ ପ୍ରମାଣ ମିଳେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ପୋଡପିଠା ଭୋଗ ଲାଗି କରାଯାଏ। ଲକ୍ଷ୍ମୀ ପୁରାଣର ବର୍ଣ୍ଣନା ଅନୁଯାୟୀ-

**'ଦିବ୍ୟ ପିଠାମାନ ଲକ୍ଷ୍ମୀ ଦେଉଛନ୍ତି ନେଇ
ଖଣ୍ଡ ଯେ ଶାକର ଛେନା ଗୋଟିକା ମିଶାଇ
ଭୋଜନ ଶେଷକୁ ପୋଡ଼ପିଠା ଦେଲେ ନେଇ
ଭୋଜନରେ ହରଷ ହୋଇଲେ ଭାବଗ୍ରାହୀ''।**

ତେଣୁ ଏଥିରୁ ଅନୁମତି ହୁଏ ସେ ସମୟରେ ଶ୍ରୀ ମନ୍ଦିରରେ ଦୈନନ୍ଦିନ ଭୋଗମଧ୍ୟରେ ପୋଡ଼ପିଠା ପ୍ରଚଳିତ ଥିଲା। ସମୟ କ୍ରମେ ଅନେକ ଭୋଗପରି ପୋଡ଼ପିଠା ଭୋଗ ମଧ୍ୟ ଆଉ ଶ୍ରୀ ମନ୍ଦିରରେ ପ୍ରଚଳିତ ହେଉ ନାହିଁ। ଲକ୍ଷ୍ମୀ ପୁରାଣ ଆଧାରରେ ଲୋକ ବିଶ୍ୱାସ ରହିଛି ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ପୋଡ଼ପିଠା ଭୋଗ ଅତ୍ୟନ୍ତ ପ୍ରିୟ। ମାଦଳା ପାଞ୍ଜିରେ ପୋଡ଼ପିଠା ସଂପର୍କିତ ଏକ ସୁନ୍ଦର ଉପାଖ୍ୟାନ ରହିଛି ଯାହା ପ୍ରମାଣକରେ ଶ୍ରୀ ମନ୍ଦିରରେ ପୋଡ଼ପୀଠା ଭୋଗ ପ୍ରଚଳିତ ଥିଲା। କିନ୍ତୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ପରମ୍ପରାରେ ଆଜି ମଧ୍ୟ ପୋଡ଼ପିଠା ଭୋଗ ପ୍ରଚଳିତ ଅଛି। ଶ୍ରୀ ଜୀଉମାନେ ବାହୁଡା ଦଶମୀ ଦିନ ତିନିରଥରେ ଶ୍ରୀ ମନ୍ଦିରକୁ ଫେରିବା ସମୟରେ ମାଉସୀ ମା' ମନ୍ଦିର ବା ଅର୍ଦ୍ଧାଶନୀ ମନ୍ଦିର ଠାରେ ସେମାନଙ୍କୁ ଏହି ପୋଡ଼ପିଠା ଭୋଗ ଅର୍ପଣ କରାଯାଏ। ତିନିରଥରେ ଠାକୁରଙ୍କର ପାଇଁ ତିନିଟି ପୋଡ଼ପିଠା ବିଧିମତେ ପ୍ରସ୍ତୁତ କରାଯାଇଥାଏ। ପ୍ରତିଟି ପୋଡ଼ପିଠା ୫ କି.ଗ୍ରାରୁ ସାଢେ ପାଞ୍ଚ କି.ଗ୍ରା ହୋଇଥାଏ। ଏଥି ପାଇଁ ଦୁଇ କି.ଗ୍ରା ଛେନା, ଦୁଇ କି.ଗ୍ରା ଅଟ୍ଟା, ଏକ କି. ଗ୍ରା ଚିନି, ଶହେ ଗ୍ରାମ ଘିଅ, ଅଳେଇଚ ଓ ପେସ୍ତା ବାଦାମ ଇତ୍ୟାଦି ବ୍ୟବହାର କରାଯାଏ। ଏସବୁକୁ ଏକାଠି ମିଶାଇ ଗରମ ପାଣିର ବାମ୍ପରେ ସିଝାଯାଏ। ଇଟା ଚୁଲି ଓ କାଠ ନିଆଁରେ ପ୍ରସ୍ତୁତ କରାଯାଏ। ପରେ ଏହାକୁ ଶୀତଳ କରି ଖଣ୍ଡ-ଖଣ୍ଡ କରି କଟା ଯାଏ ଏବଂ ଘିଅରେ ଛଣାଯାଏ। ଯେହେତୁ ଶ୍ରୀ ଜୀଉମାନଙ୍କ ପାଖରେ ପୋଡା ଦ୍ରବ୍ୟ ଲାଗି କରାଯାଏ ନାହିଁ। ତେଣୁ ଏହାକୁ ଘିଅରେ ଛଣାଯାଏ। ଏହାକୁ ନାଲି ରଙ୍ଗର ନୂଆ କୁଡୁଆରେ ରଖାଯାଇ ଶ୍ରୀମନ୍ଦିରର ପାଳିଆ ପୂଜାରୀ ସାମନ୍ତ ରଥାରୁଢ ଦେବତାଙ୍କୁ ଭୋଗ ଲାଗି କରିଥାନ୍ତି।

ପୋଡ଼ପିଠା ଆମ ସଂସ୍କୃତି ସହିତ ଜଡ଼ିତ। ରଜ ମହୋତ୍ସବ ଓ ଶ୍ରୀ ଜଗନ୍ନାଥ ସଂସ୍କୃତିରୁ ଏହା ପ୍ରମାଣିତ।

# ଉତ୍କଳୀୟ ସଂସ୍କୃତିରେ ରଜପର୍ବ



ଡାକ୍ତର ମନୋରଞ୍ଜନ ବିଷୋୟୀ
ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ମୋ: ୮୮୯୫୧୪୧୭୨୭

ଯୁଗେ ଯୁଗେ ଉତ୍କଳୀୟ ସଂସ୍କୃତି; ମହାଭାରତୀୟ ବିଶାଳ ପରିସର ଭିତରେ ଆପଣାର ସ୍ୱାତନ୍ତ୍ୟ ପ୍ରତିପାଦିତ କରିଆସିଅଛି । ଏ ସ୍ୱାତନ୍ତ୍ୟ ମହାଭାରତୀୟତାକୁ ଅସ୍ୱୀକାର କରି ଗଢ଼ି ଉଠିନାହିଁ; ବରଂ କହିବାକୁ ଗଲେ ବିଶାଳ ପରମ୍ପରା ଭିତରେ ଏକ ଭୌଗୋଳିକ ଭୂଖଣ୍ଡରେ ବସବାସ କରୁଥିବା ସମଭାବାପନ୍ନ ଦୃଷ୍ଟିଭଙ୍ଗୀ ଓ ବିଚାରଧାରାକୁ ଆଧାର କରି ଆପଣାର ପରିଚିତି ଉପସ୍ଥାପିତ କରି ଆସିଅଛି । ଉତ୍କଳ ଭୂଖଣ୍ଡ କହିଲେ ଆଧୁନିକ ରାଜନୈତିକ ମାନଚିତ୍ରର ଓଡ଼ିଶା ନୁହେଁ । ଏକଦା ଏହା ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ସୁବିସ୍ତୃତ ହେବା ସହ ଇତିହାସରେ କଳିଙ୍ଗ, କୋଶଳ, ଉଡ୍ର, ଉତ୍କଳ ପରି ନାମରେ ପରିଚିତ ଏକ ସମୃଦ୍ଧ ଅଞ୍ଚଳ ଥିଲା । ଏ ପରିପ୍ରେକ୍ଷୀରେ କହିରଖେ; ଅନେକ ଆଲୋଚକ ଦ୍ରାବିଡ଼ ଭାଷାରେ ଲବ୍ଧ 'ଓଡ୍ର' ମଧ୍ୟରେ ଓଡ଼ିଶାର ସତ୍ତା ଖୋଜିଲା ବେଳେ; ଅନ୍ୟ କେତେକ ତାମିଲ ଭାଷାରେ ଚାଷ କରୁଥିବା ଅର୍ଥରେ ବ୍ୟବହୃତ 'ଉଡ୍ଡୁ' ଓ ଚାଷ କରୁଥିବା ଲୋକଙ୍କୁ 'ଉକ୍‌କଳ' ଏବଂ ସେହି ଧାରାରେ କନ୍ନଡ଼ର ଚଷା ଅର୍ଥରେ ବ୍ୟବହୃତ 'ଓଡ଼ିସ' ଶବ୍ଦ ଭିତରୁ ଓଡ଼ିଶା ଅର୍ଥାତ୍ ଉତ୍କଳକୁ ଖୋଜିବାକୁ ଚେଷ୍ଟା କରିଛନ୍ତି । ଏହି ଦୃଷ୍ଟିରୁ ବିଚାର କଲେ କୌଣସି ନା କୌଣସି ସୂତ୍ରରେ ଉତ୍କଳୀୟ ସଂସ୍କୃତି ସହ କୃଷି ସଂସ୍କୃତି ଓତପ୍ରୋତ ଭାବେ ଜଡ଼ିତ । ସେ ଯାହାହେଉ ସମତଳ, ଉପକୂଳ ଓ ପାର୍ବତ୍ୟାଞ୍ଚଳର ସମନ୍ୱୟରେ ଉତ୍କଳ ବୈଭବଶାଳୀ ହେବା ସହ ଆର୍ଯ୍ୟ, ଦ୍ରାବିଡ଼ ଓ ଶବର ସଭ୍ୟତାର ସଂସ୍କୃତି ଉତ୍କଳ ଆତ୍ମାକୁ ଦୀପ୍ତିମାନ କରିଆସିଛି। ଏହି ଉତ୍କଳୀୟ ସଂସ୍କୃତିର ଅନ୍ୟ ଏକ ଶ୍ରେଷ୍ଠ ପର୍ବ ଭାବେ 'ରଜ' କାଳ କାଳ ଧରି ପ୍ରଭାବ ବିସ୍ତାର କରି ଆସିଛି । ଯାହା କୃଷିଭିତ୍ତିକ ଏକ ଗଣପର୍ବର ମାନ୍ୟତା ଲାଭ କରିଅଛି । ଏହା ମିଥୁନ ସଂକ୍ରାନ୍ତିର ପୂର୍ବ ଓ ପରଦିନ ପାଳନ କରାଯାଇଥାଏ। ସଂକ୍ରାନ୍ତିର ପୂର୍ବଦିନକୁ ପହିଲି ରଜ, ସଂକ୍ରାନ୍ତିକୁ ରଜ ସଂକ୍ରାନ୍ତି ଓ ସଂକ୍ରାନ୍ତିର ପରଦିନକୁ ତୃତୀୟ ରଜ ବା ଭୂଦାହ କୁହାଯାଏ । ଏହି ଦିବସତ୍ରୟ ପୃଥିବୀମାତା ରଜସ୍ୱଳା ହେବାର ଦିନ । ତେଣୁ ଏହି ତିନିଦିନ ସକଳ ପ୍ରକାର କୃଷିକାର୍ଯ୍ୟ ଓ ଭୂଖନନ ବାରଣ କରାଯାଇଥାଏ ଏବଂ ଚତୁର୍ଥ ଦିନ ବସୁମତୀ ସ୍ନାନ ସହ ରଜପର୍ବ ଉଦ୍‌ଯାପନ କରାଯାଏ । ଏଠାରେ ରଜ ପୂର୍ବରୁ ପ୍ରତି ଓଡ଼ିଆଙ୍କ ଘରେ ଯେଉଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥାଏ; ସେ ଦିନଟିକୁ ସଜବାଜ କୁହାଯାଏ । ରଜ ତିନିଦିନ ସ୍ତ୍ରୀ ଲୋକମାନଙ୍କୁ କାଟିବା, କୁଟିବା, ବାଟିବା, ବୋହିବା ଭଳି ଅନେକ କାର୍ଯ୍ୟ ବାରଣ ଥିବାରୁ ସେମାନେ ତିନିଦିନର କାମ ସଜବାଜ ଦିନ ସାରି ସ୍ୱାଦିଷ୍ଟ ପିଠା ଓ ମିଠାର ପ୍ରସ୍ତୁତିରେ ଲାଗି ପଡ଼ିଥାନ୍ତି । ଏହାପରେ ରଜ ତିନିଦିନ ନାରୀମାନେ ସକଳ କାର୍ଯ୍ୟରୁ ନିବୃତ୍ତ ରହିଥାନ୍ତି । ଏପରିକି ନାରୀମାନେ ଏହି ତିନିଦିନ ଭୂମି ଉପରେ ମଧ୍ୟ ଚାଲନ୍ତି ନାହିଁ ଏବଂ କୃଷକମାନେ ମଧ୍ୟ ଭୂମିକର୍ଷଣ, ବୀଜବପନ ଓ ଖନନ ଭଳି ଯାବତୀୟ କାର୍ଯ୍ୟରୁ ନିବୃତ୍ତ ରହିଥାନ୍ତି। ଏହି ସମୟରେ ଗ୍ରୀଷ୍ମ ଋତୁର ଶେଷ ଓ ବର୍ଷାର ଆଗମନ ହେବା ସହ ପୃଥିବୀ ମାତା ରଜସ୍ୱଳା ହୋଇଥାଏ ଏବଂ ଏହି ସମୟରେ ପୃଥିବୀମାତାଙ୍କ ଠାରୁ କ୍ଷରଣ ରସ ପୃଥିବୀକୁ ଶସ୍ୟ ଶ୍ୟାମଳା କରିବାର ସାଂକେତିକ ଭାବକୁ ବହନ କରିଥାଏ । ରଜ ତିନିଦିନ ପରେ ଅର୍ଥାତ୍ ଚତୁର୍ଥ ଦିନ ବସୁମତୀ ସ୍ନାନ ସହ ପୂଜା କରାଯାଏ । ଏହା ରଜପର୍ବର ଅନ୍ତିମ ଦିବସ । ଯାହା ମହାଲକ୍ଷ୍ମୀ ସ୍ନାନ ବା ଗାଧୁଆ ଭାବେ ପ୍ରସିଦ୍ଧ । ଏହି ଦିନ ନାରୀମାନେ ଶିଳପୁଆକୁ ଭୂମି ଲକ୍ଷ୍ମୀ ସ୍ୱରୂପରେ ଚନ୍ଦନ, ସିନ୍ଦୂର, କୁଙ୍କୁମ, କଜ୍ଜ୍ୱଳ ଦେଇ ହଳଦୀ ପାଣିରେ ସ୍ନାନ କରାଇଥାନ୍ତି ଏବଂ ଧରଣୀମାତା ତିନିଦିନର ବିଶ୍ରାମ ପରେ ବିଶୁଦ୍ଧ ସ୍ନାନ କରି ସଂସାରବାସୀଙ୍କୁ ଆଶୀର୍ବାଦ କରିବା ସହ ସୃଜନ କ୍ଷମତା ଅର୍ଥ ଶସ୍ୟ ବୀଜ ଧାରଣ କରି ଧରଣୀକୁ ଶସ୍ୟଶ୍ୟାମଳ କରିବାର ସାମର୍ଥ୍ୟ ଲାଭ କରନ୍ତି । ଏ ପରିପ୍ରେକ୍ଷୀରେ କହିରଖେ; ରଜ ବେଳେ ନାରୀ ଓ ପୁରୁଷମାନେ ସକଳ କାର୍ଯ୍ୟରୁ ବିରତି ନେଇ ଆନନ୍ଦ ଉଲ୍ଲାସରେ ପାଳନ କରୁଥିବାରୁ ଏହା ରଜ ମଉଜ ନାମରେ ମଧ୍ୟ ବେଶ୍ ଖ୍ୟାତ । ରଜରେ ବିଭିନ୍ନ ପିଠା ବିଶେଷ କରି ପୋଡ଼ପିଠା ଓ ପାନ ଖାଇବା ସହ ସ୍ତ୍ରୀ ଲୋକମାନେ ନାନାଦି ଗୀତ ବୋଲି ଦୋଳି ଖେଳିଥାନ୍ତି । ବିଶେଷ କରି କୁମାରୀ ଝିଅମାନଙ୍କ ନିତିଦିନିଆ ଘଟଣା ଓ କୁମାରୀମନର ଭାବାବେଗ ଏ ଦୋଳି ଗୀତରେ ଶୁଣିବାକୁ ମିଳିଥାଏ । ଏହାସହ ପୁଚି ଖେଳରେ ମଧ୍ୟ ସେମାନେ ସମୟ ଅତିବାହିତ କରିଥାନ୍ତି । ସ୍ଥଳ ବିଶେଷରେ ଯୁବକ ଓ କିଶୋରମାନେ ମଧ୍ୟ ଦୋଳି ଖେଳିବା ସହ ଡୁଡୁ ଓ ବାଗୁଡ଼ି ଖେଳରେ ମାତିଥାନ୍ତି। ବୟସ୍କମାନେ ପଶା, ତାସ ଆଦି ଖେଳ ଖେଳି ସମୟ ଅତିବାହିତ କରନ୍ତି । ଏପରି କରି ରଜସ୍ୱଳା ଧରଣୀ ମାତାକୁ ଆଶ୍ୱସ୍ତି ଦେବାର ପ୍ରୟାସ କରିଥାନ୍ତି। ଅହରହ ପଦାଘାତ ଓ ଖନନ କଷ୍ଟ ସହୁଥିବା ଧରଣୀମାତାକୁ ଆଶ୍ୱସ୍ତି ଦେବାକୁ କୃଷକ ଚାଷ କାର୍ଯ୍ୟରୁ ବିରତ ରହି ଏବଂ କୁମାରୀମାନେ ଭୂମିରେ ନ ଚାଲି ଅଧିକାଂଶ ସମୟ ଦୋଳିରେ ଝୁଲି କୃତଜ୍ଞତା ତଥା ସମ୍ମାନ ପ୍ରଦର୍ଶନ କରିଥାନ୍ତି। ପରିଶେଷରେ କେବଳ ଏତିକି କହିବି ରଜପର୍ବ ହେଉଛି କୃଷିଭିତ୍ତିକ ଓଡ଼ିଶାର ସାଂସ୍କୃତିକ, ଆଧ୍ୟାତ୍ମିକ, ସାମାଜିକ ଓ ନୈତିକ ଅଭିବ୍ୟକ୍ତିର ଏକ ସାର୍ଥକ ପରିପ୍ରକାଶ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
**E-mail : sambadkalikanews@gmail.com** **City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**

# ଦିନ ମଜୁରିଆ ଭୋଳା

ଲଳିତ ମୋହନ ମିଶ୍ର

ଭୋଳା ସକାଳୁ ସକାଳୁ ପଖାଳ ପେଟେ ପକାଇ କାମ ସନ୍ଧାନରେ ଘରୁ ବାହାରି ପଡିଲା । ସେ ଦିନ ମଜୁରିଆ ଭାବରେ ପ୍ରତିଦିନ ଘରୁ ବାହାରି ପଡେ, ସନ୍ଧ୍ୟାକୁ ଫେରେ । ଯାହା ପାରିଶ୍ରମିକ ପାଏ, ତା ଘରର ଦୁଇଓଳି ଚୁଲା ଜଳେ । ସବୁଦିନ ଭଳି ଆଜି ବି ସେ ଘରୁ ବାହାରି ଆସିଛି । ପ୍ରତିଦିନ ତାକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଠିଆ ହେବାକୁ ପଡେ। ସେଠାରୁ ଠିକାଦାର ଆସି କାମକୁ ଡାକି ନେଇଯାଏ । ଏବଂ ସନ୍ଧ୍ୟାରେ ଉକ୍ତ ସ୍ଥାନରେ ଆଣି ଛାଡିଦିଏ । ବେଳେବେଳେ ସହରବାସୀ ମଧ୍ୟ ନିଜର ଘର କାମ ପାଇଁ ଭୋଳାକୁ ନେଇ ଯାଆନ୍ତି । ଆଜି କିନ୍ତୁ ଭୋଳା ଉକ୍ତ ସ୍ଥାନରେ ଠିଆ ହେବାର ବହୁ ସମୟ ବିତିଗଲାଣି । ଭୋଳା ଭାବି ହେଉଥାଏ ଆଜି ତାକୁ କାମ ମିଳିବ କି ନାହିଁ ? କିଛି ସମୟ ପରେ ଧଳା କୁର୍ତ୍ତା - ପାଇଜାମା ପିନ୍ଧି ଜଣେ ଭଦ୍ର ବ୍ୟକ୍ତି ସେଠାକୁ ଆସି ଭୋଳାକୁ କହିଲେ - ତୁମେ ଆଜିର ଦିନରେ ମଧ୍ୟ କାମ କରିବାକୁ ଯାଉଛ ? ଛି... ଛି... ଆଜି ପରା ଶ୍ରମିକଦିବସ । ଆଜିର ଦିନରେ ତୁମେ କାମ କରିବା ଠିକ୍ ନୁହେଁ । ଭୋଳା କହିଲା – କାହିଁକି ଭୁଲ ? ଆଜି ଏମିତି କ'ଣ ଯେ, ଆମେ କାମ କରିପାରିବୁ ନାହିଁ ? ଯଦି ଆଜିର ଦିନରେ ଆମେ କାମ କରିବୁ ନାହିଁ ତେବେ ଆମ ଘରସଂସାର ଚାଲିବ କେମିତି ? ତୁମ ମାନଙ୍କ ଭଳି ଶ୍ରମିକମାନେ ତୁମର ଅଧିକାର ଓ କର୍ତ୍ତବ୍ୟକୁ ବୁଝିବାର ଏହି ଦିନ । ମୁଁ ଆପଣଙ୍କର ହିତ ପାଇଁ ଆସିଛି । ଆମ ସହିତ ଷ୍ଟାଡିୟମ୍‌କୁ ଆସନ୍ତୁ , ସେଠାରେ ଏକ ବଡ଼ ଧରଣର ସମାଗମ ହେଉଅଛି । ସେଠାକୁ ବଡ଼ ବଡ ନେତାମାନେ ଆସୁଛନ୍ତି । ଖାଇବା ପିଇବାର ବନ୍ଦୋବସ୍ତ ଅଛି । ତାଙ୍କର ଭାଷଣ ଶୁଣିବେ । ନେତା ଆପଣଙ୍କୁ ଆପଣଙ୍କର ଅଧିକାର ବିଷୟରେ କହିବେ । ଆମେ ଆପଣଙ୍କ ଆଗ୍ରହ ବିଷୟରେ ନେତାଙ୍କୁ କହିବୁ । ଭୋଳା ଲୋକଟିକୁ କହିଲା, 'ଆଚ୍ଛା, ତୁମେ ଆମର ହିତ ପାଇଁ ଏସବୁ



କରୁଛ । ଆମେ କୁଳି ମଜୁରିଆ ଲୋକ । ଆମେ ନେତା ଛତା କଥା କିଛି ଜାଣି ନାହୁଁ। ସେଦିନ ଆଉ ଜଣେ ବାବୁ ଆମକୁ ପାଞ୍ଚ ଶହ ଦେବେ ବୋଲି କହି ନେଲେ, ଭାତ ଡାଲମା ଖାଇବାକୁ ଦେଲେ । ସେ ନେତାଙ୍କ ଠାରୁ ଆମ ନାମରେ ପାଞ୍ଚ ଶହ ଆଣିଲେ, କିନ୍ତୁ ଆମକୁ ଦୁଇଶହ ଦେଲେ। ଚାରିଶହ ଟଙ୍କା ମଜୁରୀ ନେଲେ ଆମର ଦୁଇଓଳି ଘର ଚଳିବ । ଆଜି ଯଦି ଆମେ କାମ କରିବୁ ନାହିଁ, ତେବେ ଆମ ଘର ଜଳିବ କିପରି ? ଆମର ସ୍ତ୍ରୀ ଓ ପିଲାମାନେ ଭୋକିଲା ରହିବେ। ନେତାଙ୍କ ଭାଷଣରେ ଆମ ଘରର ଚୁଲି ଜାଳିବ ନାହିଁ । ନେତାଙ୍କ ଭାଷଣରେ ଆମର ପେଟ ଭରିବ ନାହିଁ। ଆମେ ଜାଣିଛୁ ନିର୍ବାଚନ ଆସିଲେ ନେତାଙ୍କ ଭିଡ । ନେତାଏ ବିଧାନସଭା ଗୃହରେ ଯାହା କହିବେ, ତାହା ତାଙ୍କର ସ୍ୱାର୍ଥ , ଆମର କିଛି ନୁହେଁ। ଆମେ ଯେଉଁ ଗରିବକୁ ସେଇ ଗରିବ, ଖଟିଖିଆ ଦିନ ମଜୁରିଆ । ଏତେ ବର୍ଷ ଧରି ନେତାଏ କର୍ମୀଙ୍କ ସ୍ୱାର୍ଥ ବିଷୟରେ କହିବାକୁ ଆସିନଥିଲେ, ଏବେ ନିର୍ବାଚନ ସମୟରେ ଆମକୁ ମନେ ପକାଉଛନ୍ତି। ହାତୀ ଦବୁ ଛତି ଦେବୁ କହି ଭୋଟ ଗଲେ ସବୁ ଗଲା, ପୁଣି ପାଞ୍ଚ ବରଷକୁ ଅନାଇ ଥାଆରେ ଭୋଳା । ମୁଁ ଦୁଃଖିତ, ସାର ଭୋଳା କହିଲା । ଆମେ ମଳି ମୁଣ୍ଡିଆ ଦିନ ମଜୁରିଆ ଲୋକ, ଆପଣଙ୍କ ନେତାଙ୍କ ଭାଷଣ ଶୁଣିପାରିବୁ ନାହିଁ । ଏହା ଶୁଣି ବ୍ୟକ୍ତି ଜଣକ ସେଠାରୁ ଯାଉ ଯାଉ ଭାବି ହେଉଥାଏ... ସତରେ ଭୋଳା ତ କିଛି ମିଛ କହୁ ନାହିଁ...

ଅରବିନ୍ଦ ନଗର,
ଲେଙ୍କୁଡପଡା, ନୟାଗଡ଼,
ମୋ-୯୪୩୭୯୮୫୮୬

# ତରାଜୁ

ବିଜୟଲକ୍ଷ୍ମୀ ପାଣିଗ୍ରାହି

ଆଜିକାଲି ପାଠ ପଢା ଛାଡି ଲୋକ ସମ୍ପର୍କ ବଢ଼େଇବାରେ ଖୁବ ତତ୍ପର ଆଉ ପ୍ରତି ସଭା ସମିତି, ଆନୁଷ୍ଠାନିକ କାର୍ଯ୍ୟ, ଶୋଭାଯାତ୍ରା ଆଦିରେ ଆଗରେ ରହୁଥିବା ପୁଅ ଗୁଣ୍ଡା ଗର୍ଦ୍ଦି କରୁଥିବା ପିଲାଙ୍କ ସହ ମଦ ପିଇ ବିଳମ୍ବରାତିରେ ଫେରୁଥିବାରୁ ବାପା ଶକ୍ତ ଚାପୁଡାଏ ମାରି କହିଲେ, ଏ ବୟସରେ ଇଏ କି ବୁଦ୍ଧି ଧରିଛୁ ? ଘରେ ରୋଗିଣା ମାଆ। ପାଠ ନାଇଁ, ସାଠ ନାଇଁ। ଚାକିରି ବାକିରି ଚୁଲିପଶା ହେଲା। ରୋଜଗାର କଥା ଚିନ୍ତା ନ କରି ମୋ ମାନ ସମ୍ମାନ ସବୁ ମାଟିରେ ମିଶାଉଛୁ। ଚାକିରି କଲେ ତ କନିଆଁ ମିଳନ୍ତା। କି ମଣିଷ ହେବୁ, ଆଉ କେତେଦିନ ଏମିତି ମୁଁ ତୋତେ ପୋଷୁଥିବି। ପୁଅ କହିଲା, ବାପା ! ପାଠ ପଢି କରିବି କ'ଣ ? ଚାକିରିଆ ରୋଜଗାର....ପୁଣି କେତେ ? ଦେଖ ବାପା ! ମୋତେ ଡିଷ୍ଟର୍ବ କରନାହିଁ। ମୁଁ ମୋ ଲାଇଫକୁ ଅପଡେଟ କରୁଛି। ଦେଖିବ କନିଆଁଙ୍କର ଧାଡି ଲାଗିବ। ତୁମେ ଖାଲି ଚୟନ କରିପାରିଲେ



ହେଲା। ମୁଁ ଏକ ବ୍ୟବସାୟ ଆରମ୍ଭ କରିଛି। ମଞ୍ଜି ପୋତି ସାରିଛି। ଏବେ ଗଛ ହେବ। ଫଳକୁ ତୁମେ ଦେଖି ରହିଯିବ ବାପା ! ଏ ବର୍ଷ ସଫଳତା ହିଁ ସଫଳତା। ପ୍ରଥମ କଥା ହେଲା, ନେତା ହେଲେ ଦୁଃଖ ଗଲା। ଯଦି ନହେଲି... ବିରୋଧୀଠାରୁ ଡ୍ରପ ହେବା ପାଇଁ ମୋଟା ଡାବୁ ମିଳିଯିବ। ଏହା ବ୍ୟତୀତ ଲୋକ ସମ୍ପର୍କ ତ ସବୁ ସହିତ ଆଟାଚ ରହିଛି। ଆସନ୍ତାକୁ ଚକ୍ରବର୍ତ୍ତୀ ସୁଧ। ଶିକ୍ଷକତା କରୁଥିବା ବାପା ନିରିଖେଇ ଦେଖିଲେ ତାଙ୍କ ଚାକିରିକୁ ଆଉ ପୁଅ ବ୍ୟବସାୟକୁ। ତରାଜୁରେ ତଉଲି ଚାଲିଲେ। ବ୍ୟବସାୟର ପଲାଟା ତଳକୁ ହିଁ ଯାଉଛି ନେତାଙ୍କର ପେନସନ ଭାରରେ। ପୁଅକୁ ପାଣି ଗ୍ଲାସଟେ ଧରେଇ ସେ ପଚାରିଲେ, ତୋ ମାଆ ତ ଔଷଧ ଖାଇ ଶୋଇଗଲାଣି, ମୁଁ ତୋ ପାଇଁ ଖାଇବା ବାଢ଼ିଦେବି ?

ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ-୮୨୪୯୪୫୦୦୫୦

# ଅଜ୍ଞତା

ଘନଶ୍ୟାମ ପଲେଇ

ଚାକିରି ପାଇଁ ଇଣ୍ଟରଭ୍ୟୁ ଦେବାକୁ ଯାଇଥିଲେ ହାଇଦ୍ରାବାଦ। ପରୀକ୍ଷା ତ ସରି ଯାଇଥିଲା। ରାକେଶ ଆଉ ଦୀନିଶେ ଦି'ସାଙ୍ଗ ବସି ଚିନ୍ତା କଲେ... ଆଖି ପୁରେଇ ଦେଖିବେ ଥରେ ହାଇଦ୍ରାବାଦ ସହରଟିକୁ। ଆଗକୁ ମିଳିପାରେ ନ ମିଳି ପାରେ ଏସୁଯୋଗ। ଯାଇ ଚଢି ଗଲେ ମେଟ୍ରୋ ଟ୍ରେନରେ। ଜାଣନ୍ତି ସେମାନେ ହାଇଦ୍ରାବାଦ ମେଟ୍ରୋ ରେଳସେବା ହେଉଛି ଦିଲ୍ଲୀ ଆଉ ବାଙ୍ଗାଲୋର ପରେ ଦେଶର ତୃତୀୟ ବୃହତ୍ତମ ମେଟ୍ରୋ।

ମଜା ନେଉଥିଲେ ମେଟ୍ରୋର। ଅନୁଭବୁଥିଲେ ପୂରା ସହରଟାକୁ ନିଜ



ଅନ୍ଦାଜରେ। ଲକ୍ଷ୍ୟ କରୁଥିଲେ ଏଇଠିକା ଲୋକଙ୍କ ହାବଭାବ, ଚାଲିଚଳଣି, ବେଶଭୂଷା, ରୀତିନୀତି ଆଉ ସଂସ୍କୃତିକୁ। ନିଘା ରଖିଥିଲେ ଏଠାକାର ଭାଷା କଳା ଐତିହ୍ୟକୁ। ସବୁଲୋକ ପ୍ରାୟତଃ ତେଲଗୁ ଭାଷାଭାଷୀ। ଆଉ କିଛି ଲୋକ ଉର୍ଦ୍ଦୁ କିମ୍ବା ଇଂରାଜୀରେ ହେଉଥିଲେ କଥାବାର୍ତ୍ତା। ପରବର୍ତ୍ତି ଷ୍ଟପେଜ୍ ଆସିଲା ଦିଲ୍‌ଶିଉଖ ନଗର। ଯାତ୍ରୀ ଓହ୍ଲେଇଲେ କମ ଚଢିଲେ ବେଶି। ଏଇମିତିରେ ବି ଆଗରୁ ସିଟରେ ବସିବାକୁ ଆଉ ନ ଥିଲା ଜାଗା। ଲୋକେ ଛିଡା ହୋଇ ଧରିଲେ ଉପରେ ଓହଳି ଥିବା ବଳାକୁ। ପରବର୍ତ୍ତି ଷ୍ଟପେଜରେ ଭରିଗଲା ଡବା। ଲୋକାରଣ୍ୟ ହେଇ ଉଠିଲା। ଜାଗା ନାହିଁ ଠିକ୍‌ସେ ଛିଡା ହେବାକୁ। ଏଇ ଭିଡ ଭିତରେ ବି କିଛିଟା ଲୋକ ଗପୁଥିଲେ ଷ୍ଟିଲ ଖମ୍ବକୁ ଭରା ଦେଇ। ଦୁଇ ସାଙ୍ଗର ନଜର ପଡିଲା ଗୋଟାଏ ଯୁଗଳବନ୍ଦୀଙ୍କ ଉପରେ। ଷ୍ଟିଲ ଖମ୍ବର ଦି'ପଟେ ପରସ୍ପରକୁ ଚାହିଁ ଛିଡା ହେଇଛନ୍ତି କୋଣାର୍କର ମୃଣ୍ମୟ ମୂର୍ତ୍ତି ପରି। ଭିଡର ପ୍ରବଳ ଚାପରେ ଚାପି ହେଇ ଏକ ପ୍ରକାର ନେଉଛନ୍ତି ମଜା। ଝିଅର ମୁହଁରେ ଟିକିଏ ବି ନଥିଲା ବିରକ୍ତି ଭାବ। ବରଂ ଖୁସିଥିଲା ଅସରନ୍ତି ଉନ୍ମାଦନାରେ ... ।

ରାକେଶ ଦୀନେଶକୁ କହୁଣୀରେ ଖେଞ୍ଚି ଦେଇ କହିଲା— ଦେଖ୍... ଦେଖ୍.. ଅଭଦ୍ର ଦି'ଟାକୁ। ସର୍ବସାଧାରଣ ଜାଗାକୁ ବି ଛାଡିଲେ ନାହିଁ। ଏଇ ମାନଙ୍କ ପାଇଁ ଆଜି ଆମ ସମାଜ କଳୁଷିତ। ଦୀନେଶ କହିଲା--- ଚୁପ୍... ଚୁପ୍... । କାଳେ କିଏ ଶୁଣିଦେବ। ଜମା କିଛି ବି କହନା.. । ତୁନି ପଡ। ରାକେଶ ହସି ହସି କହିଲା --- ସେମାନଙ୍କ ଭାଷାଠୁ ଆମ ଭାଷା ପୁରାପୁରି ଅଲଗା। ପାରିବେନି କେହି ବୁଝି। ଦୀନେଶ ବି ହସି ଉଠିଲା ରାକେଶ ସହ। ଟିକିଏ ରହିଯାଇ ପୁଣି କହିଲା--- ହଁ.. ରେ ଭାଇ... ଘୋର କଳିକାଳ। ନା ଅଛି ସଂସ୍କାର.. ସଂସ୍କୃତି.. ମାନସମ୍ମାନ..ନା ଅଛି ଇଜ୍ଜତ ମହତ। ସବୁ ସେଇ ଅପସଂସ୍କୃତି...। କଟୁମନ୍ତବ୍ୟ ସାଙ୍ଗକୁ ଅଶ୍ଳୀଳ ଭଙ୍ଗୀରେ ଗପି ଚାଲିଥିଲେ ଦି'ସାଙ୍ଗ। ସୁବିଧା ସୁଯୋଗ ଦେଖି କଣେଇ କଣେଇ ଚାହୁଁଥିଲେ ଝିଅଟି ଆଡକୁ। ମଜା ନେଉଥିଲେ ଝିଅର ଅସହାୟତା ପଣକୁ। ଏହା ଭିତରେ ପରବର୍ତ୍ତୀ ଷ୍ଟପେଜ ପହଞ୍ଚି ସାରିଥିଲା। ଏଇ ଯୋଡି ବି ସଜ ହେଉଥିଲେ ଓହ୍ଲାଇବାକୁ। ଦିହେଁ ଓହ୍ଲାଇ ଯାଉ ଯାଉ ପୁରୁଷ ଲୋକଟି କହିଲା --- ଭାଇ ସମ୍ଭାଳିକି ! ଆମେ ବି ଓଡିଆ। ଆମେ ଦୁହେଁ ସ୍ୱାମୀ-ସ୍ତ୍ରୀ। ଚାକିରି କରୁ ଏଇ ସହରରେ।

ଟିକିଏ ରହି ପୁଣି କହିଲେ ---ନିଜ ମାଟି ମା'କୁ ସମ୍ମାନଦେଇ ଶିଖ। ଇଜ୍ଜତ କାଇଁ ପକାଉଛ ପଦାରେ। ତମ କଥା ଶୁଣି ଆମକୁ ବି ଆସୁଥିଲା ରାଗ। ହେଲେ ବିଦେଶରେ କିଏ ଓଡିଆ ଟିକିଏ କହୁଥିବାର ଶୁଣିଲେ ମନଟା ତରଳିଯାଏ। ସେମାନେ ଲାଗନ୍ତି ଅତି ଆପଣାର। ତେଣିକି ସିଏ ଯିଏ ବି ହେଉ ନା କାହିଁକି। ଆମର ଜିଭ ଲେଉଟିଲା ନାହିଁ ତମମାନଙ୍କୁ ଗାଳି ଦେବାକୁ। ହଁ ଆଉ ତମେ ଚାହିଁଥିଲେ, ନିଜ ସିଟ ଛାଡି ଦେଇ ପାରିଥାନ୍ତ, ଭିଡରେ ଚାପି ହେଇ ଯାଉଥିବା ଅସହାୟ ଝିଅଟି ପାଇଁ। ଏମାନଙ୍କ ଉଦ୍ଦେଶ୍ୟରେ ଦିହେଁ ହାତ ଟେକି ଜୟ ଜଗନ୍ନାଥ କହି କେତେବେଳୁ ଓହ୍ଲେଇ ଗଲେଣି। ହେଲେ ଦୁଇ ସାଙ୍ଗ ସେମାନଙ୍କୁ ହତବାକ୍ ହେଇ ଚାହିଁ ରହିଥିଲେ ଆଖି ଆଗରୁ ଅଦୃଶ୍ୟ ନ ହେବା ଯାଏଁ !

ବଡ ଆମୁଁଣି,
ଝୁମ୍ପୁରା,
କେନ୍ଦୁଝର-୩୧,
ମୋ- ୯୪୩୭୭୧୮୫୦୦

# ବୁଦ୍ଧିମତୀ ବୋହୂ

ସୁନନ୍ଦା ମହାନ୍ତି



ପ୍ରୀତି ଓ ପିୟୁଷ ଗୋଟିଏ ଛାତ ତଳେ ଅଣନିଶ୍ୱାସୀ ହୋଇପଡୁଥିଲେ। ଆଜିକାଲିର କଥା ନୁହେଁ ଜୀବନ ଆରମ୍ଭରୁ ଚାଲିଛି ଜୀବନ ଗଣିତକଷା । ପିୟୁଷ ଯାହା ହେଲେ ପୁରୁଷ ଲୋକ। ବାହାରେ ସାଙ୍ଗ ସାଥି ମେଳରେ ସମୟ କଟିଯାଏ ତାଙ୍କର ହେଲେ ଅବସର ପରେ ପ୍ରୀତିଙ୍କ ସମୟ କଟୁନି ଭଲରେ। ଚାକିରୀ ଭିତରେ ପରିବାର, ଘରତୋଳା ସାଙ୍ଗକୁ ଛୋଟ ପୁଅ ଝିଅ ଦୁଇଟାଙ୍କୁ କେତେ ଯେ କଷ୍ଟରେ ବଡ଼ କରିଛନ୍ତି କେବଳ ଅନୁଭବୀ ହିଁ ବୁଝିପାରେ। କେତେ ସ୍ୱପ୍ନ ଭିତରେ ଘରତୋଳା ଭିତରେ ଆଉଟି ପାଉଟି ହେଉ ହେଉ ଏଣେ ଚାକିରିରେ ଥିବା କର୍ତ୍ତବ୍ୟ ଓ ପିଲାଦୁଇଟିଙ୍କର ଦାୟିତ୍ୱ ନେଉ ନେଉ ସମୟ ଚାଲିଗଲା ତା ବାଟରେ। ଘର ତୋଳା ସରିବା ବେଳକୁ ଝିଅର ପାଠ ପଢା, ଚାକିରି ଓ ବିବାହ ସରିଥିଲା। ଶୂନ୍ୟ ଘରଟାରେ ପୁଅ ବୋହୁ ନାତି ନାତୁଣୀ ଖେଳେଇବାର ସ୍ୱପ୍ନ ଦେଖୁ ଦେଖୁ ପୁଅ ବଡ଼ ହୋଇ, ପୁନେରେ ଚାକିରି ପାଇ ସେଇଠି ତା ପସନ୍ଦରେ ବିବାହ ଖବରରେ ନୂଆ ଦୁଇମହଲା ଘରଟାର କାନ୍ଥ ଗୁଡାକ ସତେ ଯେମିତି ଖଣ୍ଡ ଖଣ୍ଡ ହୋଇ ଫାଟି ଆଁ କରିଗଲା। ସେତେପର୍ଯ୍ୟନ୍ତ ଚାକିରି ଥିବାରୁ ଛାତି ତଳ କୋହ ଓ ସଂସାରର ମୋହ ଜୀବନ ଗଣିତର ହରଣ ଗୁଣନ ହୋଇ ଭାଗଶେଷ ଖାଲି ଥିଲା ଅବସର ପରର ଏତେ ବଡ଼ ଘରଟାରେ ଶୂନ୍ୟତା।

ସକାଳୁ ସକାଳୁ ବହେ କାନ୍ଦିବାକୁ ଇଛା ହୁଏ। କାନ୍ଦିଲେ ଆଗରୁ ବିରକ୍ତ ହେଉଥିବା ସ୍ୱାମୀ ଏବେ ଦରଦୀ ହୁଅନ୍ତି। ମନର ବେଦନାକୁ ପଢ଼ନ୍ତି



ସତ ହେଲେ ମାଆ ମନ ବୁଝୁନଥାଏ ପ୍ରୀତିଙ୍କର। କେବେ ପିଲାମାନଙ୍କୁ ଅଣହେଳା କରିଛି ଭାବନ୍ତି ତ କେବେ ନିଜ ହାତରନ୍ଧା ଠିକ ଠାକ ପରଷିପାରିନି ମୋ ପିଲା ଦୁହିଁଙ୍କୁ ଭାବି ଉଦାସ ହୁଅନ୍ତି। କିଛି କଥା ପିୟୁଷଙ୍କୁ କହି ମନ ହାଲକା କରନ୍ତି ତ କିଛି କଥା ଢ଼ୋକି ଦିଅନ୍ତି ଯୋଉଥିପାଇଁ ବହୁ ରକ୍ତଗତ ରୋଗ ପ୍ରୀତିଙ୍କର।

ଏମିତିକି ଝିଅ ବାହାଘର ପରେ ତା ବୁଢ଼ୀ ଆଈଶାଶୁ ଚାଲିଯିବାରୁ ଷୋଳମଙ୍ଗଳା ପର୍ଯ୍ୟନ୍ତ ଘରେ ପାଳିତ ବିଧି ବିଧାନ ହୋଇପାରିନଥିବାରୁ ଝିଅ ଶାଶୁଘର ଲୋକମାନେ ଓ ତାଙ୍କ ପରିବାର ଲୋକେ କେବେ ଦୁଃଖ କରୁଥିଲେ ହେଲେ ଏବେ ପ୍ରୀତି ଦୁଃଖିତ ହୁଅନ୍ତି ବେଶୀ କାରଣ ଏକମାତ୍ର ଝିଅ ଭଳି ଏକମାତ୍ର ପୁଅ ପାଇଁ ମନଲାଖି ବୋହୁ ଆଣିହେଲାନି କି ପୁଅର ବାରାତି ଗଲାନି, ପୁଅ ତାଙ୍କର ଜୋଇଁ ବେଶ ହେଲାନି କି ବେଦୀ ଉପରେ ଷୋଳ ମଙ୍ଗଳା ଯାଏଁ ବିଧି ବିଧାନ ହେଲାନି। ପୁଣି ପୁଅ ଝିଅଙ୍କୁ ମଣିଷ କରୁ କରୁ ଯାହା ଖର୍ଚ୍ଚ ତା ଠାରୁ ଅଧିକା ଖର୍ଚ୍ଚ ଓ ଲୋନ କରି ଜୀବନର ସଞ୍ଚିତ ଅର୍ଥ ଓ ଲୋନର ମିଶାଣ ଫେଡ଼ାଣରେ ହୋଇଥିବା ଘରଟା ମଧ୍ୟ ଶୂନ୍ୟ ମହଲ ରୂପେ ଠିଆ ହୋଇ ଭୂତକୋଠି ପରି ଲାଗୁଛି।

ଅନୁଭବସମ୍ପନ୍ନ, ସପରିମାଣଦର୍ଶୀ, ଶହନଶୀଳ ସ୍ୱାମୀ ବୁଝିଲେ ପ୍ରୀତିଙ୍କ ଅନ୍ତର କଥା। ଲଗାଇ ଦେଲେ ଘର ଆଗରେ ସାଇନ ବୋର୍ଡରେ 'ଟୁ ଲେଟ' ବିଜ୍ଞାପନ। ବିଜ୍ଞାପନ ଲାଗିବାର ଦିନ ଚାରିଟା ହୋଇନି ଅନୁ ଦାସ ତାଙ୍କ ଛୋଟ ଛୋଟ ପୁଅ ଝିଅ ଦୁଇଟିକୁ ଧରି ପହଁଚିଲେ। କଲିଂବେଲ ମାରି ଅପେକ୍ଷା କରିଥିବା ମାଆ ଓ ପୁଅ ଝିଅ ଦୁଇଟିଙ୍କୁ ଦେଖୁ ଦେଖୁ ପ୍ରୀତି କହିଲେ ଆମ ଉପର ଘର ଖାଲି ଅଛି। ବିନା ସଂକୋଚରେ ଅନୁ ଦୁହିଁଙ୍କୁ ମୁଣ୍ଡିଆ ମାରି ଉପରକୁ ଉଠିଲେ, ସତେ ଯେମିତି ଏ ଘର ଲୋକ ଘରକୁ ଫେରିଛି। ଇତସ୍ତତଃ ହେଲେ ପିୟୁଷ କିନ୍ତୁ ଛୁଆ ଦୁଇଟାଙ୍କୁ ଦେଖୁ ଦେଖୁ ପ୍ରୀତି କହୁଥିଲେ ଠିକ ଆମ ଜିଟୁ ରିଟୁଙ୍କ ଭଳି ହୋଇଛନ୍ତି। ପିଲା ଦୁହେଁ ପ୍ରୀତି ଓ ପିୟୁଷଙ୍କୁ ମୁଣ୍ଡିଆ ମାରି କହୁଥିଲେ ନାହିଁ ଜେଜେ ଜେଜେମା ଆମେ ଡୁଗୁ ଓ ଗୁଡୁ। ଏଁ ଜେଜେ ଜେଜେମା ! ଆସିଲ ଆସିଲ ଧନ କହି କୋଳେଇ ନେଲେ ପ୍ରୀତି ଦୁହିଁଙ୍କୁ। କିନ୍ତୁ ଆଶ୍ଚର୍ଯ୍ୟ ହେଲେ ପିୟୁଷ ଯେବେ ଅନୁ ପ୍ରତିଦିନ ଉଠିଲା ପରେ ଦୁହିଁଙ୍କୁ ପ୍ରଣାମ କରୁଥିଲେ, ତୁଳସୀ ପୂଜା ସାଙ୍ଗକୁ ଠାକୁର ଘରେ ଅନଧିକାର ପ୍ରବେଶ କରି ପୂଜା କରିବା ପରେ ଚା କରି ପ୍ରୀତି ଓ ପିୟୁଷଙ୍କୁ ବଢ଼ାଇ ଦେଉଥିଲେ। ଅଫିସ ଯିବା ପୂର୍ବରୁ ପିଲାଦୁହିଁଙ୍କୁ ସାଙ୍ଗରେ ନେଇଯିବା ସହ ରୋଷେଇ କରି ପ୍ରୀତି ଓ ପିୟୁଷଙ୍କ ପାଇଁ ଘୋଡେଇ ରଖିନେଇ କହୁଥିଲେ ଖାଇନେବେ। ଆଁ କରି ପ୍ରୀତି ଚାହିଁଥିଲେ ଅନୁଙ୍କୁ। ପଚାରିବାକୁ ସାହସ କରିପାରୁନଥିଲେ ତୁମ ହାତରେ ଚୁଡ଼ି ମଥାରେ ସିନ୍ଦୁର, ତୁମ ସ୍ୱାମୀ କେଉଁଠି ? ପିୟୁଷଙ୍କ ହାତରେ ମାସ ଶେଷକୁ ଅନୁ ଦଶହଜାର ଦେଲାବେଳେ ପିୟୁଷ ମଧ୍ୟ ପଚାରିବାକୁ ସାହାସ କରିପାରୁନଥିଲେ ତୁମେ କଣ ସତରେ ଭଡାଟିଆ ମା ? କହିପାରୁନଥିଲେ ତୁମେ ଆମ ବୋହୁ ଭଳି ଲାଗୁଛ।

ଡୁଗୁ ଓ ଗୁଡୁ ଏଣିକି ମାଆଙ୍କ ସଙ୍ଗେ କିଣ୍ଡରଗାର୍ଟନ ସ୍କୁଲକୁ ଯିବାକୁ ପଡୁନଥିଲା। ପ୍ରୀତି ଓ ପିୟୁଷ ସେ ଦୁହିଁଙ୍କୁ ସମ୍ଭାଳି ରଖିନେଉଥିଲେ। ପିଲା ଦୁଇଟାଙ୍କୁ ମନ ଭରି ଖୁଆଉଥିଲେ ନିଜ ହାତରେ ପ୍ରୀତି। ଶୁଣାଉଥିଲେ ଶିଶୁ ଗୀତ ସବୁ। ପଢ଼ାଉଥିଲେ ଓଡ଼ିଆ ଛବିଳ ବର୍ଣ୍ଣବୋଧ ବହି। ପିୟୁଷ ମଧ୍ୟ ଖେଳୁଥିଲେ ବ୍ୟାଟ ବଲ ଡୁଗୁ ଓ ଗୁଡୁଙ୍କ ସହିତ। ଦୁହେଁ ଏଣିକି ଶାରୀରିକ ଓ ମାନସିକ ଭାବେ ଠିକ ଥିଲେ। ଜନ୍ମଦିନ ପାଳନ କରାଯାଉଥିଲା ଡୁଗୁ ଓ ଗୁଡୁଙ୍କର। ଅନୁ ମଧ ଖୁବ ସେବା ଯତ୍ନ କରୁଥିଲେ ପ୍ରୀତି ଓ ପିୟୁଷଙ୍କର। ସେଦିନ ପ୍ରୀତିଙ୍କ ପୁଅ ପହଁଚିଲା ଝଡ଼ ଭଳି କହିଲା ମୁଁ ସବୁଦିନ ପାଇଁ ଓଡିଶା ଚାଲିଆସିଛି ମାଆ। ପ୍ରୀତି କହିଲେ ଖୁବ ଭଲ କରିଛୁ। ବାପା ମାଆ ଓ ପୁଅ ଝିଅ ଏକାଠି ରହିବା ଉଚିତ। ତୁ କାହା କଥା କହୁଛୁ ମାଆ ? ମୋର ତୋ ବୋହୁ ସହ ଡିଭୋର୍ସ ହୋଇସାରିଛି। ବାହାଘର ଗୋଟେ ପିଲାଖେଳ ନୁହେଁ ଯେ ମନ ଇଛା ବାହା ହୋଇଯିବୁ ପୁଣି ମନଇଚ୍ଛା ଡିଭୋର୍ସ ଦେଇଦେବୁ ତାହା ପୁଣି ଛୁଆ ଦୁଇଟା ହେଲା ପରେ ? ତୁ ଏସବୁ କଣ କହୁଛୁ ମାଆ। ସେ ଠିକ କହୁଛି କହି ପିୟୁଷ ଉପରକୁ ଉଠିଗଲେ ଡୁଗୁ ଓ ଗୁଡୁଙ୍କୁ ଧରି ତଳକୁ ଆସି କହୁଥିଲେ ମୋ ନାତି ନାତୁଣୀ ଓ ବୋହୁ ସମସ୍ତେ ଆମ ପାଖରେ ଅଛନ୍ତି ତୁ ଆସିଗଲୁ ଖୁବ ଭଲ ହେଲା। ଆଶ୍ଚର୍ଯ୍ୟରେ ପୁଅ ଦେଖୁଥିଲା ଅନୁକୁ। ଅନୁ କିଛି କହିବା ପୂର୍ବରୁ ପ୍ରୀତି କହୁଥିଲେ ଡୁଗୁ ଓ ଗୁଡୁ ଆଲବମରେ (ଆମ ପୁଅକୁ) ତତେ ଡାଡି ବୋଲି କହିବା ପରେ ଆମେ ଠିକ ଜାଣିଥିଲୁ ଆମ ପୁଅ ସିନା ଭୁଲ କରିଛି କିନ୍ତୁ ବୋହୁ ଆମର ଖୁବ ବୁଦ୍ଧିମତୀ।

ସାକ୍ଷୀଗୋପାଳ
ପୁରୀ
୯୦୪୦୯୭୭୩୨୭

# ତିନିଟି ମିନି ଗପ



## ବାପା କଷ୍ଟ ପାଇବେ

ଲୋପାମୁଦ୍ରା ଗୋଟେ ସରକାରୀ ଚାକିରି କରିଛି। ମାସକୁ ୪୫ ହଜାର ଦରମା। ତାହା ପୁଣି ଏଇ କେଇମାସ ହେଲା ପାଉଛି। ଚାକିରି ଆରମ୍ଭରୁ ଟଙ୍କା ୨୮ ହଜାର ପାଉଥିଲା। ବଢ଼ି ବଢ଼ି ଏବେ ୪୫ ହଜାରରେ ପହଞ୍ଚିଛି। ଘରେ ଭାଇ, ଆଉ ଦୁଇ ଭଉଣୀ। ବାପାଙ୍କ ଅବସର ପରେ ସେ ବାପା ତାଙ୍କର ଫୁସ୍‌ଫୁସ୍ ଜନିତ ରୋଗରେ ପଡ଼ିଲେ। ବାପାଙ୍କୁ ବଞ୍ଚାଇବା ପାଇଁ ଦେଶର ବହୁ ନାମୀ ଦାମୀ ମେଡ଼ିକାଲରେ ଚିକିତ୍ସିତ କରାଇଲେ। ହାଇଦ୍ରାବାଦରୁ ଆରମ୍ଭ କରି ଦିଲ୍ଲୀ ଏମ୍‌ସ ପର୍ଯ୍ୟନ୍ତ। କେଉଁଠି ସଫଳ ହୋଇପାରିଲେ ନାହିଁ। ଦିଅଁ ଦେବତା ବି ପୂଜିଲେ। ଭଗବାନ ବି ନିଷ୍ଠୁର କିଛି ଶୁଣିଲେ ନାହିଁ। ଶେଷରେ ଡାକ୍ତର କହିଲେ ଅପରେସନ୍ ହେବ। ଏଥିପାଇଁ ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ସେମାନେ କହିଲେ ପଇସା ନୁହେଁ, ଆମ ବାପାଙ୍କୁ ଯେମିତି ହେଲେ ବଞ୍ଚାଇ ଦିଅନ୍ତୁ। ଏତେ ଗୁଡ଼ାଏ ଟଙ୍କା କେମିତି ସୁଝିବ ବୋଲି ଲୋପାମୁଦ୍ରା ତାଙ୍କର ଜଣେ ସହକର୍ମୀଙ୍କଠୁଁ ପ୍ରସ୍ତାବ ଲୋଡ଼ିଥିଲା। ସେ କହିଥିଲେ- ତମ ଚାକିରିରେ ଉପୁରି ବହୁତ ମିଳେ, ଦେଖୁନ ତମ କେତେ ପଛରେ ରୋଜାଲିନ୍ ମାଡାମ ଜଏନ କରି, ୫ ବର୍ଷରେ ଭୁବନେଶ୍ୱରରେ ୧୯ଟି ଫ୍ଲାଟ, ଦାମୀ କାର ଚଢୁଛି। ତମେ ଚାହିଁଲେ ହେବ। ତମେ ଯେମିତି ସିଧା ସିଧା ଆଉ ନ୍ୟାୟରେ ଚାଲୁଛ, ସେମିତି କଲେ ୩୦ ବର୍ଷ ଚାକିରିରେ ବି କିଛି କରିପାରିବ ନାହିଁ। ଏଇଟା ଜୀବନ ମରଣ କଥା। ମଉସାଙ୍କ ଜୀବନ ରକ୍ଷା ପାଇଁ ଏସବୁ କରିବା ପାପ ନୁହେଁ। ସେ ହଠାତ୍ ରାଗିଗଲା ଆଉ କହିଲା- ନାଇଁ ଏମିତି କଲେ ମୋ ବାପା ସ୍ୱର୍ଗରେ ବି କଷ୍ଟ ପାଇବେ। ଜୀବନରେ ସ୍ୱାଭିମାନୀ ହେବା ପାଇଁ ବାପା ପିଲାଟି ଦିନରୁ ଶିଖାଇଛନ୍ତି। ଆମକୁ ବାପା ଛୋଟ ଚାକିରିଟିଏ କରି ମଣିଷ କରିଛନ୍ତି, ମୁଁ ସେମିତି କରିପାରିବି ନାହିଁ। ସମସ୍ତଙ୍କ ଅଜଣାରେ ନିଜର କିଡ଼ନୀ ବିକ୍ରି କରି ୬୦ ଲକ୍ଷ ଟଙ୍କା ଯୋଗାଡ଼ କଲା ଆଉ ବାପାଙ୍କୁ ବି ବଞ୍ଚାଇଲା। ବାପା ବି ଭଲ ହୋଇଗଲେ। ଅଫିସରେ ସବୁ ଫୁସର ଫାସର ହେଉଥାନ୍ତି, ଏତେ ଟଙ୍କା ଏତେ କମ୍ ସମୟ ମଧ୍ୟରେ ଆଣିଲା କେଉଁଠୁ ? ଏମିତିକି ଖୋଦ୍ ଲୋପାମୁଦ୍ରାକୁ ଏଇ କଥା ଅନେକ ଲୋକ ପଚାରିଛନ୍ତି। ସେ ଚୁପଚାପ ଆଉ କିଛି ନ ଜାଣିଲା ପରି କଥା ବୁଲାଇ ଦିଏ। କିଡ଼ନୀ ବିକ୍ରି କରିବାର ୧୫ ଦିନ ପରେ ହଠାତ୍ ତା' ଦେହ ଖରାପ ହେଲା, କଥା କହିପାରିଲାନି। ଆଖି ଖୋସି ହୋଇଗଲା। ତାକୁ ତୁରନ୍ତ ଡାକ୍ତରଖାନା ନେଇଗଲେ। ସେଠାରେ ଡାକ୍ତର ବହୁ ପରୀକ୍ଷା ନିରୀକ୍ଷା ପରେ କହିଲେ, ଗୋଟେ କିଡ଼ନୀରେ ଏ ଜୀବନ ବଞ୍ଚିଥିଲେ। ସେଥିପାଇଁ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଥିଲେ। କିଡ଼ନୀ ଦେଲା ପରେ ଯେଉଁ ପ୍ରକାର ଚିକିତ୍ସାରେ ରହିବା କଥା ସେମିତି ରହିନାହାନ୍ତି। ନ ହେଲେ କିଛି ବର୍ଷ ନିଶ୍ଚୟ ବଞ୍ଚିଥାନ୍ତେ। ଡାକ୍ତର ରିସିଭ୍ ଡେଥ୍ କହି ଅନ୍ୟ ରୋଗୀଙ୍କ ଚିକିତ୍ସା ପାଇଁ ଚାଲିଯାଇଥିଲେ। ପରିବାର ଆତ୍ମୀୟସ୍ୱଜନ ସମସ୍ତେ ଅବାକ୍।

## ଶେଷ ଇଚ୍ଛା

ସୁକାନ୍ତି ରାଉତ

ଦିନ ଗଡ଼ି ଚାଲୁଥିଲା ନଈ ସୁଅ ପରି। ନାନା ବାଧା ବିଘ୍ନକୁ ଖାତିର ନ କରି ସିପ୍ରା ଆଗେଇ ଚାଲିଥିଲା ଆକାଶକୁ ଛୁଇଁବା ପାଇଁ। ଅଭାବ ଅସୁବିଧା ତାର ପାଦକୁ ରୋକି ପାରି ନ ଥିଲା। ସେ ଜାଣିଥିଲା ଦୁଃଖ କଷ୍ଟରେ ଜୀବନ ଜୀଇଁଲେ ଆଗାମୀ ଭବିଷ୍ୟତ ଜୀବନ ସଫଳ ହୁଏ। କିନ୍ତୁ ସମୟ କ୍ରମେ ସେ ସ୍କୁଲ ସାରି କଲେଜରେ ପଢ଼ିଲା ଆଉ କଲେଜ ପରେ ବିଶ୍ୱବିଦ୍ୟାଳୟରେ ପାଦ ଥାପିଲା। ସେ ବାପାବୋଉଙ୍କର ଥିଲା ଗୋଟିଏ ବୋଲି ଝିଅ। ପାଠ ପଢ଼ା ସରିବା ପରେ ତା ବାହାଘର କରିଦେବାକୁ ଚାହିଁଲେ। ସିପ୍ରା ଯଦିଓ ଏତେ ଶୀଘ୍ର ବାହାଘରକୁ ଗ୍ରହଣ କରିବା ଭଳି ସ୍ଥିତିରେ ନ ଥିଲା। କିନ୍ତୁ ତା ବୋଉ ତାକୁ ବୁଝାଉଥିଲା- ପାଖ ଗାଁର ପିଲା, ଜଣାଶୁଣା ପିଲା। ଆମ ପାଖରେ ଯେତେ ଖୁସିରେ ଅଛୁ, ସେ ତୋତେ ଆହୁରି ଖୁସିରେ ରଖିବେ। ତୁ ପରା ତୋ ବାପାଙ୍କ ପରି ପୁରା ଦେଖିବାକୁ। ମୋତେ ପରା ବହୁତ ବହିରେ ତୁ ହିଁ ଦେଖାଇଛୁ, ଦେଖ୍ ବୋଉ ବହିରେ କ'ଣ ଲେଖାଯାଇଛି, ଝିଅମାନେ ବାପାଙ୍କ ପରି ହେଲେ ବହୁତ ସୁଖୀ ହୁଅନ୍ତି। ମୁଁ ତୋତେ କେବେ କେବେ ଛୋଟ ଛୋଟ ଗଣିତ ଭୁଲ୍ କଲେ ମାରିଲେ, ତୁ ଖୁବ୍ କାନ୍ଦୁ ଆଉ ତୋ ବାପାଙ୍କ ପାଖେ ଅଭିଯୋଗ କରୁ-ଦେଖ ବାପା, ବୋଉ ମୋତେ ମାରୁଛି, ଗଣିତଟା ଟିକେ ଭୁଲ୍ ହୋଇଗଲା ବୋଲି । ଦେଖିବୁ, ଆମେ ତୋତେ ଯେତେ ସୁଖ ଦେଇନୁ, ସେ ତୋତେ ଦେବେ। ସିପ୍ରା ଏହା ଶୁଣି ଆହୁରି ଖୁସିଯାଉଥିଲା। ଆଉ ତା ବୋଉଙ୍କ ପାଖରେ ଅଳି କରିଥିଲା-ମୋତେ ଯଦି ମୋ ଶାଶୁଘର ଲୋକ ଆଉ ମୋ ସ୍ୱାମୀ ଯୋଜନାବଦ୍ଧ ଭାବେ ହତ୍ୟା କରନ୍ତି, ତୁମେମାନେ କେବେ ବି ମୋତେ ମନେ ପକାଇବନି, କି କାନ୍ଦିବନି। କାରଣ ତମର ଲୁହ ମୋ ସ୍ୱାମୀଙ୍କ ଉପରେ ହିଁ ପଡ଼ିବ ଆଉ ସେ କଷ୍ଟ ପାଇଲେ ମୁଁ ବି କଷ୍ଟ ପାଇବି ସ୍ୱର୍ଗରେ। ବୋଉ ତା ମୁଣ୍ଡରେ ହାତ ଦେଇ କହୁଥିଲା-ନାଇଁ ଲୋ ପାଗିଳୀ, ତୋତେ ଯିଏ ବାହାହେବ ସେ ଶହେ ଶିବ ପୂଜିଥିବ, ଏତେ ସୁଖ ଦେବ ଯେ, ଆମକୁ ବି ଭୁଲିଯିବୁ। ଠିକ୍ ବାହାଘରର ମାସେ ପରେ ଖବର ମିଳିଲା ସିପ୍ରାକୁ ତା ସ୍ୱାମୀ ହତ୍ୟା କରି ଫିଙ୍ଗିଦେଇଛନ୍ତି। ପବନ ବେଗରେ ଏଇ ଖବର ପହଞ୍ଚିଗଲା ସିପ୍ରା ବୋଉଙ୍କ ପାଖରେ। ତା ବୋଉ ତା ବାପାଙ୍କ ଦେହ ଛୁଇଁ କହିଲେ- ସିପ୍ରା ପାଇଁ ଗୋଟେ ବି ଲୁହ ଢ଼ାଳନି, ଏଇଟା ଥିଲା ତାର ଶେଷ ଇଚ୍ଛା। କାରଣ, ଦୁଇ ମାସ ତଳେ ନିଜେ ହିଁ କହିଥିଲା-ଯଦି କେବେ ଆମେ କାନ୍ଦିବା ଆମ ଲୁହ ତା ସ୍ୱାମୀଙ୍କ ଉପରେ ହିଁ ପଡ଼ିବ। ସ୍ତବ୍ଧ ହୋଇଯାଇଥିଲେ ସୁଧୀର ସାର୍।



## ତମେ ଆଗ ସରି କୁହ

ବାପାମାଆଙ୍କର ଗୋଟିଏ ବୋଲି ପୁତ୍ର। ଏକୋଇର ବଳା ବିଶିକେଶନ। ପୁଅକୁ ଜୋର କରି ପଦେ କହିଲେ ଜେଜେମା କେବେ ଗାଳି ଦିଅନ୍ତି ତ ପୁଣି କେବେ ନିଜେ ବାପା। ଦିନେ ପୁଅ ଚଗଲା ହେଉଥିଲା। ପଡ଼ିଶାଘରରକୁ ପୁଅକୁ ମାରିବା ସହିତ ତାଙ୍କ ଘରର ଫୁଲଦାନୀ ଭାଙ୍ଗିଦେଇଥିଲା। ପଡ଼ିଶାଘର ଲୋକେ ଆସି ପୁଅର ମାଆକୁ ଗାଳିଗୁଲଜ କଲେ। ପୁଅର ମାଆ ରାଗ ସୁଝାଇବାକୁ ଯାଇ ପୁଅକୁ ଦି ଚାପୁଡ଼ ମାରିଲେ ଆଉ କହିଲେ ତୁ ଏବେ ଯାଇ ପଡ଼ିଶା ଘର ପୁଅକୁ ସରି କହ। ପୁଅ ତତକ୍ଷଣାତ କହିଲା-ମୁଁ କହିପାରିବିନି, ତମେ ଆଗ ସରି କୁହ। ବୋଉ ପଚାରିଲା-କାହିଁକି ମୁଁ କହିବି-ପୁଅ ଠୋ ଠୋ ହୋଇ ହସିଲା ଆଉ କହିଲା-ତମେ ମୋ ମୋ ଉପରେ ବିନା କାରଣରେ ସବୁବେଳେ ରାଗୁଛ ଆଉ ମାରୁଛ। ତେଣୁ ସରି କୁହ। ଏଇ କଥା ପଦରେ ବୋଉ ସ୍ତବ୍ଧ ହୋଇଯାଇଥିଲା ଆଉ ସରି ମାଗିବା ପାଇଁ ବାଧ୍ୟ ହୋଇଥିଲେ।

କେନ୍ଦୁଝର,
ଫୋନ୍-୮୮୯୫୩୦୪୫୫୬

## ଚତୁର୍ଥ ନାଭାଲ ଟାଟା ଗ୍ରାସ୍ ରୁଟ୍ ହକି

# ରାଜ୍ୟସ୍ତରୀୟ ପ୍ରତିଯୋଗିତା ଉଦ୍‌ଘାଟିତ




**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ସଦର ମହକୁମା ସ୍ଥାନୀୟ ହକି ପ୍ରଶିକ୍ଷଣ କେନ୍ଦ୍ର ଠାରେ ରାଜ୍ୟ ସ୍ତରୀୟ (୧୬ ବର୍ଷରୁ କମ୍) ବାଳକ ଓ ବାଳିକା ହକି ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ପ୍ରତିଯୋଗିତାରେ ରାଜ୍ୟର ୧୫ଟି ବାଳକ ହକିଦଳ ଓ ୧୫ଟି ବାଳିକା ହକି ଦଳ ଭାଗ ନେଇଛନ୍ତି । ରାଜ୍ୟର ମୋଟ୍ ୬୦୦ ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଭାଗ ନେଇଛନ୍ତି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଶିବାଶିଷ ମହାରଣା ମୁଖ୍ୟ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉଦ୍‌ଘାଟନୀ ଉତ୍ସ ପ୍ରାରମ୍ଭରେ ନାଭାଲ ଟାଟା ଓଡ଼ିଶାର ରାଜୀବ ସେଠ୍ ସମସ୍ତ ଅତିଥି ଓ ଖେଳାଳିମାନଙ୍କର ପରିଚୟ ପ୍ରଦାନ କରିବା ସହ ପ୍ରତିଯୋଗିତାର ଉଦ୍ଦେଶ୍ୟ ଏବଂ ଆଭିମୁଖ୍ୟ ସମ୍ବନ୍ଧରେ ପ୍ରକାଶ କରିଥିଲେ । ଏହି ହକି ପ୍ରତିଯୋଗିତାର କୃତି ପ୍ରତିଯୋଗୀ ରାଜ୍ୟସ୍ତରରେ ହକି ଖେଳିବାର ସୁଯୋଗ ପାଇବେ । ଉଦ୍‌ଘାଟନୀ ଉତ୍ସବର ଶେଷରେ ସ୍ଥାନୀୟ ଯାଜପୁର ହକି ପ୍ରଶିକ୍ଷଣ କେନ୍ଦ୍ରର ହକି ଖେଳାଳିମାନଙ୍କ ଦ୍ୱାରା ବିଭିନ୍ନ ସମ୍ବଲପୁରୀ ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା । ଶେଷରେ ହକି ପ୍ରଶିକ୍ଷଣ କେନ୍ଦ୍ରର ବରିଷ୍ଠ ହକି ପ୍ରଶିକ୍ଷକ ଅମୂଲ୍ୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଟି-୨୦ ବିଶ୍ୱକପ୍‌ରେ ଫ୍ଲପ୍ ହେଉଛନ୍ତି କୋହଲି : ଚିନ୍ତାରେ ଟିମ୍ ଇଣ୍ଡିଆ

**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ୍‌ରେ ଭାରତର ବିଜୟ ଯାତ୍ରା ଜାରି ରହିଛି । ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ହ୍ୟାଟ୍ରିକ୍ ବିଜୟ ହାସଲ କରି ସୁପର-୮ ରାଉଣ୍ଡରେ ପହଞ୍ଚି ଯାଇଛି । ଭାରତ ଏ ପର୍ଯ୍ୟନ୍ତ ଆୟରଲାଣ୍ଡ, ପାକିସ୍ତାନ ଓ ଆମେରିକାକୁ ହରାଇ ସାରିଛି । ବିଜୟ ସତ୍ତ୍ୱେ ଭାରତୀୟ ଦଳ ପାଇଁ ବଡ଼ ସମସ୍ୟା ଉପୁଜିଛି । ଏହାର ସବୁଠୁ ବଡ଼ କାରଣ ବିରାଟ କୋହଲି ଲଗାତାର ବିଫଳ ହେବା । କ୍ରିକେଟ୍ ସମୀକ୍ଷକଙ୍କ ମତରେ ଏଥିରେ ଭାରତକୁ ବର୍ତ୍ତମାନ କୌଣସି ଫରକ୍ ପଡ଼ୁ ନ ଥିଲେ ବି ସୁପର-୮ ରାଉଣ୍ଡରେ ଏହାର ପରିଣାମ ଭୋଗିବାକୁ ପଡ଼ିପାରେ । ଟି-୨୦ ବିଶ୍ୱକପ୍‌ରେ ଆୟରଲାଣ୍ଡ ବିପକ୍ଷରେ ବିରାଟ କୋହଲି ୫ଟି ବଲରୁ ୧ ରନ୍ କରି ଆଉଟ୍ ହୋଇଥିଲେ । ଏହା ପରେ ପାକିସ୍ତାନ ବିପକ୍ଷରେ ୩ଟି ବଲରୁ ୪ ରନ୍ ଏବଂ ଆମେରିକା ବିପକ୍ଷରେ ଖାତା ଖୋଲି ପାରି ନଥିଲେ । ଆମେରିକା ମ୍ୟାଚ୍‌ରେ ଭାରତୀୟ ପ୍ରଶଂସକଙ୍କ ବିରାଟ କୋହଲିଙ୍କଠୁ ବଡ଼ ଆଶା ଥିଲା । ମାତ୍ର ପୂର୍ବତନ ଅଧିନାୟକ ନିରାଶ କରିଥିଲେ । ସେ ପ୍ରଥମ ବଲରେ ପାଭିଲିଅନ ଫେରିଥିଲେ । ଏହିପରି ଏ ପର୍ଯ୍ୟନ୍ତ ବିରାଟ କୋହଲି ୩ଟି ମୁକାବିଲାରୁ ମାତ୍ର ୫ ରନ୍




କରିଛନ୍ତି । କୋହଲିଙ୍କ ଏହି ଖରାପ ଫର୍ମ ଭାରତୀୟ ଦଳ ପାଇଁ ଚିନ୍ତାର କାରଣ ପାଲଟିଛି ।

ଭାରତୀୟ ଦଳ ନିଜର ଶେଷ ଲିଗ୍ ମ୍ୟାଚ୍ କାନାଡ଼ା ବିପକ୍ଷରେ ଖେଳିବ । ଏହି ମ୍ୟାଚ୍ ଜୁନ୍ ୧୫ ତାରିଖରେ ଫ୍ଲୋରିଡ଼ାରେ ଖେଳାଯିବ । ଭାରତୀୟ ଦଳ ସୁପର-୮ରେ ବଡ଼ ବଡ଼ ଦଳ ସହ ମୁକାବିଲା କରିବ । ଦେଖିବାକୁ ବାକି ରହିଲା ଯେ, ଏହା ପୂର୍ବରୁ ବିରାଟ କୋହଲି ଫର୍ମକୁ ଫେରିବେ କି ନାହିଁ । ଯଦି ବିରାଟ କାନାଡ଼ା ବିପକ୍ଷରେ ରନ କରିବେ ତେବେ ଏହା ଭାରତକୁ ସୁପର-୮ ପୂର୍ବରୁ ବଡ଼ ଆଶ୍ୱସ୍ତି ପ୍ରଦାନ କରିବ ।

# ବୃଦ୍ଧି ପାଇଲା ୱିମ୍ବଲଡ଼ନ ପୁରସ୍କାର ରାଶି

**ଲଣ୍ଡନ**

ଅଲ ଇଂଲଣ୍ଡ କ୍ଲବର ଅଧିକାରୀମାନେ ଗୁରୁବାର ୱିମ୍ବଲଡ଼ନ ପୁରସ୍କାର ରାଶି ବୃଦ୍ଧି ଘୋଷଣା କରିଛନ୍ତି । ଏହି ଘୋଷଣା ଅନୁସାରେ ୱିମ୍ବଲଡ଼ନର ମୋଟ୍ ପୁରସ୍କାର ରାଶି ବଢ଼ି ରେକର୍ଡ଼ ୫ କୋଟି ପାଉଣ୍ଡ (ପାଖାପାଖି ୫ ବିଲିୟନ ୩୩ କୋଟି ଟଙ୍କା) ହୋଇଯିବ । ଯେଉଁଥିରେ ପ୍ରତ୍ୟେକ ସିଙ୍ଗଲ ଚାମ୍ପିଅନଙ୍କୁ ୨୭ ଲକ୍ଷ ପାଉଣ୍ଡ ଅର୍ଥାତ ପାଖାପାଖି ୨୮.୮୧ କୋଟି ଟଙ୍କା ପୁରସ୍କାର ମିଳିବ । ମୋଟ୍ ପୁରସ୍କାର ରାଶି ଗତବର୍ଷ ତୁଳନାରେ ୫ଲକ୍ଷ ପାଉଣ୍ଡ (ପାଖାପାଖି ୫୬.୬ କୋଟି ଟଙ୍କା)କୁ ବୃଦ୍ଧି ହୋଇଛି । ପ୍ରାୟ ୧୦ ବର୍ଷ ପୂର୍ବେ ଏହି ଗ୍ରାସ୍‌କୋର୍ଟ ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟ ପ୍ରତିଯୋଗୀଙ୍କୁ ଦିଆଯାଇଥିବା ୨କୋଟି ୫୦ଲକ୍ଷ ପାଉଣ୍ଡରୁ ଏବେ ଦୁଇଗୁଣାରୁ ବି ଅଧିକ ପୁରସ୍କାର ମିଳିବ । ଅଲ୍ ଇଂଲଣ୍ଡ କ୍ଲବର ନୂଆ ଅଧ୍ୟକ୍ଷ ଡେବୋରା ଜେଭାଂସ କହିଛନ୍ତି ଯେ ଏହି ବର୍ଷର ଟିକେଟ୍ ଚାହିଦା ଆଗରୁ କେବେ ଦେଖାଯାଇ ନାହିଁ । ଏଣୁ ଚଳିତବର୍ଷ ବିଜେତାମାନଙ୍କୁ ମିଳିବାକୁ ଥିବା ରାଶି ପ୍ରତ୍ୟେକ ବର୍ଗରେ ୩,୫୦,୦୦୦ ପାଉଣ୍ଡ (୩କୋଟି ୭୩ ଲକ୍ଷ ଟଙ୍କା) ବୃଦ୍ଧି ହୋଇଛି, ଯାହା ପୁରସ୍କାର ରାଶିରେ ୧୪.୯ ପ୍ରତିଶତ ବୃଦ୍ଧି ବୋଲି ସେ କହିଛନ୍ତି ।

ସିଙ୍ଗଲସ୍ ପ୍ରଥମ ରାଉଣ୍ଡରେ ହାରିଥିବା ପ୍ରତିଯୋଗୀଙ୍କୁ ୨୦୨୩ ମସିହାରେ ୫୫,୦୦୦ ପାଉଣ୍ଡ (୫୮ଲକ୍ଷ ଟଙ୍କା) ଦିଆଯାଇଥିଲା ।




ତେବେ ଚଳିତବର୍ଷ ଏହାକୁ ବଢ଼ାଇ ୬୦,୦୦୦ ପାଉଣ୍ଡ (୬୪ ଲକ୍ଷ ଟଙ୍କା) କରି ଦିଆଯାଇଛି । ସେହିପରି କ୍ୱାଲିଫାଇଂ ପ୍ରତିଯୋଗିତା ଲାଗି ପୁରସ୍କାର ରାଶିରେ ୧୪.୯ ପ୍ରତିଶତ ବୃଦ୍ଧି ହୋଇ ଏହା ୪୮ ଲକ୍ଷ ପାଉଣ୍ଡ (୫୧.୨ କୋଟି ଟଙ୍କା) ହୋଇଯିବ ବୋଲି ଜେଭାଂସ କହିଛନ୍ତି ।

## ଆଜି ଟି-୨୦ ବିଶ୍ୱକପ୍‌ରେ...

ଇଂଲଣ୍ଡ ସହିତ ଓମାନ : ଦିନ ୧୨ଟା ୩୦
ଆଫଗାନିସ୍ତାନ ସହିତ ପପୁଆ ନ୍ୟୁଗିନି : ସକାଳ ୬ଟା
ଆମେରିକା ସହିତ ଆୟର୍ଲାଣ୍ଡ : ସନ୍ଧ୍ୟା ୮ଟା

# ଭାରତର ବିଜୟ ପରେ ସୁପର-୮କୁ ଯିବା ଲକ୍ଷ୍ୟରେ ପାକିସ୍ତାନ

**ନୂଆଦିଲ୍ଲୀ**

ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ରୋମାଞ୍ଚକ ଭାବେ ହରାଇଥିବା ଭାରତୀୟ କ୍ରିକେଟ ଦଳ ତା'ର ଟି-୨୦ ବିଶ୍ୱକପ୍ ମ୍ୟାଚ୍‌ରେ ବୁଧବାର ଅନ୍ୟତମ ଆୟୋଜକ ଆମେରିକାକୁ ହରାଇ ସୁପର-୮ରେ ପ୍ରବେଶ କରିଛି । ବାସ୍ତବରେ ଗ୍ରୁପ ଏ'ର ପଏଣ୍ଟ ଟେବୁଲରେ ଟିମ୍ ଇଣ୍ଡିଆ ଶୀର୍ଷରେ ରହିଛି । ଭାରତର ବିଜୟରୁ ପାକିସ୍ତାନ ସିଧାସଳଖ ଲାଭବାନ ହୋଇଛି । ଭାରତ ଜିତିବାରୁ ଆମେରିକାର ନେଟ ରନ ହାର ଖରାପ ହୋଇଛି । ଏଥିରୁ ପାକିସ୍ତାନ ଉପକୃତ ହୋଇପାରିଛି । ଏହା ପୂର୍ବରୁ ଆମେରିକା ଦ୍ୱିତୀୟ ସ୍ଥାନରେ ରହିଥିଲା । ଆମେରିକା ଦୁଇଟି ମ୍ୟାଚ୍ ଖେଳି ଉଭୟ ଜିତିଥିଲା ।

ପାକିସ୍ତାନ ତୃତୀୟ ସ୍ଥାନରେ ରହିଛି । ପାକିସ୍ତାନ ୩ଟି ମ୍ୟାଚ ଖେଳି ଗୋଟିଏରେ ଜିତିଛି । ପାକିସ୍ତାନ ପାଖରେ ୨ ପଏଣ୍ଟ ଅଛି । ଏହା ସହିତ ନେଟ୍ ରନ ହାର ହେଉଛି +୦.୧୯୧ । ଆମେରିକା ଦଳ ହାରିଯାଇଥିବାରୁ ପାକିସ୍ତାନ ପରବର୍ତ୍ତୀ ମ୍ୟାଚ୍ ଜିତି ପଏଣ୍ଟ ସମାନ କରିବାକୁ ଚେଷ୍ଟା କରିବ । ପାକିସ୍ତାନର କେବଳ ଗୋଟିଏ ଗ୍ରୁପ ମ୍ୟାଚ୍ ବାକି ଅଛି, ଯାହା ଆୟର୍ଲାଣ୍ଡ ବିପକ୍ଷରେ ଅଛି । ଏହି ମ୍ୟାଚ ୧୬ ଜୁନ୍‌ରେ ଖେଳାଯିବ । ଆମେରିକାଠାରୁ ପାକିସ୍ତାନ ପରାସ୍ତ ହୋଇଥିଲା । ଏହା ପରେ ଟିମ ଇଣ୍ଡିଆ ପରାସ୍ତ କରିଥିଲା । କାନାଡା ବିପକ୍ଷରେ ପାକିସ୍ତାନ ୭ ୱିକେଟରେ ଜିତିଥିଲା ।




# ଆର୍ଯ୍ୟଭଟ୍ଟ ସବୁଜ ରଥର ଶୁଭାରମ୍ଭ : ବୃକ୍ଷ ରୋପଣ ସହ ପ୍ଲାଷ୍ଟିକ ବର୍ଜନ ପାଇଁ ନିବେଦନ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଏହି ବର୍ଷର ଭୀଷଣ ରୌଦ୍ର ସମଗ୍ର ଭାରତବର୍ଷକୁ ପାଖାପାଖି ୫୦°ସେ. ଖରା ଯୋଗୁଁ ଓଡ଼ିଶାରେ ଶତାଧିକ ଲୋକଙ୍କ ଜୀବନ ଜୀବନ ଗଲା । ବର୍ଷକୁ ବର୍ଷ ଏଇ ଖରା ବଢ଼ିଚାଲିଛି । ପୁଣି ମେରୁ ତଥା ଗିରୀଶୃଙ୍ଗ ମାନଙ୍କର ବିଶାଳକାୟ ବରଫ ଖଣ୍ଡ ତରଳି ସମୁଦ୍ର ଜଳପତ୍ତନର ବୃଦ୍ଧି ଘଟୁଛି ଓ ଅନେକ ଜନବସତିକୁ ମଧ୍ୟ ସମୁଦ୍ରରେ ମିଶି ଗଲେଣି । ନଦୀ ନାଳପୋଖରୀ ହ୍ରଦ ଶୁଖିଲା ପଡ଼ିଛି । ଆଉ ଭୂତଳ ଜଳ ତଳକୁ ତଳକୁ ଚାଲିଗଲାଣି । କେଉଁଠି ପ୍ରଳୟଙ୍କରୀ ବନ୍ୟାର ତାଣ୍ଡବ ତ କେଉଁଠି ମରୁଡ଼ି ପୁଣି କେଉଁଠି ସର୍ବଗ୍ରାସୀ ଦାବାନଳ । କାରଣ ବିପର୍ଯ୍ୟସ୍ତ ପରିବେଶ ଯୋଗୁଁ ଜଳବାୟୁ ପରିବର୍ତ୍ତନ । ଏହାକୁ ପ୍ରତିହତ ନକଲେ ଭବିଷ୍ୟତ ବଂଶଧରଙ୍କ ଜୀବନ ଧାରଣ ଅସମ୍ଭବ ହୋଇପଡିବ । ଏହିସବୁ ଦୃଷ୍ଟିରୁ ଆର୍ଯ୍ୟଭଟ୍ଟ, ବ୍ରହ୍ମପୁର ଦୀର୍ଘ ୧୭ ବର୍ଷ ହେଲା ଲୋକଙ୍କୁ ସଚେତନ କରେଇବା ସହ ବହୁଳ ସଂଖ୍ୟାରେ ବୃକ୍ଷରୋପଣ କରି ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟରତ ରହିଛି । ଏହି ବର୍ଷ ପାଇଁ ମଧ୍ୟ ଗୁରୁବାରଠୁ କାର୍ଯ୍ୟକ୍ରମ ଆରମ୍ଭ କରିଛି ।

ଏହି କ୍ରମରେ ପ୍ରଭାତରେ ଆର୍ଯ୍ୟଭଟ୍ଟ ପ୍ରକୃତି ଓ ପରିବେଶ ଫାଉଣ୍ଡେସନ ଆନୁକୂଲ୍ୟରେ ଆର୍ଯ୍ୟଭଟ୍ଟ ସବୁଜ ରଥର ଶୁଭାରମ୍ଭ କରାଯାଇଥିଲା । ଏହାକୁ ସ୍ଥାନୀୟ ଉପବନ ସଂରକ୍ଷିକା ମାଣିକେଶ୍ୱରୀ ହଂସଦା, ଆର୍ଯ୍ୟଭଟ୍ଟର ସ୍ୱେଚ୍ଛାସେବୀ ଓ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସୋନୀ ଖୋକର ସବୁଜ ପତାକା ଦେଖାଇ ଆରମ୍ଭ କରିଥିଲେ । ଏହି ଏକାଧିକ ସଚେତନତା ରଥ ଗଞ୍ଜାମ ଜିଲ୍ଲା



ତଥା ଆନ୍ଧ୍ରପ୍ରଦେଶର କିଛି ଅଞ୍ଚଳରେ ଜୁଲାଇ ମାସ ଶେଷ ଯାଏଁ ବୁଲି ପରିବେଶର ଭୟଙ୍କର ଅସନ୍ତୁଳନ, ତଦ୍‌ଜନିତ ଜୀବନ ହରଣକାରୀ ତାତି ବିଷୟରେ ସଚେତନ କରାଇବା ସହ ବ୍ୟାପକ ଭାବେ ବୃକ୍ଷ ରୋପଣ କରି ନିଜର ତଥା ନିଜ ବଂଶଧରଙ୍କ ଜୀବନ ରକ୍ଷାକରିବା ପାଇଁ ଅନୁରୋଧ କରିବ । ଏହାସହ ଜନସାଧାରଣଙ୍କୁ ଏକକ ବ୍ୟବହାର ପ୍ଲାଷ୍ଟିକ ଯଥା ପଲିଥିନ ବ୍ୟାଗ୍, ଷ୍ଟ୍ର, କପ୍ ପ୍ଲେଟ ଇତ୍ୟାଦି ବର୍ଜନ ପାଇଁ ନିବେଦନ କରିବା ସହ ଜଳ ସଂରକ୍ଷଣ ପାଇଁ ଅନୁରୋଧ କରିବ ।

ଗୁରୁବାର ଏହା ସହ ମଞ୍ଜି ଗୁଳା ମେସିନର ମଧ୍ୟ ଶୁଭାରମ୍ଭ ସୋନୀ ଖୋକରଙ୍କ ଦ୍ୱାରା କରାଯାଇଥିଲା ଓ ବୃକ୍ଷରୋପଣ କରାଯାଇଥିଲା । ଏହି ମଞ୍ଜି ଗୁଳା ଓ ମଞ୍ଜି ପୋତି ଲଣ୍ଡା ପାହାଡ଼ମାନଙ୍କରେ ସବୁଜିମା ସୃଷ୍ଟି କରିବା କାର୍ଯ୍ୟକ୍ରମ କରାଯିବ । ଏହି କାର୍ଯ୍ୟକ୍ରମରେ ଆର୍ଯ୍ୟଭଟ୍ଟ ପ୍ରକୃତି ଓ ପରିବେଶ ଫାଉଣ୍ଡେସନର ସ୍ୱେଚ୍ଛାସେବୀ ସୁଧୀର ରାଉତ, ଶ୍ୟାମସୁନ୍ଦର ଖାଡ଼ଙ୍ଗା, ଡ. ଶଙ୍କର ନାରାୟଣ ବେଜ, କୋମାଲୀ, ସୁବାସମିଶ୍ର, ବନମାଳୀ ପ୍ରଧାନ ଓ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସୁଶାନ୍ତ ମହାନ୍ତି, ଶୁଭେନ୍ଦୁ ପାତ୍ର, ଭୀମ ରାଜୁପାତ୍ର ଓ ମାଧବ ନାୟକ ପରିଚାଳନା କରିଥିଲେ ।

# ଦାଦାଙ୍କୁ ପଛରେ ପକାଇଲେ ହିଟ୍‌ମ୍ୟାନ୍

**ମୁମ୍ବାଇ**

ଦାଦାଙ୍କୁ ଟପିଲେ ହିଟ୍‌ମ୍ୟାନ୍ । ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କୁ ପଛରେ ପକାଇଛନ୍ତି ରୋହିତ ଶର୍ମା । ଆଇସିସି ଇଭେଣ୍ଟରେ ଅଧିକ ବିଜୟ କରାଇବାରେ ରୋହିତ ଶର୍ମା ଏବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ତାଙ୍କ ପଛକୁ ରହିଛନ୍ତି ସୌରଭ ଗାଙ୍ଗୁଲି । ଆଉ ପ୍ରଥମ ସ୍ଥାନରେ ରହିଛନ୍ତି କ୍ୟାପ୍ଟେନ୍ କୁଲ୍ ମହେନ୍ଦ୍ର ସିଂ ଧୋନୀ ।ଆଇସିସି ଇଭେଣ୍ଟରେ ବର୍ତ୍ତମାନ ଯାଏଁ ସବୁଠୁ ଅଧିକ ବିଜୟ କରିଥିବା ରେକର୍ଡ଼ ମହେନ୍ଦ୍ର ସିଂ ଧୋନୀଙ୍କ ନାଁରେ ରହିଛି । ଆଇସିସି ଟୁର୍ଣ୍ଣାମେଣ୍ଟରେ ଧୋନୀ ମୋଟ୍ ୫୮ଟି ମ୍ୟାଚ୍‌ରେ ଅଧିନାୟକତ୍ୱ କରିଛନ୍ତି, ଯେଉଁଥିରୁ ୪୧ଟି ବିଜୟ ହାସଲ କରିଛନ୍ତି । ଆଉ ତାଙ୍କ ପଛକୁ ଥିଲେ ଭାରତୀୟ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି (ଦାଦା) । ଆଇସିସି ଇଭେଣ୍ଟରେ ଗାଙ୍ଗୁଲି ୨୨ଟି ମ୍ୟାଚ୍‌ରେ କ୍ୟାପେଟନ୍ସିପ୍ କରିଥିଲେ । ଯେଉଁଥିରୁ ୧୬ଟିରେ ବଜୟ ହାସଲ କରିଛନ୍ତି । ଏହା ପଛକୁ ରହିଥିଲେ ରୋହିତ ଶର୍ମା । ହେଲେ ଆମେରିକା ବିପକ୍ଷ ମ୍ୟାଚ୍‌ରେ ବିଜୟ ହାସଲ କରି ରୋହିତ ଏବେ ଦାଦାଙ୍କୁ ପଛରେ ପକାଇ ଦେଇଛନ୍ତି । ଆଇସିସି ଇଭେଣ୍ଟରେ ରୋହିତ ଶର୍ମା ମୋଟ୍ ୨୦ଟି ମ୍ୟାଚ୍‌ରେ ଅଧିନାୟକ କରିଛନ୍ତି । ଯେଉଁଥିରୁ ୧୭ଟି ମ୍ୟାଚ୍‌ରେ ବିଜୟ ହାସଲ କରିଛନ୍ତି । ଏହା ପଛକୁ ରହିଛନ୍ତି ବିରାଟ କୋହଲି । ଯିଏ ୧୯ଟି ମ୍ୟାଚ୍‌ରେ ଅଧିନାୟକତ୍ୱ କରି ୧୩ଟିରେ ବିଜୟ ହାସଲ କରିଛନ୍ତି । ସେହିପର କପିଳ ଦେବ ୧୫ଟି ମ୍ୟାଚ୍‌ରେ ଅଧିନାୟକତ୍ୱ କରି ୧୧ଟିରେ ବିଜୟ ହାସଲ କରିଥିବା ବେଳେ ମହମ୍ମଦ ଆଝାରୁଦ୍ଦିନ ୨୫ଟି ମ୍ୟାଚର କ୍ୟାପଟେନ୍‌ସିପ୍ କରି ୧୧ଟିରେ ବିଜୟୀ ହୋଇଛନ୍ତି ।

# ଭଦ୍ରକ ଜିଲ୍ଲାରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ୧୦୫ ବାତ୍ୟାଶ୍ରୟ ସ୍ଥଳରେ ଜୁନ୍ ୧୯ରେ ହେବ ମକ୍‌ଡ୍ରିଲ୍

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ବନ୍ୟାବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଟେବୁଲ ଟପ୍ ଏକସର୍ସାଇଜ ଓ ମକଡ୍ରିଲ୍ ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସଦ୍‌ଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶାନ୍ତନୁ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ଗଡ଼ନାୟକ, ସି.ଡ଼ି.ଓ. ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର ପ୍ରମୁଖ ଯୋଗଦେଇ ବନ୍ୟା, ବାତ୍ୟା ଭଳି ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟରୁ ଧନ ଜୀବନ ରକ୍ଷା କରି ଶୂନ ମୃତ୍ୟୁ ଆଭିମୁଖ୍ୟ କୁ ସାକାର କରିବା ପାଇଁ ପ୍ରସ୍ତୁତିକୁ ସଦା ସଜାଗ ରଖିବା ନେଇ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଓ ନିର୍ଦ୍ଦେଶାନୁଯାୟୀ ଜିଲ୍ଲା, ବ୍ଲକ୍ ଓ ବାତ୍ୟାଶ୍ରୟ ସ୍ତରରେ ହେବାକୁ ଥିବା ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ପ୍ରସ୍ତୁତି, ଟେବୁଲଟପ୍ ଏକସରସାଇଜ ଓ ମକଡ୍ରିଲ ଆୟୋଜନ ନେଇ ତାରିଖ, ସମୟ ସହ ସଂପୃକ୍ତ ସମସ୍ତ ସୂଚନା ଦୃଶ୍ୟ ଫଳକ ଜରିଆରେ ଡେପୁଟୀ କଲେକ୍ଟର ଜରୁରୀକାଳୀନ ଅଧିକାରୀ ତନ୍ମିତା କର ସୁବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ । ସୂଚନା ଯୋଗ୍ୟ କି ଜୁନ୍ ୧୮ ତାରିଖ ପୂର୍ବାହ୍ନରେ ଜିଲ୍ଲାସ୍ତରରେ ଓ ଅପରାହ୍ନରେ ବ୍ଲକ୍ ଓ ପୌରାଞ୍ଚଳ ସ୍ତରରେ ଟେବୁଲଟପ୍ ଏକସରସାଇଜ ଓ ୧୯ ତାରିଖର ଜିଲ୍ଲାର ସମସ୍ତ ୧୦୫ଟି ଯାକ ବାତ୍ୟାଶ୍ରୟରେ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏ ସମସ୍ତ କାର୍ଯ୍ୟକ୍ରମରେ ସଂପୃକ୍ତ ଆଗ୍ରହୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟ, ସ୍ଥାନୀୟ ଲୋକ ପ୍ରତିନିଧି, ସଂପୃକ୍ତ ବିଭାଗୀୟ ଅଧିକାରୀ, ବାତ୍ୟାଶ୍ରୟ ପରିଚାଳକ



ଆଦି ସମସ୍ତଙ୍କୁ ସାମିଲ କରାଯିବା ପାଇଁ ପରାମର୍ଶ ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଏସ୍.ଆର.ସି.ଙ୍କ ପାଖରୁ ବନ୍ୟା ବାତ୍ୟା ନେଇ ଆସିବାକୁ ଥିବା ଡମି ବାର୍ତ୍ତା ଅନୁଯାୟୀ ମୁକାବିଲା ପାଇଁ ସଂପୃକ୍ତ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଅଞ୍ଚଳରେ ସୂଚନା ପ୍ରସାରଣ, ତଳିଆ ଅଞ୍ଚଳରୁ ମଣିଷ ଗୃହପାଳିତ ପଶୁ ସ୍ଥାନାନ୍ତର, ବାତ୍ୟାଶ୍ରୟରେ ସର୍ବନିମ୍ନ ମୌଳିକ ସୁବିଧା ଉପଲବ୍ଧ ଆନୁସଙ୍ଗିକ ଉପକରଣର କାର୍ଯ୍ୟକାରିତା ନେଇ ଅଭ୍ୟାସ ମୂଳକ ପ୍ରଦର୍ଶନ ପାଇଁ ସମସ୍ତ ପ୍ରସ୍ତୁତି ସଠିକ୍ ଭାବେ କରିବାକୁ ବୈଠକରେ ଉପସ୍ଥିତ ସଂପୃକ୍ତ ଅଧିକାରୀ କର୍ମକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ରାଜ୍ୟସ୍ତରୀୟ ପର୍ଯ୍ୟବେକ୍ଷକଙ୍କ ଆଗମନ ଓ ତାଙ୍କଦ୍ୱାରା ଉକ୍ତ ପ୍ରସ୍ତୁତି ଓ ମକଡ୍ରିଲ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମ ସମ୍ବନ୍ଧରେ ମଧ୍ୟ ସୂଚନା ପ୍ରଦାନ କରାଯାଇଥିଲା । ପ୍ରାକୃତିକ ବିପର୍ଯ୍ୟୟ ବେଳେ ବିଶେଷ କରି ସ୍ଥାନାନ୍ତର ପ୍ରକ୍ରିୟାରେ ଉଭୟ ମଣିଷ ଓ ଗୃହପାଳିତ ପଶୁ ମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା, ଲୋକଙ୍କ ପାଇଁ ରନ୍ଧାଖାଦ୍ୟ ପ୍ରସ୍ତୁତି, ଶୁଖିଲା ଖାଦ୍ୟ ମହଜୁଦ ରଖାଯିବା, ପାନୀୟ ଜଳ, ଶୌଚାଳୟ, ଆଲୋକ ଆଦି ସର୍ବନିମ୍ନ ସୁବିଧା ଉପଲବଧ କରାଯିବା, ଅଧିକ ବିପର୍ଯ୍ୟସ୍ତ ପ୍ରବଣ ଦିବ୍ୟାଙ୍ଗ, ଗର୍ଭବତୀ, ଶିଶୁ, ବୃଦ୍ଧ-ବୃଦ୍ଧା, କମ୍ୟୁନିଟି ଆଦିଙ୍କୁ ପୂର୍ବରୁ ଚିହ୍ନଟ କରାଯିବା ଏବଂ ସେମାନଙ୍କୁ ସଠିକ୍ ସମୟରେ ସ୍ଥାନାନ୍ତର କରାଯିବା ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଥିଲା । ପ୍ରତି ବିପର୍ଯ୍ୟୟର ମୁକାବିଲା ପାଇଁ ସଂପୃକ୍ତ ଅଧିକାରୀ, ସହାୟତା ପ୍ରଦାନକାରୀ ବ୍ୟକ୍ତି ଅନୁଷ୍ଠାନ ବିଶେଷ, ଡଙ୍ଗା, ଡଙ୍ଗା ଚାଳକ ଆଦିଙ୍କ ଠିକଣା ଯୋଗାଯୋଗ ନମ୍ବର ରଖିବାକୁ ମଧ୍ୟ ପରାମର୍ଶ ଦିଆଯାଇଥିଲା । ସଂପୃକ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ, ବି.ଡ଼ି.ଓ, ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ବୃନ୍ଦ ଏହି ବୈଠକରେ ଉପସ୍ଥିତ ଥିଲେ । ଓସ୍‌ଡ଼ମାର ଜିଲ୍ଲା ସଂଯୋଜକ ଅମ୍ଳାନ ଅନୁପମ ସେନାପତି ଏହି ବୈଠକ ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ ।

**GOVERNMENT OF ODISHA**
**e-Procurement Notice**
**OFFICE OF THE ADDITIONAL CHIEF ENGINEER**
**CENTRAL MINOR IRRIGATION CIRCLE, BHUBANESWAR**
**Phone/Fax (0674)2540559 cmic.bbsr@gmail.com**
**No. 986 Dt. 11.06.2024**
A-34

**e- Procurement Notice BID ID.NO.ACECMIC-01/2024-25**

| | |
|---|---|
| 1. Name of the Work | : As per Annexure to this bid notice. |
| 2. No. of Works | : 01 (One) No. |
| 3. Estimated Cost | : Approximate cost Rs 459 Lakh |
| 4. Class of Contractor | : 'A' class |
| 5. Period of Completion | : 11 (Eleven) Calendar Months. |
| 6. Date and Time of Availability of Bid Documents and Receipt of Bid Cost on online Payment mode in Portal | : From 26.06.2024 (10.00 Hrs) to 1 7.07.2024 (17.30 Hrs) in Website (www.tendersodisha.gov. in) |
| 7. Last Date/Time for receipt of Bids in the Portal | : 17. 07. 2024 (Upto 1 7.30 Hrs.) through online only. |
| 8. Date of Opening of Technical Bid | : 11.00 Hrs Onwards on 18.07.2024 in the O/o- Additional Chief Engineer, Central M.I. Circle, Bhubaneswar |
| 9. Name and Address of OIT | : Additional Chief Engineer, Central M.I. Circle, Bhubaneswar Plot No- A-8/2, Po: Bhoinagar, Bhubaneswar PIN: 751022 Dist: Khurda. Ph:0674-2540559 |

Further details can be seen from the e-procurement market place **http.//tendersodisha.gov.in.**

**Sd/- Additional Chief Engineer**
**OIPR-32047/11/0001/2425 Central M.I. Circle, Bhubaneswar**

**GOVRNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**DRAINAGE DIVISION, KENDRAPARA**
A-42
**E-PROCUREMENT NOTICE NO. DDKPD - 01 of 2024-25**
**e-mail- eedrnkpdeicwr.od@gov.in Phone No. 8763594078**

| | | | |
|---|---|---|---|
| 1. | Total Number of Package | : | **01 No.** Individual package |
| 2. | Nature of work | : | Stone packing |
| 3. | Estimated cost of Individual package ranging from | : | **Rs. 14.83 Lakhs** |
| 4. | Period of completion | : | **(05 Five)** Calendar months |
| 5. | Other details as follows | : | |

| Procurement Officer | Bid Identification No. | Availability of Tender On-Line | | Date & time of opening of tender at Superintending Engineer, Drainage Division, Kendrapara at Marshaghai |
|---|---|---|---|---|
| | | From | To | |
| Superintending Engineer, Drainage Division, Kendrapara | DDKPD-01 of 2024-25 | 18.06.2024 at 10.00 Hrs. | 27.06.2024 Up to 17.30 Hrs. | 28.06.2024 at 11.00 AM |

Further details can be seen from the Govt. web site www.tendersorissa.gov.in.
Date of Lottery (if required) : **03.07.2024 at 11.30 AM**

**Sd/- Superintending Engineer**
**OIPR-32356/11/0001/2425 Drainage Division, Kendrapara**

**BHUBANESWAR DEVELOPMENT AUTHORITY**
AKASH SHOVA BUILDING,
SACHIVALAYA MARG, BHUBANESWAR – 751001
*Visit us at: http://www.bda.gov.in*
**CAD-242**

**INVITATIONS FOR BIDS (IFB)**

**Bid Identification No 737** **dated. 13.6.2024**

1. Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in double Cover system conforming to the Detailed Tender Call Notice (DTCN) from Electrical Contractors having valid ***HT and above*** license registered under Government of Odisha, having PAN and valid EPF & ESI registration No., GST Certificate for the item of work mentioned in the table below.

| Sl No | Name of work | Estimated Cost (in Rs) | EMD (in Rs) | Cost of Tender Paper (In Rs) | Period of Completion |
|---|---|---|---|---|---|
| (1) | (2) | (3) | (4) | (5) | (6) |
| 1. | **Construction of LT line and multi meter panel for providing power supply to individual Shop owners by the TPCODL at Priyadarshini Market Complex, CRP Square, Bhubaneswar** | **24,26,882.00** | 1% of the estimated cost put to tender. (Through online transfer by the last date & time for receipt of bids) | 6,000/- +GST @18% (Through online transfer by the last date & time for receipt of bids) | **45(Forty five) days** |

2. The Bid documents will be available in the website: ***https://tendersodisha.gov.in*** from **18.06.2024** to **27.06.2024** up to **17.00 Hours.**
3. Bids along with cost of tender paper and EMD (Bid Security) shall be received only **"On line"** on or before **27.06.2024** up to **17.00 Hours**. The bidder must possess compatible Digital Signature Certificate (DSC) of Class-III.
4. Other details can be seen in the bidding documents.
5. The authority reserves the right to cancel any or all bids at any moment without assigning any reason thereof.
6. Any addendum/corrigendum/cancellation shall only be uploaded in the website: *https://tendersodisha.gov.in*

**Sd/- Executive Engineer**
**OIPR-13033/11/0018/2425 Division-IV, BDA**

# ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶିତ : ଟ୍ୱିଙ୍କିଲ ସାହୁ ଶ୍ରେଷ୍ଠ ଗ୍ରାଜୁଏଟ୍

**କେନ୍ଦୁଝର, ନ୍ୟୁଜ୍**

ପୂର୍ବତନ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ତଥା ବର୍ତ୍ତମାନର ଧରଣୀଧର ବିଶ୍ୱ ବିଦ୍ୟାଳୟର ଯୁକ୍ତ ୩ ଏବଂ ପିଜି ପରୀକ୍ଷା ଫଳ ବୁଧବାର ଦିନ ପ୍ରକାଶ ପାଇଛି । ଯୁକ୍ତ ୩ରେ କଳା, ବାଣିଜ୍ୟ ଓ ବିଜ୍ଞାନରେ ଶତକଡ଼ା ୯୦.୬୫ ପ୍ରତିଶତ ଫଳାଫଳ ହୋଇଥିବା ବେଳେ କଳାରେ ୯୦.୧୪ ପ୍ରତିଶତ, ବିଜ୍ଞାନରେ ୯୪.୫୫ ପ୍ରତିଶତ, ବାଣିଜ୍ୟରେ ୮୮.୫୧ ପ୍ରତିଶତ ରେଜଲ୍ଟ ହୋଇଛି । +୩ କଳାରେ ୨୮୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୫୬ ଜଣ, ବିଜ୍ଞାନରେ ୨୦୨ ଜଣଙ୍କ ମଧ୍ୟରୁ ୧୯୧ ଜଣ, ବାଣିଜ୍ୟରେ ୧୪୮ ଜଣଙ୍କ ମଧ୍ୟରୁ ୧୩୧ ଜଣ ପାସ୍ କରିଛନ୍ତି । ସେଲ୍‌ଫ ଫାଇନାନ୍ସ ବିବିଏ ଅନର୍ସରେ ୪୦ ଜଣଙ୍କ ମଧ୍ୟରୁ ୩୩ ଜଣ ପାସ କରିଛନ୍ତି । ମହାବିଦ୍ୟାଳୟର +୩ ପରୀକ୍ଷାରେ ୬୭୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୧୧ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ଚଳିତବର୍ଷ ଯୁକ୍ତ ୩ ଭୂତତ୍ତ୍ୱ ବିଜ୍ଞାନ ସମ୍ମାନରେ ଟ୍ୱିଙ୍କିଲ ସାହୁ ମୋଟ୍ ୨୭୫୦ ନମ୍ବରରୁ ୨୫୦୩ ନମ୍ବର ରଖି ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଶ୍ରେଷ୍ଠ ଗ୍ରାଜୁଏଟ୍ ବିବେଚିତ ହୋଇଛନ୍ତି । ବିଜ୍ଞାନରେ ମୋତିଲାଲ ସାହୁ ୨୭୫୦ ନମ୍ବରରୁ ୨୪୪୩ ନମ୍ବର ରଖି ଟପ୍ପର ହୋଇଛନ୍ତି । ସେହିଭଳି କଳାରେ ଆଫ୍ରିଦ ଆଲାମ ୨୭୫୦ ନମ୍ବରରୁ ୨୨୭୮ ନମ୍ବର ରଖି ଯୁକ୍ତ ୩ କଳାରେ ଟପ୍ପର ହୋଇଥିବାବେଳେ ବାଣିଜ୍ୟ ବିଭାଗରେ ମୌସୁମୀ ବାରିକ ୨୭୫୦ ରୁ ୨୨୪୧ ନମ୍ବର ରଖି ଟପ୍ପର ହୋଇଛନ୍ତି । ନୃତତ୍ତ୍ୱ ଅନର୍ସରେ ଆଫ୍ରିଦ ଆଲାମ୍ ୧୪୦୦ ରୁ ୧୨୨୦ ନମ୍ବର ରଖି ପ୍ରଥମ ହୋଇଛନ୍ତି । ଅର୍ଥନୀତି ସମ୍ମାନରେ ପୁନମ୍ ପ୍ରିୟଦର୍ଶିନୀ ସେଠୀ ୧୪୦୦ରୁ ୧୧୨୭ ନମ୍ବର ରଖି ପ୍ରଥମ ହୋଇଥିବା ବେଳେ ଇଂରାଜୀ ସମ୍ମାନରେ ଅଙ୍କିତ କୁମାର ଝା ୧୪୦୦ ରୁ ୧୧୨୮ ନମ୍ବର ରଖି ପ୍ରଥମ ହୋଇଛନ୍ତି । ଇତିହାସ ସମ୍ମାନରେ କୁଶ ପାତ୍ର ୧୪୦୦ରୁ ୧୧୨୩ ନମ୍ବର ରଖି ପ୍ରଥମ, ଗଣିତ ସମ୍ମାନ (କଳା)ରେ ରେଖା ମହାନ୍ତ ୧୪୦୦ ରୁ ୧୦୩୧ ନମ୍ବର ରଖି ପ୍ରଥମ ହୋଇଛନ୍ତି । ଓଡ଼ିଆ ସମ୍ମାନରେ ଋତୁପ୍ରଭା ମହାନ୍ତ ୧୪୦୦ ରୁ ୧୧୭୨ ନମ୍ବର ରଖି ପ୍ରଥମ ହୋଇଥିବା ବେଳେ ଦର୍ଶନଶାସ୍ତ୍ର ସମ୍ମାନରେ ଯଶୋଦା ମହାନ୍ତ ୧୪୦୦ ରୁ ୧୦୭୮ ନମ୍ବର ରଖି ପ୍ରଥମ ହୋଇଛନ୍ତି । ରାଜନୀତି ବିଜ୍ଞାନରେ ଶୁଦ୍ଧା ଗୁପ୍ତା ୧୪୦୦ ରୁ ୧୦୯୪ ନମ୍ବର ରଖି ପ୍ରଥମ ହୋଇଛନ୍ତି । ସଂସ୍କୃତ ସମ୍ମାନରେ ଶୁଭଲକ୍ଷ୍ମୀ ମହାନ୍ତ ୧୪୦୦ ରୁ ୧୧୪୪ ନମ୍ବର ରଖି ପ୍ରଥମ ହୋଇଛନ୍ତି । ସମାଜ ବିଜ୍ଞାନରେ ସୁଚିସ୍ମିତା ନାଏକ ୧୪୦୦ ରୁ ୧୧୧୦ ନମ୍ବର ଏବଂ ଶିକ୍ଷା ଶାସ୍ତ୍ରରେ ତମନ୍ନା ସାହୁ ୧୪୦୦ ରୁ ୧୧୨୭ ନମ୍ବର ରଖି ପ୍ରଥମ ହୋଇଛନ୍ତି । ଉଦ୍ଭିଦ ବିଜ୍ଞାନ ସମ୍ମାନରେ ମନସ୍ୱିନୀ ଓଝା ୧୪୦୦ ରୁ ୧୨୬୨ ନମ୍ବର ରଖି ପ୍ରଥମ ହୋଇଥିବା ବେଳେ ରସାୟନ ବିଜ୍ଞାନରେ ହରେକ୍ରିଷ୍ଣା ଜେନା ୧୪୦୦ ରୁ ୧୨୩୯ ନମ୍ବର, କମ୍ପ୍ୟୁଟର ବିଜ୍ଞାନରେ ସଂସ୍କାର ସ୍ୱରୂପ ଦାସ ୧୪୦୦ ରୁ ୧୨୪୮ ନମ୍ବର, ଭୂତତ୍ତ୍ୱ ସମ୍ମାନର ଟ୍ୱିଙ୍କିଲ ସାହୁ ୧୪୦୦ ରୁ ୧୩୧୧ ନମ୍ବର, ଗଣିତ ସମ୍ମାନରେ ଶ୍ରବଣ କୁମାର ମହାନ୍ତ ମୋତିଲାଲ ସାହୁ ୧୪୦୦ ରୁ ୧୩୨୩ ନମ୍ବର, ପଦାର୍ଥ ବିଜ୍ଞାନ ସମ୍ମାନରେ ସୌମ୍ୟରଞ୍ଜନ ପଲେଇ ୧୪୦୦ ରୁ ୧୨୭୨ ନମ୍ବର, ପ୍ରାଣୀ ବିଜ୍ଞାନ ସମ୍ମାନରେ ସୌମ୍ୟରଞ୍ଜନ ମହାନ୍ତ ୧୪୦୦ ରୁ ୧୨୬୮ ନମ୍ବର ରଖି ପ୍ରଥମ ହୋଇଛନ୍ତି । ବାଣିଜ୍ୟ ବିଭାଗ ସମ୍ମାନରେ ମୌସୁମୀ ବାରିକ ୧୪୦୦ ରୁ ୧୧୪୦ ନମ୍ବର ରଖି ପ୍ରଥମ ହୋଇଛନ୍ତି ବୋଲି ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପ୍ରଦୀପ କୁମାର ପଣ୍ଡା ଏବଂ ଉପ ପରୀକ୍ଷା ନିୟନ୍ତ୍ରକ ଡକ୍ଟର ରୁଦ୍ରକାନ୍ତ ମାଝୀ ସୂଚନା ଦେଇଛନ୍ତି । ପିଜି ପରୀକ୍ଷାରେ ପାସ୍ ହାର ୯୦.୯୧ ପ୍ରତିଶତ ରହିଛି । ପିଜି ରାଜନୀତି ବିଜ୍ଞାନରେ ପୂଜାରାଣୀ ସାହୁ ୮୩.୩୦ ପ୍ରତିଶତ, ରସାୟନ ବିଜ୍ଞାନରେ ସୌମ୍ୟରଞ୍ଜନ ମହାନ୍ତ ୮୨.୪୦ପ୍ରତିଶତ, ଭୂତତ୍ତ୍ୱ ବିଜ୍ଞାନରେ ଅଭିଷେକ ପତି ୮୫.୧୫ ପ୍ରତିଶତ, ବାଣିଜ୍ୟରେ ମନିଷା ମୁଖାର୍ଜୀ ୮୨.୧୫ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଛନ୍ତି । ରାଜନୀତି ବିଜ୍ଞାନରେ ୨୫ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୨ଜଣ ପାସ୍ କରିଥିବା ଜଣଙ୍କ ପରୀକ୍ଷା ସ୍ଥଗିତ ରହିଥିବା ବେଳେ ୨ଜଣ ଫେଲ ହୋଇଛନ୍ତି । ପାସ୍ ହାର ୯୧.୬୭ ପ୍ରତିଶତ ରହିଛି । ରସାୟନ ବିଜ୍ଞାନରେ ୧୨ ଜଣଙ୍କ ମଧ୍ୟରୁ ୮ଜଣ ପାସ କରିଛନ୍ତି, ସେଥିମଧ୍ୟରୁ ୪ଜଣ ଫେଲ୍ ହୋଇଛି । ଏହି ବିଷୟରେ ପାସ୍ ହାର (୬୬.୬୭) ରହିଛି । ଭୂତତ୍ତ୍ୱ ବିଜ୍ଞାନରେ ୮ରୁ ୮ଜଣ ପାସ୍ କରିଛନ୍ତି । ବାଣିଜ୍ୟରେ ୨୩ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୨ ଜଣ ପାସ୍ କରିଥିବାବେଳେ ଜଣଙ୍କ ପରୀକ୍ଷାଫଳ ସ୍ଥଗିତ ରହିଛି । ଏହି ବାଣିଜ୍ୟ ପିଜି ବିଭାଗରେ ମନୀଷା ମୁର୍ଖାଜୀ ଟପ୍ପର ହୋଇଛନ୍ତି । ବିଇଡିରେ ୪୦ଜଣଙ୍କ ମଧ୍ୟରୁ ଜଣଙ୍କ ୪୦ଜଣ ପାସ୍ କରିଛନ୍ତି । ବିଇଡିରେ ୮୭.୨୯ ପ୍ରତିଶତ ନମ୍ବର ରଖି ନିଳୀମା କୁମାରୀ ନାୟକ ଟପ୍ପର ହୋଇଛନ୍ତି । ଏହି ବିଷୟରେ ପାସ ହାର ୯୭.୯୫ ପ୍ରତିଶତ ରହିଛି । ସେଲ୍ଫ ଫାଇନାନ୍ସ ପିଜି (ପିଏମ୍‌ଆଇଆର) ୯୦.୪୮ ପ୍ରତିଶତ ଫଳାଫଳ ହୋଇଛି । ଏମ୍‌ବିଏରେ ୮୭.୨୩ ପ୍ରତିଶତ ଫଳାପଳ ହୋଇଛି । ଏମ୍‌ବିଏ (ଏଫଏମ) ୮୨.୨୬ ପ୍ରତିଶତ ଫଳାଫଳ ହୋଇଛି । ଧରଣୀଧର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତି, ପୂର୍ବତନ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଧରଣୀଧର ବିଶ୍ୱ ବିଦ୍ୟାଳୟର କୁଳସଚିବ ନରେନ୍ଦ୍ର କୁମାର ସାହୁ, ପରୀକ୍ଷା ନିୟନ୍ତ୍ରକ ପ୍ରାଧ୍ୟାପକ ପ୍ରଦୀପ କୁମାର ପଣ୍ଡା କୃତକାର୍ଯ୍ୟ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୪ ଜୁନ୍ ୨୦୨୪ଶୁକ୍ରବାର










ପୁରୀ : ଶପଥ ଗ୍ରହଣ କରିବା ପରେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା ଏବଂ ବିଜେପିର ନିର୍ବାଚିତ ସାଂସଦ ଓ ବିଧାୟକମାନେ। (ଫଟୋ : ସମ୍ବାଦ କଳିକା)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାଜ୍ୟ ଅତିଥି ...

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ସଚିବମାନଙ୍କୁ ଡାକି ଆଲୋଚନା କରିଥିଲେ। ଏହାସହିତ ବିଧାନସଭାର ଅଧିବେଶନ କେବେ ଆରମ୍ଭ କରିହେବ ସେନେଇ ପ୍ରାରମ୍ଭିକ ଭାବେ ସଂସଦୀୟ ବ୍ୟାପାର ବିଭାଗର ସଚିବ ଜି.ମାଥିଭାଥାନନ ଓ ବିଧାନସଭା ସଚିବ ଦାଶରଥୀ ଶତପଥୀଙ୍କ ସହ ମଧ୍ୟ ବିଚାରବିମର୍ଶ କରିଥିବା ଜଣାପଡ଼ିଛି। ଗୁରୁବାର ଠାରୁ ରାଜ୍ୟ ଅତିଥିଭବନର ପ୍ରଥମ ମହଲାକୁ ମୁଖ୍ୟମନ୍ତ୍ରୀଙ୍କ ଅସ୍ଥାୟୀ କାର୍ଯ୍ୟାଳୟ ଭାବେ ଉପଯୋଗ କରାଯାଉଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ ସରକାରର ୧୦୦ଦିନର କାର୍ଯ୍ୟ ଖସଡା ଚୂଡାନ୍ତ କରିବା ପାଇଁ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ବିଜେପିର ସଂକଳ୍ପ ପତ୍ର ଆଧାରରେ ୧୦୦ଦିନ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ପାଇଁ ବିଭିନ୍ନ ବିଭାଗର ଅଫିସରମାନଙ୍କୁ ପରାମର୍ଶ ଦିଆଯାଇଛି, ଯାହାକୁ ଖୁବଶୀଘ୍ର ମୁଖ୍ୟମନ୍ତ୍ରୀ ଅନୁମୋଦନ କରିବେ ବୋଲି ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବେ ନୂଆ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ପାଇଁ ସଜେଇ ହେଉଥିବାରୁ ଶ୍ରୀ ମାଝୀ ଏବେ ଅସ୍ଥାୟୀ ଭାବେ ରାଜ୍ୟ ଅତିଥି ଭବନର ପ୍ରଥମ ମହଲାରୁ ନିଜର କାର୍ଯ୍ୟ ଜାରି ରଖିବେ ବୋଲି ସୂଚନା ମିଳିଛି। ଗୁରୁବାର ଭୋରରୁ ପୁରୀରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବା ପରେ ରାଜ୍ୟ ଅତିଥି ଭବନରୁ ରହି ଶ୍ରୀ ମାଝୀ ନିଜର କାର୍ଯ୍ୟ ଆରମ୍ଭ କରିଥିଲେ। ପୁରା ଆଦ୍ୱନମୋଡରେ ଥିବା ନୂଆ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଭିନ୍ନ ବିଭାଗର ସଚିବମାନଙ୍କୁ ଡାକି କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିର୍ଦ୍ଦେଶ ଦେଇ ତାକୁ ତୁରନ୍ତ ପାଳନ କରିବା ପାଇଁ ମଧ୍ୟ ତାଗିଦ କରିଥିବା ଜଣାପଡ଼ିଛି।

## ସାଧାରଣ ଲୋକଙ୍କ...

ଦୀର୍ଘ ୩ ଘଣ୍ଟା ସମୟ ଧରି ଲୋକଙ୍କ ସୁବିଧା ଅସୁବିଧା ବିଷୟରେ ଏହି ବୈଠକରେ ଆଲୋଚନା ହୋଇଥିଲା । ବୈଠକ ପରେ ମୁଖ୍ୟମନ୍ତ୍ରୀ ନିଜେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଲୋକସେବା ଭବନ ଠାରେ କ୍ୟାବିନେଟ ବୈଠକରେ ୪ ଗୋଟି ଜନକୈନ୍ଦ୍ରୀକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ବିଷୟରେ ସୂଚନା ଦେଇଥିଲେ।

ପୁରୀରୁ ଫେରିବା ସମୟରେ ମୁଖ୍ୟମନ୍ତ୍ରୀ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଜନ୍ମସ୍ଥଳୀ ସୁଆଣ୍ଡୋ ଯାଇଥିଲେ। ସେଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରି ସୁଆଣ୍ଡୋ ଗ୍ରାମ ବୁଲି ଲୋକଙ୍କ ସହିତ ମିଶିଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ସେମାନଙ୍କ ଗହଣରେ ପାଇ ଗ୍ରାମବାସୀଙ୍କ ମନରେ ଆସିଥିଲା ଅଭୂତପୂର୍ବ ଉତ୍ସାହ। ବହୁତ ଖୁସି ହୋଇଯାଇଥିଲେ ସେମାନେ। କାରଣ ପୂର୍ବରୁ ଏହିଭଳି କାର୍ଯ୍ୟକ୍ରମରେ ସେମାନେ ବ୍ୟାପକ କଟକଣାର ସମ୍ମୁଖୀନ ହେଉଥିଲେ। ସେମାନେ ଅନୁଭବ କରିଛନ୍ତି ଯେ ସରକାର ସେମାନଙ୍କ ପାଖରେ ପହଞ୍ଚିଛନ୍ତି, ଲୋକଙ୍କ ସହିତ ଅଛନ୍ତି ସରକାର। ସୁଆଣ୍ଡୋରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସାଧାରଣ ଲୋକଙ୍କ ମନରେ ସରକାରଙ୍କ ପ୍ରତି ଭରସା ସୃଷ୍ଟି କରିବା ପାଇଁ ଆମ ସଂକଳ୍ପ ପତ୍ର'ରେ ଦିଆଯାଇଥିବା ପ୍ରତିଶ୍ରୁତି ଗୁଡିକ ହେଉଛି ପ୍ରଧାନମନ୍ତ୍ରୀ ମୋଦିଙ୍କ ଗ୍ୟାରେଣ୍ଟି। ସାଧାରଣ ଲୋକଙ୍କ ହିତକୁ ଆଖି ଆଗରେ ରଖି ଏସବୁ ସ୍ଥିନିତ କରାଯାଇଛି । ଖୁବଶୀଘ୍ର ଏହି ପ୍ରତିଶ୍ରୁତି ଗୁଡିକ ପୂରଣ କରାଯିବ ବୋଲି ସେ କହିଥିଲେ। ଶିକ୍ଷକତାରୁ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରି ପରେ ଜନସେବାକୁ ଗ୍ରହଣ କରିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରଳ ଜୀବନଯାପନରେ ବିଶ୍ୱାସ କରନ୍ତି । ଲୋକଙ୍କ ସେବା ହେଉଛି ତାଙ୍କ ଜୀବନର ମୂଳମନ୍ତ୍ର।

## ରଜରେ ଲୋକଙ୍କୁ ...

ଏହାର ପ୍ରଭାବରେ ମାଲକାନଗିରିରେ ପ୍ରବଳ ବର୍ଷା ହୋଇଥିଲା। ସେହି ସମୟରେ ରାଜ୍ୟର ଅନ୍ୟ ସ୍ଥାନକୁ ମୌସୁମୀ ପହଞ୍ଚି ନଥିଲେ ବି କାଳ ବୈଶାଖୀ ଯୋଗୁଁ ବର୍ଷା ରେକର୍ଡ କରାଯାଇଥିଲା। ଦାରିଙ୍ଗିବାଡ଼ି, ଟିଟିଲାଗଡ଼, କେନ୍ଦୁଝରଗଡ଼, ଫୁଲବାଣୀ, କୋରାପୁଟ, ଚନ୍ଦବାଲି, ଯାଜପୁର, ବାଲେଶ୍ୱର, ଅନୁଗୁଳ ଓ ଭଦ୍ରକରେ ବର୍ଷା ହୋଇଥିଲା। ତେବେ ୫ ଦିନ ପୂର୍ବରୁ ମୌସୁମୀ ବାୟୁ ଓଡ଼ିଶାରେ ପହଞ୍ଚି ଥିଲେ ବି ଏବେ ରାଜ୍ୟର ପଶ୍ଚିମାଞ୍ଚଳରେ ଗ୍ରୀଷ୍ମଲହରି ଜାରି ରହିଛି । ରାତି ପାହିଲେ ରାଜ୍ୟର ଗଣପର୍ବ ପହିଲି ରଜ ପାଳନ ହେଉଥିବା ବେଳେ ପ୍ରବଳ ଗରମ ଓ ଗୁଳୁଗୁଳିରେ ଲୋକେ ନାହିଁ ନଥିବା କଷ୍ଟ ଅନୁଭବ କରୁଛନ୍ତି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ଗୁରୁବାର ଗଣମାଧ୍ୟମକୁ କହିଛନ୍ତି, ମୌସୁମୀ ଅଗ୍ରସର ହେଉନାହିଁ । ରଜରେ ଲୋକଙ୍କୁ ଗୁଳୁଗୁଳି କଲବଲ କରିବ। ମୌସୁମୀ ବାୟୁ ଏବେ ମାଲକାନଗିରି, କୋରାପୁଟରେ ପ୍ରବେଶ କରିଛି। ଅନ୍ୟ ଅଞ୍ଚଳକୁ ୩ରୁ ୪ ଦିନରେ ଅଗ୍ରସର ହୋଇପାରେ। ପଶ୍ଚିମ ଓଡ଼ିଶାରେ ଆହୁରି ୪୮ ଘଣ୍ଟା ପାଇଁ ଗ୍ରୀଷ୍ମ ପ୍ରବାହ ଜାରି ରହିବ।

## ଅଜିତ ଡୋଭାଲ...

ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ଭାବେ ପୁଣିଥରେ ଅମିତ ଖାରେ ଓ ତରୁନ କପୁରଙ୍କୁ ନିଯୁକ୍ତି ଦେଇଛନ୍ତି । ଜୁନ ୧୦ରୁ ଉଭୟ ୨ ବର୍ଷ ପାଇଁ ପୁନଃ ନିଯୁକ୍ତି ପାଇଛନ୍ତି। ଗୁଇନ୍ଦା ବିଭାଗର ପୂର୍ବତନ ମୁଖ୍ୟ ଶ୍ରୀ ଡୋଭାଲ ହେଉଛନ୍ତି ପ୍ରଧାନମନ୍ତ୍ରୀ ମୋଦିଙ୍କ ଅନ୍ୟତମ ବିଶ୍ୱସ୍ତ ଅଧିକାରୀ। ସେ ୨୦୧୪ରୁ ଦେଶର ଜାତୀୟ ସୁରକ୍ଷା ପରାମର୍ଶଦାତା ଭାବେ କାର୍ଯ୍ୟ କରି ଆସୁଛନ୍ତି। ୧୯୬୮ କେରଳ କ୍ୟାଡରର ଆଇପିଏସ ଅଫିସର ଡୋଭାଲଙ୍କ କୀର୍ତ୍ତି ଚକ୍ର ଓ ଅଶୋକ ଚକ୍ର ସମ୍ମାନରେ ସମ୍ମାନୀତ କରାଯାଇଛି।

## ମୁଖ୍ୟମନ୍ତ୍ରୀ ମୋହନ...

ଏଥିସହ ଫେକ୍ ଓ ପ୍ରକୃତ ଆଇଡିର ହୋମ୍ ପେଜ୍ ପୋଷ୍ଟ କରିଛି ବିଭାଗ।

ଓଡ଼ିଶା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପୋଷ୍ଟ କରିଥିବା ପେଜରୁ ଦେଖିବାକୁ ମିଳିଛି ଦୁଇଟି(ଫେକ୍ ଓ ପ୍ରକୃତ)ର ମାଷ୍ଟହେଡ୍ ସମାନ ରହିଥିଲା ବେଳେ ଫେକ୍ ଆକାଉଣ୍ଟ @mohanmajhi_BJP ଲେଖାଯାଇଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ପ୍ରକୃତ 'ଏକ୍ସ' ଆକାଉଣ୍ଟ ହେଉଛି @MohanModisha। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଫେସ୍‌ବୁକ୍ ଆକାଉଣ୍ଟ https://facebook.com/ MohanMOdisha ରହିଥିବା ବେଳେ ଇନଷ୍ଟାଗ୍ରାମ ଆକାଉଣ୍ଟ ରହିଛି Instagram https://instagram.com/ mohanmodisha/ । ସୂଚନାଯୋଗ୍ୟ ଯେ ଗୁରୁବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀଙ୍କ ଫେକ୍ ଏକ୍ସ ଆକାଉଣ୍ଟରେ ୫-ଟି ଓ ମୋ ସରକାର ହଟାଗଲା ବୋଲି ଲେଖାଯାଇଥିଲା। ଏହା ପରେ ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରସାରଣ କରାଯାଇଥିଲା। ଏହା ପରେ ନାନା ଚର୍ଚ୍ଚା ଆରମ୍ଭ ହୋଇଥିଲା। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ରାଜ୍ୟ ସରକାର ଏହାର ସ୍ପଷ୍ଟୀକରଣ ରଖିଛନ୍ତି। ୫-ଟି ଓ ମୋ ସରକାର ସମ୍ପର୍କିତ ଖବର ପ୍ରକାଶ ପାଇଥିବା ଏକ୍ସ ଆକାଉଣ୍ଟଟି ମୁଖ୍ୟମନ୍ତ୍ରୀଙ୍କର ନୁହେଁ ବୋଲି ଓଡ଼ିଶା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି।

## ଅରୁଣାଚଳ ପ୍ରଦେଶର ...

ଖଣ୍ଡୁଙ୍କ ଶପଥ ଗ୍ରହଣର କିଛି ସମୟ ପରେ ଚୋନା ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି। ଖଣ୍ଡୁଙ୍କ ସହ ଅନ୍ୟ ୧୧ ଜଣ ବିଧାୟକ ମଧ୍ୟ ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି । ଏହି ଶପଥ ଗ୍ରହଣ ସମାରୋହ ଡୋରଜୀ ଖଣ୍ଡୁ ସମ୍ମିଳନୀ ହଲରେ ଅନୁଷ୍ଠିତ ହୋଇଥିଲା। ଅରୁଣାଚଳ ପ୍ରଦେଶରେ ବିଜେପି କ୍ରମାଗତ ତୃତୀୟ ଥର ପାଇଁ ୬୦ ସଦସ୍ୟ ବିଶିଷ୍ଟ ବିଧାନସଭାରେ ୪୬ ଟି ଆସନ ଜିତି ପୁଣି ଥରେ କ୍ଷମତାକୁ ଫେରିଛି। ଅରୁଣାଚଳ ପ୍ରଦେଶର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ ଅରୁଣାଚଳ ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଡୋରଜୀ ଖଣ୍ଡୁଙ୍କ ପୁଅ। ପେମା ଖଣ୍ଡୁ ପ୍ରଥମ ଥର ପାଇଁ ଜୁଲାଇ ୨୦୧୬ରେ କଂଗ୍ରେସରେ ଥିବାବେଳେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ମୁଖ୍ୟମନ୍ତ୍ରୀ ହେବା ପରେ ସେ ସେପ୍ଟେମ୍ବରରେ ଅରୁଣାଚଳର ପିପୁଲ୍ସ ପାର୍ଟିରେ ଯୋଗ ଦେଇଥିଲେ। ତେବେ ସେ ଡିସେମ୍ବର ୨୦୧୬ରେ ବିଜେପିରେ ଯୋଗ ଦେଇଥିଲେ।

## ପେପର ଲିକ୍ ...

ଧର୍ମେନ୍ଦ୍ର ପ୍ରଧାନ। ସେ ପରୀକ୍ଷାର୍ଥୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଯେ ଉଭୟ ସରକାର ଓ ଏନଟିଏ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ତତ୍ପର। ପେପର ଲିକ୍ ହୋଇନାହିଁ ସେପରି କୌଣସି ପ୍ରମାଣ ଏଯାବତ ମିଳିନାହିଁ ବୋଲି ସେ କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ମୁଁ ଛାତ୍ର ଏବଂ ସେମାନଙ୍କ ପିତାମାତାଙ୍କୁ ନିଶ୍ଚିତ କରିବାକୁ ଚାହୁଁଛି ଯେ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଭାରତ ସରକାର ଏବଂ ଏନଟିଏ ପ୍ରତିଶ୍ରୁତିବଦ୍ଧ। ୨୪ ଲକ୍ଷ ଛାତ୍ରଛାତ୍ରୀ ନିଟ ପରୀକ୍ଷା ଦେଇଛନ୍ତି। କୌଣସି ପେପର ଲିକ୍ ନେଇ ଏପର୍ଯ୍ୟନ୍ତ କୌଣସି ପ୍ରମାଣ ମିଳିନାହିଁ । କୋର୍ଟ ପ୍ରାୟ ୧୫୬୦ ଜଣ ଛାତ୍ରଙ୍କ ପାଇଁ ସୁପାରିସ କରାଯାଇଥିବା ମଡେଲ ଗ୍ରହଣ କରିଥିଲେ ଏବଂ ଏଥିପାଇଁ ଏକାଡେମୀର ଏକ ପ୍ୟାନେଲ ଗଠନ କରାଯାଇଥିଲା। ଆମେ କୋର୍ଟଙ୍କ ରାୟ ଗ୍ରହଣ କରିବୁ ବୋଲି ମନ୍ତ୍ରୀ କହିଛନ୍ତି।

## ରାଜ୍ୟସଭାରେ...

ସାଂସଦ କେ.ସି ଭେନୁଗୋପାଲ ଏବଂ ଦୀପେନ୍ଦ୍ର ହୁଡା ବିଜୟୀ ହୋଇଛନ୍ତି । ଭେନୁଗୋପାଲ ରାଜସ୍ଥାନରୁ ରାଜ୍ୟସଭା ସାଂସଦ ଥିବାବେଳେ ହୁଡା ହରିୟାଣାରୁ ରାଜ୍ୟସଭା ସାଂସଦ ଥିଲେ। ବର୍ତ୍ତମାନ ହରିୟାଣା ଏବଂ ରାଜସ୍ଥାନରେ ବିଜେପିର ସଂଖ୍ୟାଗରିଷ୍ଠତା ରହିଛି। ତେବେ ଏନଡିଏରୁ ଜେଜେପି ଅଲଗା ହେବା ଏବଂ କିଛି ମାସ ପରେ ନିର୍ବାଚନ ହେତୁ ହରିୟାଣାରେ ହେବାକୁ ଥିବା ଉପ-ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଦେବ କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଯଦି ଏହା ହୁଏ ତେବେ ଭୁପେନ୍ଦ୍ର ହୁଡା ନିଜ ପସନ୍ଦର ଜଣେ ନେତାଙ୍କୁ ପ୍ରାର୍ଥୀ କରିପାରନ୍ତି । ରାଜ୍ୟସଭାର ଯେଉଁ ୧୦ଟି ଆସନ ଖାଲି ହେବାକୁ ଯାଉଛି ସେଥିମଧ୍ୟରୁ ୭ଟି ଆସନରେ ବିଜେପିର କବଜା ରହିଛି । ଦୁଇଟି ସିଟ କଂଗ୍ରେସ ପାଖରେ ଥିବାବେଳେ ଗୋଟିଏ ସିଟ ଆରଜେଡି ଖାତାରେ ଅଛି। ବିହାର, ମହାରାଷ୍ଟ୍ର ଏବଂ ଆସାମରୁ ଦୁଇଟି ଆସନ ଖାଲି ଥିବାବେଳେ ରାଜସ୍ଥାନ, ତ୍ରିପୁରା, ହରିୟାଣା ଏବଂ ମଧ୍ୟପ୍ରଦେଶରୁ ଗୋଟିଏ ସିଟ ଖାଲି ଅଛି। ରାଜ୍ୟସଭା ଉପ-ନିର୍ବାଚନରେ ବିଜେପି ମଧ୍ୟ କଂଗ୍ରେସର ଦୁଇଟି ଆସନ ଜିତିବାକୁ ଯାଉଛି। କଂଗ୍ରେସର ଦୁଇଟି ଆସନ ହରିୟାଣା ଏବଂ ରାଜସ୍ଥାନରୁ ଆସିଛି, ଯେଉଁଠାରେ ବିଜେପି ବର୍ତ୍ତମାନ ସଂଖ୍ୟାଗରିଷ୍ଠତା ସରକାରରେ ଅଛି। ସେହିପରି ବିହାରରେ ମଧ୍ୟ ବିଜେପି କ୍ଷମତାରେ ଅଛି । ମହାରାଷ୍ଟ୍ର ଏବଂ ଆସାମ ମଧ୍ୟ ଏହିପରି ଦୁଇଟି ରାଜ୍ୟ, ଯେଉଁଠାରେ ବିଜେପି ବର୍ତ୍ତମାନ ନିଜର ସହଯୋଗୀମାନଙ୍କ ସହ ସରକାର ଚଳାଉଛି । ମଧ୍ୟପ୍ରଦେଶରେ ବିଜେପିର ସଂଖ୍ୟାଗରିଷ୍ଠତା ସରକାର ରହିଛି ଯଦି ଆମେ ତ୍ରିପୁରା ବିଷୟରେ କହିବା, ଏଠାରେ ମଧ୍ୟ ବିଜେପି ସରକାର ଅଛି । ସେଥିପାଇଁ ୧୦ଟି ସିଟ ମଧ୍ୟରୁ ୯ଟି ଜିତିବାର ବିଜେପି ପାଖରେ ସୁଯୋଗ ରହିଛି।

# ଏଥର ୨ଦିନ ହୋଇପାରେ ଶ୍ରୀଗୁଣ୍ଡିଚା ଯାତ୍ରା: ୫୩ ବର୍ଷ ପରେ ୧୩ ଦିନ ଅଣସର ନୀତି

**ପୁରୀ, ନ୍ୟୁଜ ବ୍ୟୁରୋ**



୫୩ ବର୍ଷ ପରେ ଚଳିତବର୍ଷ ୧୫ ଦିନ ବଦଳରେ ୧୩ ଦିନ ଅଣସର ପଡ଼ିଛି। ଯେଉଁଦିନ ନେତ୍ରୋତ୍ସବ, ସେହିଦିନ ନବଯୌବନ ଦର୍ଶନ ଓ ଶ୍ରୀଗୁଣ୍ଡିଚା ଯାତ୍ରା। ଏହାକୁ ନେଇ ଅଡୁଆ ସ୍ଥିତି ଉପୁଜିଛି। ହାତରେ ଦୁଇଦିନ କମ୍ ଥିବାରୁ ନୀତିକାନ୍ତିକୁ ନେଇ ଚିନ୍ତାରେ ପଡ଼ିଛନ୍ତି ସେବାୟତ। ୧୩ ଦିନ ଭିତରେ ସବୁ ନୀତିକାନ୍ତି କରିବା ସମ୍ଭବ ନ ଥିବାରୁ, ବିଶେଷକରି ଗୋଟିଏ ଦିନରେ ନେତ୍ରୋତ୍ସବ, ପହଣ୍ଡି ଲାଗି ସେନାପଟା ଓ କୁସୁମି ଲାଗି ଆଦି ଥିବାରୁ ସେବାୟତଙ୍କ ଚିନ୍ତା ବଢ଼ିଛି। ସମ ପରିମାଣରେ ଉଭୟ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ବି ଚିନ୍ତା ବଢ଼ିଛି। ଏଭଳି ଅଡୁଆ ସ୍ଥିତିରେ ଚଳିତବର୍ଷ ଗୋଟିଏ ଦିନରେ ଶ୍ରୀଗୁଣ୍ଡିଚା ଯାତ୍ରା ସମ୍ଭବ ନଥିବାରୁ ଏହା ଦୁଇଦିନ ଚାଲିବ ବୋଲି ସେବାୟତମାନେ ମତ ଦେଇଛନ୍ତି। ଚଳିତ ବର୍ଷ ସମୟ ଅଭାବ ଓ ନୀତି ଶୃଙ୍ଖଳା ପାଇଁ ନବଯୌବନ ଦର୍ଶନ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ତେବେ ଏଥର ନବଦିନାତ୍ମକ ଶ୍ରୀଗୁଣ୍ଡିଚା ଯାତ୍ରା ବି ୯ ଦିନରେ ଶେଷ ହେବ। ନବମ ଦିନରେ ଶ୍ରୀବିଗ୍ରହ ରଥାରୁଢ଼ ହୋଇ ବାହୁଡ଼ାଯାତ୍ରା କରିବେ। ୧୯୭୧ ମସିହାରେ ରଥଯାତ୍ରାରେ ଶ୍ରୀମନ୍ଦିର ନୀତିକାନ୍ତି ଆଧାରରେ ଚଳିତବର୍ଷର ନୀତିକାନ୍ତି କରିବାକୁ ଯୋଜନା କରାଯାଉଛି। ୧୯୭୧ ମସିହାର ନୀତିକାନ୍ତି ତର୍ଜମା ପରେ ଏଥର ପଟିଦିଅଁଙ୍କଠାରୁ ଆଜ୍ଞାମାଳ ପାଇବା ପରେ ତିନି ରଥ ସିଂହଦ୍ୱାର ଚକଡ଼ାକୁ ବିଜେ କରିବାକୁ ବି ଯୋଜନା ରହିଛି। ପରେ ରଥ ପ୍ରତିଷ୍ଠା ଓ ତିନି ଠାକୁରଙ୍କ ପହଣ୍ଡି ଆରମ୍ଭ ହେବ। ବରିଷ୍ଠ ଦଇତାପତି ବିଶ୍ୱାବସୁ ବିନାୟକ ଦାସମହାପାତ୍ର କହିଛନ୍ତି, ଶ୍ରୀଗୁଣ୍ଡିଚା ଦିନ ଯେତିକି ନୀତିକାନ୍ତି ରହିଛି, ତାହା ସରିଲା ବେଳକୁ ଭୋର ହୋଇଯିବ। ଯଦି ନୀତି ଠିକ୍‌ରେ ଚାଲେ, ସେନାପଟା ଲାଗି ଶେଷହେବା ସକାଳ ପ୍ରାୟ ୭ଟାରୁ ୮ଟା ହୋଇଯିବ। ପରେ ଅନ୍ୟାନ୍ୟ ନୀତିକାନ୍ତି ସରି ପହଣ୍ଡି ହେଲା ବେଳକୁ ଦ୍ୱିପ୍ରହର ହୋଇଯିବ। ପହଣ୍ଡି ସରି ରଥଟଣା ହେଲା ବେଳକୁ ସନ୍ଧ୍ୟା ହୋଇ ଯାଇଥିବ। ପ୍ରଥମେ ବଡ଼ଠାକୁରଙ୍କ ତାଳଧ୍ୱଜ ରଥ ଟଣା ହେବାର ବିଧି ରହିଛି। ଯାହା ଜଣାପଡୁଛି, ବିଧି ରକ୍ଷା ପାଇଁ କେବଳ ବଡ଼ଠାକୁରଙ୍କ ରଥ ଟଣା ସମ୍ଭବ ହୋଇପାରିବ। ବଡ଼ଠାକୁରଙ୍କ ତାଳଧ୍ୱଜ ରଥ କେବଳ ପାଦେ ଟଣା ହୋଇପାରିବ। ଅନ୍ୟ ରଥ ପରଦିନ ଟଣା ହେବ। ଚଳିତ ବର୍ଷ ଦୁଇଦିନରେ ରଥ ଶ୍ରୀଗୁଣ୍ଡିଚା ମନ୍ଦିରଠାରେ ପହଞ୍ଚିବେ। ନୀତିରେ ଯଦି କିଛି ପରିବର୍ତ୍ତନ କରାଯାଏ, ତେବେ କିଛି ହୋଇପାରେ ବୋଲି ଶ୍ରୀ ଦାସମହାପାତ୍ର କହିଛନ୍ତି। ଶ୍ରୀ ଦାସମହାପାତ୍ର କହିଛନ୍ତି, ଚଳିତବର୍ଷର ରଥଯାତ୍ରା ଏକ ବଡ଼ ଆହ୍ୱାନ। ଏହାକୁ ଶୃଙ୍ଖଳିତ କରିବା ପାଇଁ ଏକ ଦକ୍ଷ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ନିଯୁକ୍ତି ଦିଆଯାଉ। ନଚେତ୍ ରଥଯାତ୍ରାରେ ଅନେକ ବିଶୃଙ୍ଖଳା ହେବ ଓ କାହାରି ସହ କାହାରି ସମନ୍ୱୟ ରହିବନି ବୋଲି ସେ କହିଛନ୍ତି।

# ରଜ ମହୋତ୍ସବ ୨୦୨୪" ପାନ୍ଥନିବାସ ଭୁବନେଶ୍ୱରରେ ଉଦ୍ଘାଟିତ

## ରାଜ୍ୟରେ ଥିବା ସମସ୍ତ ଓଟିଡ଼ିସି ଆତିଥ୍ୟ ୟୁନିଟ୍ ଗୁଡିକରେ ସ୍ୱତନ୍ତ୍ର ରଜ ପିଠା ମେନୁ ଉପଲବ୍ଧ






**ଭୁବନେଶ୍ୱର, ୧୩/୦୬ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରସ୍ଥିତ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ (ଓଟିଡିସି) ମୁଖ୍ୟାଳୟରେ ରାଜ୍ୟର ଗଣପର୍ବ ତଥା ମହିଳାମାନଙ୍କ ନିମନ୍ତେ ଉତ୍ସର୍ଗୀକୃତ ରଜ ମହୋତ୍ସବ ପାଳନ ଉଦ୍ଘାଟିତ ହୋଇଛି । ମହିଳା ଏବଂ ଯୁବତୀମାନଙ୍କ ପାଇଁ ରଜ ଦୋଳି, ଅଳତା ଏବଂ ମେହେନ୍ଦି ସମେତ ରଜ ପର୍ବ ସମୟରେ ଓଡ଼ିଆ ସୁସ୍ୱାଦୁ ଖାଦ୍ୟକୁ ପ୍ରୋତ୍ସାହିତ କରି ଏହି ରଜ ମହୋତ୍ସବ ପାଳନ ଆରମ୍ଭ ହୋଇଛି । ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଏବଂ ଏକାମ୍ର ବିଧାୟକ ବାବୁ ସିଂ ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ତିନି ଦିନିଆ ଉତ୍ସବର ଏକ ଅଂଶ ଭାବରେ ଓଟିଡିସିର ସମସ୍ତ ଆତିଥ୍ୟ ୟୁନିଟ୍ ଗୁଡିକରେ ରଜର ସ୍ୱତନ୍ତ୍ର ସୁସ୍ୱାଦୁ ଖାଦ୍ୟ ଏବଂ ମିଠା ବିକ୍ରୟକୁ ସୁନିଶ୍ଚିତ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିସହ ପାନ୍ଥନିବାସରେ ପାରମ୍ପରିକ ରଜ ଦୋଳି ବ୍ୟବସ୍ଥା କରାଯାଇଛି ଏବଂ ଏହି ପର୍ବ ଅବସରରେ ଭୁବନେଶ୍ୱରସ୍ଥିତ ପାନ୍ଥନିବାସ ଭ୍ରମଣ କରୁଥିବା ମହିଳାମାନଙ୍କ ହାତକୁ ମାଗଣାରେ ମେହେନ୍ଦିରେ ସଜାଇବା ପାଇଁ ବ୍ୟବସ୍ଥା କରାଯାଇଛି । ଉତ୍ସବକୁ ମହନୀୟ କରିବା ପାଇଁ ରଜର ସୁସ୍ୱାଦୁ ପିଠା ଓ ମିଠା ବିକ୍ରୟ ପାଇଁ ତିନୋଟି "ପିଠା ଅନ୍ ହୁଇଲ" ଭ୍ୟାନ୍ ଉଦ୍‌ଘାଟିତ ହୋଇଛି ଏବଂ ମାଷ୍ଟର କ୍ୟାଣ୍ଟିନ, କିଟ୍ ସ୍କୋୟାର, ଆଇଟିଆର-ଖଣ୍ଡଗିରିରେ ସକାଳ ୮ ଟାରୁ ୧୨ ଘଟିକା ଏବଂ ଅପରାହ୍ନ ୪ ଟା ରୁ ୭ ଟା ପର୍ଯ୍ୟନ୍ତ ଏହି ଭ୍ୟାନ ଗୁଡିକ ଉପଲବ୍ଧ ହେବ। ଏହି ଭ୍ୟାନ୍ ଗୁଡିକ ରଜ ପିଠା ଏବଂ ଅନ୍ୟାନ୍ୟ ସୁସ୍ୱାଦୁ ଖାଦ୍ୟ ପ୍ରଦାନ କରିବ। 'ପିଠା ଅନ୍ ହୁଇଲ" ମଧ୍ୟ ସମ୍ବଲପୁରରେ ଉପଲବ୍ଧ ହେବ । ସିଲଭରସିଟି ବୋଟକ୍ଲବ୍, ଆଇଏସବିଟି କାଫେ ଏବଂ ଭୁବନେଶ୍ୱରସ୍ଥିତ ନିମନ୍ତ୍ରଣ ରେସ୍ତୋରାଁରେ ଆସନ୍ତା ୧୪ ଜୁନ୍‌ରୁ ୧୬ ଜୁନ୍ ତାରିଖ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ବିକ୍ରୟ ପାଇଁ ରଜ ପିଠା କାଉଣ୍ଟର ସ୍ଥାପନ କରାଯିବ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଜେନେରାଲ ମ୍ୟାନେଜର ଡଃ ଲଲାଟେନ୍ଦୁ ସାହୁ, ଉତ୍କଳ ପର୍ଯ୍ୟଟନ ନିଗମ କର୍ମଚାରୀ ସଂଘ କାର୍ଯ୍ୟକାରୀ ସଭାପତି ବେଣୁଧର ପାତ୍ର ଏବଂ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ସିବିରେ ଆସୋସିଏଟ୍ ପ୍ରଫେସର ନିଯୁକ୍ତି ବିବାଦ : ଫଳ ପ୍ରକାଶ ଉପରେ ହାଇକୋର୍ଟଙ୍କ ଅଙ୍କୁଶ

**କଟକ, ନ୍ୟୁଜ ବ୍ୟୁରୋ**




ଅପଥାଲମୋଲୋଜି ଆସୋସିଏଟ ପ୍ରଫେସର ପଦ ପୂରଣ ପ୍ରସଂଗକୁ ନେଇ ଦାୟର ମାମଲାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଡିଏମଇଟି, ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ଡିନ୍ ତଥା ଅଧ୍ୟକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି। ୪ ସପ୍ତାହ ଭିତରେ ମାମଲାରେ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଏସସିବି ଡିନ୍ ତଥା ଅଧ୍ୟକ୍ଷଙ୍କ ପକ୍ଷରୁ ଜୁନ ୫ରେ ଆସୋସିଏଟ ପ୍ରଫେସର ପଦ ପୂରଣ ପାଇଁ ପ୍ରକାଶିତ ବିଜ୍ଞପ୍ତି ଆଧାରରେ ଅନୁଷ୍ଠିତ ନିଯୁକ୍ତି ପ୍ରକ୍ରିୟାର ଫଳ ପ୍ରକାଶ ଉପରେ ହାଇକୋର୍ଟ ଅନ୍ତରୀଣ ଅଙ୍କୁଶ ଜାରି କରିଛନ୍ତି। ଜୁନ୍ ୫ର ବିଜ୍ଞପ୍ତି ଆଧାରରେ ଚୟନ ପ୍ରକ୍ରିୟା ଜାରି ରହିବ କିନ୍ତୁ ଅଦାଲତଙ୍କ ବିନା ଅନୁମତିରେ ଫଳ ପ୍ରକାଶ କରାଯିବ ନାହିଁ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୮କୁ ଧାର୍ଯ୍ୟ କରାଯାଇଛି । ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ଡାକ୍ତର ବି.କେ. ସାମନ୍ତରାୟ ଓ ଅନ୍ୟମାନଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

୨୦୨୧ର ନିୟମାବଳୀ ଅନୁସାରେ ଅପଥାଲମୋଲୋଜି ଆସୋସିଏଟ ପ୍ରଫେସର ପଦ ପଦୋନ୍ନତି ମାଧ୍ୟମରେ ପୂରଣ କରାଯାଇ ପାରିବ। ଡିଏମ୍‌ଇଟିଙ୍କ ତରଫରୁ ରାଜ୍ୟର ସମସ୍ତ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର ଡିନ୍ ତଥା ଅଧ୍ୟକ୍ଷଙ୍କୁ ତଥ୍ୟ ଦାଖଲ ଲାଗି ଅନୁରୋଧ କରାଯାଇଥିଲା। କିନ୍ତୁ ହଠାତ୍ ଏସସିବି ଡିନ୍ ଆସୋସିଏଟ ପ୍ରଫେସର ପଦ ପୂରଣ ନେଇ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ତେବେ, ଏପରି ବିଜ୍ଞପ୍ତି ପ୍ରକାଶ କରିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଦର୍ଶାଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା।

# ଜଘନ୍ୟ ଅତ୍ୟାଚାରର ନମୂନା : ଶିଶୁକନ୍ୟାଙ୍କୁ ଚେଙ୍କ ଦେଇ ମହିଳା ଅଟକ

**ଭୁବନେଶ୍ୱର, ୧୩/୦୬ ନ୍ୟୁଜ ବ୍ୟୁରୋ**

ଗୋଟିଏ ପଟେ ଶିଶୁଶ୍ରମିକ ପରି କୁତ୍ସିତ ବ୍ୟବସ୍ଥାକୁ ବନ୍ଦ କରିବା ଲାଗି ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଥିପାଇଁ ଲୋକଙ୍କୁ ସଚେତନ ମଧ୍ୟ କରାଯାଉଛି। ମାତ୍ର ଅନେକ ସମୟରେ ଶିଶୁଙ୍କ ଅଧିକାର ଛଡ଼ାଇ ନିଆଯିବା ସହ ସେମାନଙ୍କୁ ନିର୍ଯାତନା ଦିଆଯିବା ଭଳି ଦୁଃଖଦାୟକ ଘଟଣା ସାମ୍ନାକୁ ଆସୁଛି। ଯାହାର ଆଉ ଏକ ନଗ୍ନ ଉଦାହରଣ ଦେଖିବାକୁ ମିଳିଛି ଭୁବନେଶ୍ୱରରେ । ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ବିଭିନ୍ନ ସ୍ଥାନରେ ପାଳିତ ହେଉଥିବା ବେଳେ ଜଣେ କନ୍ୟା ଶିଶୁ ଶ୍ରମିକ ଉପରେ କ୍ରୁର୍ ଅକଥନୀୟ ଅତ୍ୟାଚାର ଘଟଣା ପଦାକୁ ଆସିଛି। ୧୧ ବର୍ଷ ବୟସରେ କଲମ ଧରି ନିଜ ଭାଗ୍ୟ ଲେଖିବା ବଦଳରେ ସେ ହେଉଛନ୍ତି ନିର୍ଯାତନାର ଶିକାର। ସୂଚନା ଅନୁଯାୟୀ, ଏକ ଆଦିବାସୀ କନ୍ୟାଙ୍କୁ ବିପିନ ଦିଗାଲ ଓ ଅନୁସା ଦିଗାଲଙ୍କ ଜରିଆରେ ଘରୋଇ ସହାୟିକା ଭାବେ ଭୁବନେଶ୍ୱର ଆସିଥିଲେ। ଦୀର୍ଘ ୧୦ମାସ ହେବ ନିୟୁ ଗଜପତିନଗରସ୍ଥିତ ଗଭର୍ଣ୍ଣମେଣ୍ଟ କଲୋନୀର ଏକ ଫ୍ଲାଟରେ ରହୁଥିବା ବଳଭଦ୍ର ବାରିକ ଓ ତାଙ୍କ ପତ୍ନୀ କିରଣବାଳା ବାରିକ ନିଜ ଘରେ ତାଙ୍କୁ ନିଯୁକ୍ତି ଦେଇଥିଲେ । କାମରେ ଅବହେଳା ହେତୁ ଶିଶୁଟି ଉପରେ ଅକଥନୀୟ ଭାବେ ଅତ୍ୟାଚାର କରାଯାଉଥିଲା। ତା'ର ପେଟରେ ଓ ହାତରେ ଗରମ ପ୍ରେସର୍ କୁକର ଦ୍ୱାରା ଚେଙ୍କ ମରାଯିବାରୁ ବଡ଼ ବଡ଼ ପୋଡ଼ା ଘା' ହୋଇଯାଇଥିଲା। କେବଳ ସେତିକି ନୁହେଁ ବେଲଣା କାଠି ମାଧ୍ୟମରେ ବାଡ଼େଇ ତା'ର ଆଖି ଓ ମୁହଁ ଉପରେ ଶକ୍ତ ଆଘାତ କରାଯାଇଛି । ଏବିଷୟରେ ପିଲାଟି କାନ୍ଦି କାନ୍ଦି ଜଣେ ପଡ଼ୋଶୀଙ୍କୁ କହିବାରୁ ସେ ତାକୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ପରେ ସ୍ଥାନୀୟ ସିଡିପିଓଙ୍କୁ ଜଣାଇଥିଲେ। ସିଡିପିଓଙ୍କ ଠାରୁ ଖବର ପାଇ ରୁଚିକା ସମାଜ ମଙ୍ଗଳ ସଂଗଠନର ଅକ୍ସେସ୍ ଟୁ ଜଷ୍ଟିସ ଫର୍ ଚିଲଡ୍ରେନ୍‌ର ଟିମ୍ ମେମ୍ବର ହରପ୍ରିୟା ପତି, ଘନଶ୍ୟାମ ଭୋଇ, ଅଜୟ କୁମାର ମହାରଣା ଓ ଶିବାନୀ ନାୟକ ଶିଶୁ ଶ୍ରମିକଟିଙ୍କୁ ଉଦ୍ଧାର କରି ମୈତ୍ରୀ ବିହାର ଥାନାରେ ଅଭିଯୋଗ କରିଛନ୍ତି। ନିର୍ଯାତନା ଦେଇଥିବା ସମ୍ପୃକ୍ତ ମହିଳାଙ୍କୁ ମୈତ୍ରୀବିହାର ଥାନା ପୁଲିସ ଅଟକ ରଖି ପଚରାଉଚରା କରୁଛି।

ସମ୍ବାଦ କଳିକା
ଭୁବନେଶ୍ୱର
୧୪ ଜୁନ୍
ଶୁକ୍ରବାର, ୨୦୨୪
RNI Regd. No. : 52640/94
Postal Regd. No. :
BN/60/22-24

# ସୁଆଣ୍ଡୋରେ ମୁଖ୍ୟମନ୍ତ୍ରୀ : ପଣ୍ଡିତ ଗୋପବନ୍ଧୁଙ୍କୁ ଦେଲେ ଶ୍ରଦ୍ଧାଞ୍ଜଳି

**ପୁରୀ, ୧୩/୦୬ ନ୍ୟୁଜ ବ୍ୟୁରୋ**

ଗୁରୁବାର ସକାଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମନ୍ତ୍ରିମଣ୍ଡଳ ସଦସ୍ୟମାନଙ୍କ ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି । ଏହାପରେ ପଣ୍ଡିତ ଗୋପବନ୍ଧୁଙ୍କ ଜନ୍ମସ୍ଥଳୀ ସୁଆଣ୍ଡୋ ଗସ୍ତ କରିଛନ୍ତି । ଏହି ସମୟରେ ମୁଖ୍ୟମନ୍ତ୍ରୀ ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ଏବଂ ଲୋକଙ୍କ ସହ କଥାବାର୍ତ୍ତା କରି ଖୁବଶୀଘ୍ର ସମସ୍ତ ପ୍ରତିଶ୍ରୁତି ପୂରଣ ହେବ ବୋଲି କହିଛନ୍ତି । ପୁରୀରେ ମହାବାହୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ପରେ ପଣ୍ଡିତ ଗୋପବନ୍ଧୁଙ୍କ ଜନ୍ମସ୍ଥଳୀ ସୁଆଣ୍ଡୋ ଗାଁ ବୁଲିଛନ୍ତି ମୁଖ୍ୟମନ୍ତ୍ରୀ । ସୁଆଣ୍ଡୋରେ ମୁଖ୍ୟମନ୍ତ୍ରୀ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା, ସାଂସଦ ଓ ବିଧାୟକମାନେ ସାମିଲ ଥିଲେ ।





ପୁରୀ ଶ୍ରୀ ମନ୍ଦିର ପରିକ୍ରମାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ବରିଷ୍ଠ ନେତୃବୃନ୍ଦ । (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ନୂତନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ 'ସମ୍ବାଦ କଳିକା' ପରିବାର ପକ୍ଷରୁ ଅଭିନନ୍ଦନ ଜଣାଉଛନ୍ତି ମୁଖ୍ୟ ରିପୋଟର ବିବେକାନନ୍ଦ ଜେନା, ବ୍ୟବସାୟିକ ରିପୋଟର ବାସୁଦେବ ବାରିକ ଏବଂ ଫଟୋ ସାମ୍ବାଦିକ ସଦାନନ୍ଦ ରଣା । ( ଫଟୋ : ସମ୍ବାଦ କଳିକା)

## ଟାଇମ୍ସ ହାୟର ଏଜୁକେସନ୍ 'ଇମ୍ପାକ୍ଟ' (ସାମାଜିକ ପ୍ରଭାବ) ର୍ୟାଙ୍କିଂ ୨୦୨୪

# ବିଶ୍ୱରେ ୬ ଓ ଭାରତରେ ଏକ ନମ୍ବର ସ୍ଥାନରେ କିଟ୍

**ଭୁବନେଶ୍ୱର, ୧୨।୬ ନ୍ୟୁଜ ବ୍ୟୁରୋ**

ପ୍ରତିବର୍ଷ ପରି ଚଳିତବର୍ଷ ଟାଇମ୍ସ ହାଇଅର ଏଜୁକେସନ୍ 'ଇମ୍ପାକ୍ଟ' (ସାମାଜିକ ପ୍ରଭାବ) ର୍ୟାଙ୍କିଙ୍ଗ ପ୍ରକାଶ ପାଇଛି । ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ସମଗ୍ର ବିଶ୍ୱରେ ୬ଷ୍ଠ ସ୍ଥାନରେ ରହିଥିବା ବେଳେ ଭାରତରେ ଏକ ନମ୍ବର ସ୍ଥାନରେ ରହିଛି । ବିଶ୍ୱର ଯେଉଁ ବିଶ୍ୱବିଦ୍ୟାଳୟସବୁ ଶିକ୍ଷାଦାନ ଓ ଗବେଷଣା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ସାମାଜିକ ପ୍ରଭାବ ସୃଷ୍ଟି କରିପାରୁଛନ୍ତି ସେହି ବିଶ୍ୱବିଦ୍ୟାଳୟକୁ ନେଇ ଟାଇମ୍ସ ହାୟର ଏଜୁକେସନ୍ ପ୍ରତିବର୍ଷ ଇମ୍ପାକ୍ଟ (ସାମାଜିକ ପ୍ରଭାବ) ର୍ୟାଙ୍କିଙ୍ଗ କରିଥାଏ । ଜାତିସଂଘର ୧୭ଟି ସ୍ଥାୟୀ ବିକାଶ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ଏହି ର୍ୟାଙ୍କିଙ୍ଗ କରାଯାଇଥାଏ । ବିଭିନ୍ନ ମାନଦଣ୍ଡକୁ ଭିତ୍ତି କରି ବିଭିନ୍ନ ବିଶ୍ୱବିଦ୍ୟାଳୟକୁ ର୍ୟାଙ୍କ ପ୍ରଦାନ କରାଯାଇଥାଏ । ଖୁସିର କଥା ଚଳିତ ବର୍ଷ ର୍ୟାଙ୍କିଙ୍ଗରେ ଓଡ଼ିଶାର କିଟ୍ ବିଶ୍ୱବିଦ୍ୟାଳୟ ରିଡ୍ୟୁସିଂ ଇନ୍ଇକ୍ୱାଲିଟି (ଅସମାନତା ଦୂର) କ୍ଷେତ୍ରରେ ସମଗ୍ର ବିଶ୍ୱରେ ୬ଷ୍ଠ ସ୍ଥାନରେ ରହିଥିବା ବେଳେ ଭାରତରେ ୧ ନମ୍ବର ସ୍ଥାନରେ ରହିଛି । ଏହାଛଡ଼ା ସମଗ୍ର ବିଶ୍ୱରେ ଶାନ୍ତି ଓ ନ୍ୟାୟରେ କିଟ୍‌ର ସାମାଗ୍ରିକ ର୍ୟାଙ୍କ ୭୧ରେ ଥିବା ବେଳେ ଭାରତରେ ୧ ନମ୍ବର ସ୍ଥାନରେ ରହିଛି । ସେହିପରି ବିଶ୍ୱରେ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ କିଟ୍ ବିଶ୍ୱବିଦ୍ୟାଳୟ ୫୫ତମ ସ୍ଥାନରେ ରହିଥିବା ବେଳେ ଭାରତରେ ୫ମ ସ୍ଥାନରେ ରହିଛି । ସହଭାଗିତା କ୍ଷେତ୍ରରେ ମଧ୍ୟ କିଟ୍ ବିଶ୍ୱବିଦ୍ୟାଳୟ ସମଗ୍ର ଭାରତରେ ୫ମ ସ୍ଥାନରେ ରହିଛି । କିଟ୍ ବିଶ୍ୱବିଦ୍ୟାଳୟର ଓଭରାଲ୍ ସ୍କୋର ୭୯.୩-୮୩.୯ ରହିଥିବା ବେଳେ କିଟ୍ ବିଶ୍ୱର ସମସ୍ତ ବିଶ୍ୱବିଦ୍ୟାଳୟ ମଧ୍ୟରେ ୨୦୧-୩୦୦ ସ୍ଥାନରେ ରହିଛି । କିଟ୍ ପୂର୍ବ ବର୍ଷ ଗୁଡ଼ିକ ଭଳି ଏବର୍ଷ ମଧ୍ୟ ନିଜର ବିଶ୍ୱ ର୍ୟାଙ୍କରେ ଉନ୍ନତି ଆଣିଥିବା ବେଳେ ଜାତିସଂଘର ସମସ୍ତ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କ୍ଷେତ୍ରରେ ସମଗ୍ର ଭାରତରେ କିଟ୍ ବିଶ୍ୱ ର୍ୟାଙ୍କରେ ଉନ୍ନତି ଆଣିଛି । ସମଗ୍ର ବିଶ୍ୱରେ ନିଜର ସ୍ଥିତିକୁ କିଟ୍ ଆଗକୁ ନେଇଥିବାରୁ ଏଥିରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଲେ, ଗୁଣାତ୍ମକ ଶିକ୍ଷା, ଶାନ୍ତି, ନ୍ୟାୟ ଓ ମଜଭୂତ ଅନୁଷ୍ଠାନ, ଅସମାନତା ହ୍ରାସ ତଥା ଲକ୍ଷ୍ୟ ହାସଲ ପାଇଁ ସହଭାଗିତା ଆଦି ମାନଦଣ୍ଡରେ ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ସ୍ଥାନୀତ ହୋଇ ରାଜ୍ୟ ତଥା ଦେଶର ଗୌରବ ବୃଦ୍ଧି କରିଛି । ଦଶନ୍ଧି ଦଶନ୍ଧି ଧରି ସମାଜ ପ୍ରତି କିଟ୍‌ର ଯୋଗଦାନର ଏହା ଏକ ପ୍ରତିଫଳନ ମାତ୍ର । ଏହି ସଫଳତା ପାଇଁ ଡ. ସାମନ୍ତ କିଟ୍‌ର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ଶୁଭେଚ୍ଛୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଓଡ଼ିଶାରେ ପ୍ରତିଷ୍ଠା ଲାଭ କରିଥିବା କିଟ୍ ବିଶ୍ୱବିଦ୍ୟାଳୟ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ସମଗ୍ର ବିଶ୍ୱରେ ନିଜର ପ୍ରଭାବ ବିସ୍ତାର କରିପାରିଛି ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି । କିଟ୍ ଏକ କମ୍ୟୁନିଟି-ଭିତ୍ତିକ ବିଶ୍ୱବିଦ୍ୟାଳୟ ହୋଇଥିବା ବେଳେ ଶିକ୍ଷା ଜରିଆରେ ଦାରିଦ୍ର୍ୟ ଦୂରୀକରଣ, ଗ୍ରାମାଞ୍ଚଳ ବିକାଶ, ଜନଜାତି ବିକାଶ, କଳା, ସଂସ୍କୃତି ଓ ସାହିତ୍ୟର ଉନ୍ନତି ଦିଗରେ କାର୍ଯ୍ୟ କରିଆସୁଛି ବୋଲି ଡ. ସାମନ୍ତ କହିଛନ୍ତି ।



## କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କଲେ ଧର୍ମେନ୍ଦ୍ର ପ୍ରଧାନ

# ଭାରତକୁ ଜ୍ଞାନର ଅର୍ଥନୀତି ଭାବରେ ପ୍ରତିଷ୍ଠିତ କରିବା ଲକ୍ଷ୍ୟ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୧୩/୦୬ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ସମେତ ଭାରତବର୍ଷରେ ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନକୁ ଗତି ଦିଆଯିବ । ବିଶେଷ ଭାବରେ ଓଡ଼ିଶାରେ ନବଗଠିତ ବିଜେପି ସରକାର ସହଯୋଗରେ ଓଡ଼ିଶାରେ ପିଏମ୍ ଶ୍ରୀସ୍କୁଲ ଓ ପିଏମ ଉଷାକୁ କାର୍ଯ୍ୟକାରୀ କରାଯିବା ସହ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରାଯିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମୋଦି ସରକାରଙ୍କ ତୃତୀୟ ପାଳିରେ ଗୁରୁବାର ବିଧିବଦ୍ଧ ଭାବେ ଶିକ୍ଷା ମନ୍ତ୍ରଣାଳୟର କାର୍ଯ୍ୟଭାର ଦାୟିତ୍ୱ ନେବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ମୋ ଉପରେ ନିରନ୍ତର ବିଶ୍ୱାସ ଓ ଭରସା ରଖି ଶିକ୍ଷା ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ । ଶିକ୍ଷାର ପ୍ରମୁଖ ଏଜେଣ୍ଡାରେ ମୂଳତଃ ଜାତୀୟ ଶିକ୍ଷା ନୀତିକୁ ଅଧିକରୁ ଅଧିକ କ୍ରିୟାନ୍ୱୟନ ଉପରେ ଗୁରୁତ୍ୱ ଦିଆଯିବ । ମୁଁ ଏବଂ ମୋର ଟିମ୍ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱ ଏବଂ ମାର୍ଗଦର୍ଶନରେ ଜାତୀୟ ଶିକ୍ଷା ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ନୂଆ ନୂଆ ମାର୍ଗ ପ୍ରସ୍ତୁତ କରିବୁ । ଭାରତବର୍ଷର ନୂଆପିଢ଼ିଙ୍କୁ ବୈଶ୍ୱିକ ସ୍ତରରେ ପହଞ୍ଚାଇବା ପାଇଁ ଶିକ୍ଷା ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବାଲବାଟିକାରୁ ଆରମ୍ଭ କରି ଗବେଷଣା କ୍ଷେତ୍ରରେ ସବୁ କାମକୁ ତ୍ୱରାନ୍ୱିତ କରାଯିବ । ଜାତୀୟ ଶିକ୍ଷା ନୀତି ରୂପକ ଦାର୍ଶନିକ ଦସ୍ତାବିଜ୍ ଆହୁରି ରୁଟେଡ୍ ହେବ । ଶିକ୍ଷା ଦୃଶ୍ୟପଟ୍ଟକୁ ଭବିଷ୍ୟତଗାମୀ କରାଯିବ । ଲୋକଙ୍କୁ ସଶକ୍ତ କରିବା ସହ ଭାରତକୁ ଏକବିଂଶ ଶତାବ୍ଦୀର ଜ୍ଞାନ ଅର୍ଥନୀତି ଭାବରେ ପ୍ରତିଷ୍ଠିତ କରିବା ଆମର ଲକ୍ଷ୍ୟ ରହିଛି । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ଅନେକ ବିଷୟରେ ସ୍ଥାନୀୟ ସରକାରର ଅସହଯୋଗ କାରଣରୁ ହୋଇପାରୁନଥିଲା । ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ (ପିଏମ-ଉଷା) ସମେତ ସରକାରୀ ସ୍କୁଲ ଗୁଡିକରେ ପିଏମ ଶ୍ରୀସ୍କୁଲକୁ ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରାଯାଇ ପାରୁନଥିଲା । ପିଏମ ଶ୍ରୀ ଯୋଜନାରେ ପ୍ରାୟ ୮୦୦ଟି ସରକାରୀ ସ୍କୁଲ ପିଏମ ଶ୍ରୀ ସ୍କୁଲରେ ବିକଶିତ ହେବା ସହ ୫ ବର୍ଷରେ ୧୬୦୦ କୋଟିରୁ ଅଧିକ ଟଙ୍କା ଆସିବ । ଓଡ଼ିଶାରେ ମାଟ୍ରିକ ପରୀକ୍ଷାରେ ଫର୍ମ ପୂରଣ କରି ପ୍ରାୟ ୫୦ ପ୍ରତିଶତ ପିଲାମାନେ ପରୀକ୍ଷା ଦେଉନଥିବା ବେଳେ ତାହା ଉପରେ ଦୃଷ୍ଟି ଦିଆଯିବ । ଓଡ଼ିଶାରେ ନବଗଠିତ ରାଜ୍ୟ ଏବଂ କେନ୍ଦ୍ର ସରକାରର ମିଳିତ ଉଦ୍ୟମରେ ଶିକ୍ଷାକୁ ଅଗ୍ରାଧିକାର ଦିଆଯିବ । ଓଡ଼ିଆ ଅସ୍ମିତାର ମୂଳ ବିଷୟ ହେଲା ଓଡ଼ିଶାର ବୌଦ୍ଧିକ କ୍ଷମତା । ରାଜ୍ୟର ଶିକ୍ଷା ବ୍ୟବସ୍ଥା ବହୁତ ଗଭୀର । ୧୯୩୬ ସୁଦ୍ଧା ଓଡ଼ିଶା ଭାଷାଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ ହେବ । ୨୦୪୭ ସୁଦ୍ଧା ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରିବ । ଏହି ସମୟ ସୀମା ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଭିଜନରେ ଗୁଣାତ୍ମକ ଶିକ୍ଷା ଆଧାରରେ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ସ୍ୱପ୍ନ ପୂରଣ ହେବ । ବୈଷୟିକ ଶିକ୍ଷା, ମେଡିକାଲ ଶିକ୍ଷା ଏବଂ ସ୍କିଲ୍ ଶିକ୍ଷା ଉପରେ ଯୋର୍ ଦିଆଯିବ । କେନ୍ଦ୍ରମନ୍ତ୍ରୀଙ୍କ ସହ ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଭାବରେ ଚୌଧୁରୀ ଜୟନ୍ତ ସିଂହ ଏବଂ ଡା. ସୁକାନ୍ତ ମଜୁମଦାର୍ ମଧ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି ।



# ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବରେ ବାବା ଅଭିରାମ ସରସ୍ୱତୀ





**ଭୁବନେଶ୍ୱର, ୧୩/୦୫ ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବରେ ବାବା ଅଭିରାମ ସରସ୍ୱତୀଙ୍କ ସହିତ ଅନେକ ଅଞ୍ଚଳରୁ ଆସିଥିବା ସାଧୁସନ୍ଥ ଯୋଗ ଦେଇଥିଲେ । ସରକାରୀ ସ୍ତରରେ ସେମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ବେଳେ ଉପସ୍ଥିତ ରହିବାକୁ ନିମନ୍ତ୍ରଣ କରାଯାଇଥିଲା । ବାବା ଅଭିରାମ ସରସ୍ୱତୀ ସମସ୍ତଙ୍କର ନେତୃତ୍ୱ ନେଇ ଅତ୍ୟନ୍ତ ଆନନ୍ଦିତ ମନରେ କହିଥିଲେ ପୂର୍ବରୁ କେବେ ମୁଖ୍ୟମନ୍ତ୍ରୀଙ୍କ ଶପଥ ପାଠକୁ ଆମମାନଙ୍କୁ ନିମନ୍ତ୍ରଣ କରାଯାଇନଥିଲା । ଏପରି ସୁଯୋଗ ମିଳିଥିବାରୁ ଆମେ ଅତ୍ୟନ୍ତ ଖୁସି । ଆଜି ଯାହା ଘଟିଛି ତାହା ଠାକୁରଙ୍କ ଏବଂ ଜନସାଧାରଣ ତଥା ଓଡ଼ିଶାବାସୀଙ୍କ ଇଚ୍ଛାରୁ ଘଟିଛି । ବାବା ଆହୁରି ମଧ୍ୟ କହିଥିଲେ ଯେ ଚତୁର୍ଥ ସ୍ତମ୍ଭର ଆଖି ଖୋଲି ଯାଇଛି । ତାଙ୍କ ନିକଟରେ ଉପସ୍ଥିତ ଥିବା ସମସ୍ତ ସାଧୁସନ୍ଥ ଏହି କଥାକୁ ସ୍ୱୀକାର କରିବା ସହ ଅତ୍ୟନ୍ତ ଆନନ୍ଦିତ ଥିବା ଦେଖାଯାଇଥିଲା ।

## କମିଶନରେଟ ପୋଲିସ ପଞ୍ଝାରେ ହାଇୱେ ଲୁଟେରା ଗ୍ୟାଙ୍ଗ

**ଭୁବନେଶ୍ୱର, ୧୩/୦୬ ନ୍ୟୁଜ ବ୍ୟୁରୋ**

କମିଶନରେଟ ପୋଲିସ ପଞ୍ଝାରେ ହାଇୱେ ଲୁଟେରା ଗ୍ୟାଙ୍ଗ । ୫ ଅଭିଯୁକ୍ତଙ୍କୁ ଗିରଫ କରିଛି ନୟାପଲ୍ଲୀ ଥାନା ପୋଲିସ । ଏମାନେ ସ୍ପିଡ୍ ବାଇକରେ ଆସି ଚଳନ୍ତା ଗାଡ଼ିରୁ ଲୁଟୁଥିଲେ ଚେନ୍ । ଚେନ୍ ଲୁଟ ପରେ ବଦଳାଇ ଦେଉଥିଲେ ଗାଡ଼ିର ନମ୍ବର ପ୍ଲେଟ । ଅଭିଯୁକ୍ତମାନଙ୍କ ନିକଟରୁ ବିପୁଳ ପରିମାଣର ସୁନା ଗହଣା, ବାଇକ ଓ ଟଙ୍କା ଜବତ ହୋଇଛି । ଗ୍ୟାଙ୍ଗର ମୁଖ୍ୟ ଆୟୁଷ୍ମାନ ଓ ଆୟସ ହୋଇଥିବା ଜଣାପଡିଛି । ଜଟଣୀରେ ରହି ଭୁବନେଶ୍ୱରରେ ଅପରେସନ କରୁଥିଲେ ଏହି ଗ୍ୟାଙ୍ଗ । ହାଇୱେରେ ଯାଉଥିବା ଲୋକଙ୍କୁ ଟାର୍ଗେଟ କରିବା ସହ ମହିଳାଙ୍କୁ ଅଧିକ ଟାର୍ଗେଟ କରନ୍ତି ଏମାନେ ।



ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପରେ ମହାପ୍ରଭୁଙ୍କ ଅଭଡ଼ା ଖାଉଛନ୍ତି ନେତୃବୃନ୍ଦ । ବାମରୁ ରାଜ୍ୟସଭା ସଦସ୍ୟ ସୁବାଶିଷ ଖୁଣ୍ଟିଆ, ପୁରୀ ଲୋକସଭା ସଦସ୍ୟ ସମ୍ବିତ ପାତ୍ର, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ରେଳବାଇ ଓ ସୂଚନା ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ପୁରୀ ବିଧାୟକ ସୁନୀଲ ମହାନ୍ତି ପ୍ରମୁଖ । (ଫଟୋ : ସମ୍ବାଦ କଳିକା)




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଶ୍ରୀମନ୍ଦିର ଚାରିଦ୍ୱାରର ରହିଛି ନିଜସ୍ୱ ବିଶେଷତା

**ପୁରୀ, ୧୩।୬ ନ୍ୟୁଜ ବ୍ୟୁରୋ**

ଦୀର୍ଘ ସମୟ ପରେ ଭକ୍ତମାନଙ୍କ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯାଇଛି । କରୋନା ସମୟରୁ ସରକାରଙ୍କ ଦ୍ୱାରା ଚାରିଦ୍ୱାର ଦେଇ ଶ୍ରୀମନ୍ଦିର ଭିତରକୁ ପ୍ରବେଶ ଉପରେ କଟକଣା ଲାଗୁ କରାଯାଇଥିଲା । ତେବେ କରୋନା ପରେ ପରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଉନ୍ନତିକରଣ କାର୍ଯ୍ୟ ଚାଲୁଥିବାରୁ ବା କୌଣସି କାରଣରୁ ସରକାର ଭକ୍ତମାନଙ୍କ ପାଇଁ ଚାରିଦ୍ୱାର ଖୋଲି ନଥିଲେ । ଗତ ନିର୍ବାଚନ ସମୟରେ ଏକ ପ୍ରସଙ୍ଗ କରି ଭାଜପା ପ୍ରତିଶ୍ରୁତି ଦେଇଥିଲା ଯଦି ତାଙ୍କ ଦଳ ସରକାରକୁ ଆସେ, ତେବେ ସେମାନେ ତୁରନ୍ତ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବେ । ତେବେ ବୁଧବାର ରାଜ୍ୟରେ ଭାଜପାର ପ୍ରଥମ ମୁଖ୍ୟମନ୍ତ୍ରୀ ତାଙ୍କର ପ୍ରଥମ ବୈଠକରେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବାକୁ ନିଷ୍ପତି ନେଇଥିଲେ । ତେବେ ଶ୍ରୀମନ୍ଦିରର ଏହି ଚାରିଦ୍ୱାରର ନିଜସ୍ୱ ବିଶେଷତା ରହିଛି । ଏହି ଚାରିଦ୍ୱାର ଚାରି ଜୀବଙ୍କୁ ପ୍ରତିନିଧିତ୍ୱ କରନ୍ତି । ପୂର୍ବ ଦ୍ୱାରରେ ସିଂହ ପ୍ରତିନିଧିତ୍ୱ କରୁଥିବାରୁ ଏହାକୁ "ସିଂହଦ୍ୱାର" ବୋଲି କୁହାଯାଏ । ପଶ୍ଚିମ ଦ୍ୱାରରେ ବାଘ ପ୍ରତିନିଧିତ୍ୱ କରୁଥିବାରୁ ଏହାକୁ "ବ୍ୟାଘ୍ରଦ୍ୱାର" ବୋଲି କୁହାଯାଏ । ଉତ୍ତର ଦିଗରେ ହାତୀ ପ୍ରତିନିଧିତ୍ୱ କରୁଥିବାରୁ ଏହାକୁ "ହସ୍ତୀଦ୍ୱାର" ବୋଲି କୁହାଯାଏ । ସେହିପରି ଦକ୍ଷିଣ ଦ୍ୱାରରେ ଘୋଡା ପ୍ରତିନିଧିତ୍ୱ କରୁଥିବାରୁ ଏହାକୁ ଅଶ୍ୱଦ୍ୱାର ବୋଲି କୁହାଯାଏ । **ସିଂହଦ୍ୱାରର ବିଶେଷତ୍ୱ:** ସିଂହଦ୍ୱାର ଉପରେ ଦୁଇଟି ସିଂହ ରହିଛନ୍ତି । ଏହି ଦୁଇଟି ସିଂହ ପ୍ରତିମା ମୋକ୍ଷ (ମୁକ୍ତି)ର ପ୍ରତୀକାତ୍ମକ ପ୍ରତିନିଧିତ୍ୱ ରୂପେ ରହିଛନ୍ତି । ବିଶ୍ୱାସ ରହିଛି ଯେ, ଏହି ଦ୍ୱାର ଦେଇ ମନ୍ଦିର ଭିତରକୁ ଗଲେ ମୋକ୍ଷ ମିଳିଥାଏ । **ଅଶ୍ୱଦ୍ୱାରର ମହତ୍ୱ:** ଘୋଡାର ଅବସ୍ଥିତି 'କାମ' ବା ଲୋଭକୁ ପ୍ରତିପାଦିତ କରେ । ଯେଉଁଠି ଜଗନ୍ନାଥ ଏବଂ ବଳଭଦ୍ର ନାମରେ ଦୁଇଟି ଘୋଡା ରହିଛନ୍ତି । କିମ୍ବଦନ୍ତୀ ଅନୁଯାୟୀ, ଭକ୍ତମାନେ ଏହି ଦ୍ୱାର ଦେଇ ପ୍ରବେଶ କରିବା ସମୟରେ ଲୋଭ ଅନୁଭବକୁ ବଳିଦାନ ଦିଅନ୍ତି । ଏହା ବିଜୟର ରାସ୍ତା ଭାବରେ ମଧ୍ୟ ଜଣାଶୁଣା । ରାଜାମାନେ ଏହି ଦ୍ୱାର ଦେଇ ମନ୍ଦିରରେ ପ୍ରବେଶ କରି ଯୁଦ୍ଧରେ ଜିତିବା ପାଇଁ ପ୍ରଭୁଙ୍କ ଆଶୀର୍ବାଦ ଲୋଡିଥାନ୍ତି । **ବ୍ୟାଘ୍ରଦ୍ୱାର ଗୁରୁତ୍ୱ:** ବାଘ ହେଉଛି ଧର୍ମର ପ୍ରତୀକ । ହିନ୍ଦୁ ଧର୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଦର୍ଶନ ଅଟେ । ପ୍ରତ୍ୟେକ ମୁହୂର୍ତ୍ତରେ, ଆଧ୍ୟାତ୍ମିକ ସନ୍ଧାନକାରୀ ତାଙ୍କର ଧର୍ମ ସହିତ ପାଳନ କରିବା ଆବଶ୍ୟକ କରନ୍ତି । ବ୍ୟାଘ୍ରଦ୍ୱାର ଦେଇ ମନ୍ଦିରରେ ପ୍ରବେଶ କରିବା ଭକ୍ତଙ୍କୁ ତାଙ୍କର ଧର୍ମ ବିଷୟରେ ମନେ ପକାଇଥାଏ ଏବଂ ଆତ୍ମାକୁ ସଜାଗ କରାଏ । ଏହି ଦ୍ୱାର ଦେଇ ସାଧୁ ଓ ସ୍ୱତନ୍ତ୍ର ଭକ୍ତମାନେ ପ୍ରବେଶ କରନ୍ତି । **ହସ୍ତୀଦ୍ୱାର:** ଏହି ଦ୍ୱାରର ଉଭୟ ପାର୍ଶ୍ୱରେ ହାତୀମାନଙ୍କର ବିରାଟ ମୂର୍ତ୍ତି ରହିଛି । ହାତୀ ଧନ-ମହା ଲକ୍ଷ୍ମୀ ଦେବୀଙ୍କ ପାଇଁ ରଥ ଭାବରେ ପରିଗଣିତ ହୁଏ । ଏହିଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କଲେ ଧନ ପ୍ରାପ୍ତି ହୋଇଥାଏ ।

## ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀଙ୍କ ମା' ମଙ୍ଗଳାଙ୍କୁ ଦର୍ଶନ

**ନିମାପଡ଼ା, ୧୩/୦୬ ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି ପ୍ରଭାତୀ ପରିଡ଼ା । ଶପଥ ଗ୍ରହଣ ପରେ ପ୍ରଥମ ଥର ପ୍ରଭାତୀ ଗୁରୁବାର ପୁରୀରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରିବା ସହିତ ସତ୍ୟବାଦୀ ସୁଆଣ୍ଡୋରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଆଶୀର୍ବାଦ ଓ କାକଟପୁରରେ ମାଆ ମଙ୍ଗଳାଙ୍କ ନିକଟରେ ପୂଜାର୍ଚ୍ଚନା କରିଛନ୍ତି । ଦର୍ଶନ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ବିଜେପି ସରକାର ଶପଥ ଗ୍ରହଣ କରିବାର ୨୪ ଘଣ୍ଟା ନ ପୁରୁଣୁ ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତି ମଧ୍ୟରୁ ୩/୪ ପୂରଣ କରିଛୁ । ଆଗାମୀ ଦିନରେ ଦେଇଥିବା ଅବଶିଷ୍ଟ ସଂକଳ୍ପ ପୂରଣ କରିବୁ ବୋଲି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ।

# ୩୦୦ କୋଟିର ସମ୍ପତ୍ତି ପାଇଁ ଶଶୁରଙ୍କୁ ହତ୍ୟା କଲା ବୋହୂ

**ନୂଆଦିଲ୍ଲୀ, ୧୩/୦୬**

୩୦୦ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ହାତେଇବା ପାଇଁ ବୋହୂ ରଚିଲା 'ଶଶୁର ହତ୍ୟା' ଷଡ଼ଯନ୍ତ୍ର । ଶଶୁର ପୁରୁଷୋତ୍ତମ ପୁଟ୍ଟେଶ୍ୱର ହେଉଛନ୍ତି ୮୨ ବର୍ଷୀୟ ବୃଦ୍ଧ । ୫୩ ବର୍ଷିୟା ବୋହୂ ଅର୍ଚ୍ଚନା ମନୀଶ ପୁଟ୍ଟେଶ୍ୱର ହେଉଛନ୍ତି ନାଗପୁର ଟାଉନ୍ ପ୍ଲାନିଂ ବିଭାଗର ଆସିଷ୍ଟାଣ୍ଟ ଡାଇରେକ୍ଟର । ତାଙ୍କ ଯୋଜନା ଗାଡ଼ି ଧକ୍କା କରାଇ ଶଶୁରଙ୍କୁ ମାରିଦିଆଗଲେ ସମସ୍ତେ ଭାବିବେ, ଦୁର୍ଘଟଣାରେ ଯାଇଛି ଜୀବନ । ହିଟ୍ ଆଣ୍ଡ ରନ୍ କେସ୍ । ଅର୍ଚ୍ଚନା ତାଙ୍କ ସ୍ୱାମୀଙ୍କ ଡ୍ରାଇଭର୍ ବାଗଡେଙ୍କୁ, ନୀରଜ ନିମଜେ ଓ ସଚ୍ଚିନ୍ ଧାର୍ମିକ ନାମକ ଅନ୍ୟ ଦୁଇ ଜଣ ବ୍ୟକ୍ତିଙ୍କୁ ଏନେଇ ଯୋଗାଯୋଗ କରି ଷଡ଼ଯନ୍ତ୍ରର ରୂପରେଖ ପ୍ରସ୍ତୁତ କଲେ । ଭଡ଼ାଟିଆ ହତ୍ୟାକାରୀଙ୍କୁ ଅର୍ଚ୍ଚନା ପ୍ରାୟ ୧ କୋଟି ଟଙ୍କା ଦେଲେ । ଗୋଟିଏ ପୁରୁଣା କାର୍ କିଣାଗଲା ଓ ସୁଯୋଗକୁ ଅପେକ୍ଷା କରାଗଲା । ପୁରୁଷୋତ୍ତମ ଦିନେ ହସପିଟାଲ ଯାଇଥିଲେ ତାଙ୍କ ପତ୍ନୀ ଶକୁନ୍ତଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖିବାକୁ । ଶକୁନ୍ତଳା ଏକ ଅସ୍ତ୍ରୋପଚାର ପରେ ହସପିଟାଲରେ ରହି ଧୀରେ ଧୀରେ ଆରୋଗ୍ୟ ଲାଭ କରୁଥିଲେ । ପୁରୁଷୋତ୍ତମ ହସପିଟାଲରୁ ଫେରିବା ବାଟରେ ତାଙ୍କୁ ଏକ କାର୍ ଧକ୍କା ଦେଇ ଘଟଣାସ୍ଥଳରୁ ଦ୍ରୁତ ଗତିରେ ପଳାୟନ କରିଥିଲା । ବୃଦ୍ଧଙ୍କ ଜୀବନ ଚାଲିଗଲା । ପୁଲିସ୍ ହିଟ୍ ଆଣ୍ଡ ରନ୍ କେସ୍ ରୁଜୁ କରି ତଦନ୍ତ ଚଳାଇ ଶେଷରେ ବାଗଡେ, ନୀରଜ ଓ ସଚ୍ଚିନଙ୍କୁ ଧରିଛି । ପୁଲିସ୍ ତିନି ଜଣଙ୍କ ନାମରେ ହତ୍ୟା ଓ ଅନ୍ୟ ଆଇପିସି ଦଫା ଲଗାଇଛି ଓ ହତ୍ୟା ଷଡ଼ଯନ୍ତ୍ର ଅପରାଧରେ ବୋହୂ ଅର୍ଚ୍ଚନାଙ୍କୁ ଗିରଫ କରିଛି । ତଦନ୍ତ ବେଳେ ପୁଲିସ୍ ଜାଣିବାକୁ ପାଇଛି ଯେ ଅର୍ଚ୍ଚନାଙ୍କ ଦପ୍ତରରେ ନାନା ଅନିୟମିତତା ତଥା ବେଆଇନ କାରବାର ଚାଲେ, ଲାଞ୍ଚ ନେଇ ସେ ବେଆଇନ ଲେ-ଆଉଟ୍‌କୁ କ୍ଲିୟର୍ କରନ୍ତି । ଅର୍ଚ୍ଚନାଙ୍କ ବିରୋଧରେ ଅନେକ ଅଭିଯୋଗ ଥିବା ସତ୍ତ୍ୱେ ନେତାମାନଙ୍କ ସହ ତାଙ୍କ ସମ୍ପର୍କ ଦୃଷ୍ଟିରୁ ତାଙ୍କର କିଛି ହୁଏନାହିଁ । ଏବେ ହତ୍ୟା ଷଡ଼ଯନ୍ତ୍ରରେ ତାଙ୍କ ଭୂମିକା ସାମ୍ନାକୁ ଆସିବାରୁ ତାଙ୍କ ଦାପ୍ତରିକ ବେଆଇନ କାର୍ଯ୍ୟକଳାପଗୁଡ଼ିକ ନେଇ ତଦନ୍ତ ପରିସରକୁ ବ୍ୟାପକ କରାଯିବା ସମ୍ଭାବନା ରହିଛି ।